# ହାତୀବେଶରେ ଶ୍ରୀଜୀଉ



■ ପୁରୀ, ୧୧।୬ (ସମିସ): ବୁଧବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ନିଜ ଜନ୍ମ ତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ମହାବାହୁ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି

**ଅଣସର ପିଣ୍ଡିକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି**

**ଆଜିଠୁ ଗୁପ୍ତ ସେବା, ଦର୍ଶନ ଦେବେ ପଟିଦିଅଁ**

ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ପ୍ରବଳ ଖରା ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଛୁଳି ପଡ଼ିଥିଲା ସିଂହଦ୍ୱାର ▶ପୃଷ୍ଠା-୭


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 42 ◆ISSUE-344 ◆BHUBANESWAR ◆THURSDAY ◆12 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୪୪ ◆ଭୁବନେଶ୍ୱର ◆ଗୁରୁବାର ◆୧୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ଶ୍ରୀକ୍ଷେତ୍ରରେ ଚାଞ୍ଚଲ୍ୟ**

# ସ୍ନାନ ପୂର୍ଣ୍ଣିମାରେ ସେବାୟତଙ୍କୁ ହତ୍ୟା

■ ପୁରୀ, ୧୧।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ମାଳ ମାଳ ପୁଲିସ। ସାହି ଗଳିରେ ବି ମୁତୟନ ହୋଇଛନ୍ତି ପୁଲିସ କର୍ମୀ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ ପ୍ଲାଟୁନ ଫୋର୍ସ ନିୟୋଜିତ ଥିବାବେଳେ ସମ୍ପୂର୍ଣ୍ଣ ସହରକୁ ଜଗିଛି ସିସି କ୍ୟାମେରା। ଏହାସତ୍ତ୍ୱେ ଶ୍ରୀକ୍ଷେତ୍ରରେ ଗଡ଼ିଛି ମୁଣ୍ଡ। ପବିତ୍ର ସ୍ନାନ ପୂର୍ଣ୍ଣମୀରେ ଜଣେ ବୃଦ୍ଧ ସେବାୟତଙ୍କୁ ହତ୍ୟା କରାଯାଇଛି। ଟାଉନ୍ ଥାନା ଅନ୍ତର୍ଗତ ଗୁଡ଼ିଆସାହିରେ ୮୩ ବର୍ଷୀୟ ସୁପକାର ସେବାୟତ ଜଗନ୍ନାଥ ଦୀକ୍ଷିତ୍‌ଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା ଘଟଣା ଆଧ୍ୟାତ୍ମିକ ପରିବେଶରେ ଭୟର ବାତାବରଣ

**ମୁଖ୍ୟ ଅଭିଯୁକ୍ତ ନାରାୟଣ ପାଟଯୋଶୀ ଗିରଫ**

**ଆଇନଶୃଙ୍ଖଳାର ଧଜିଆ ଉଡ଼ାଇଲେ ଦୁର୍ବୃତ୍ତ**

**ମୃତଦେହ ଫିଙ୍ଗିବା ଭିଡିଓ ସିସିଟିଭିରେ କଏଦ**

ଖେଳାଇ ଦେଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବାବେଳେ ଜଣେ ବରିଷ୍ଠ ସେବାୟତଙ୍କ ହତ୍ୟା ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ଉଠିଛି। ତେବେ ହତ୍ୟାକାରୀ ଗୁଡ଼ିଆସାହିର ନାରାୟଣ ପାଟଯୋଶୀ ଘଟଣାସ୍ଥଳରୁ ଫେରାର୍ ଥିବାବେଳେ ତାଙ୍କୁ ତାଙ୍କ ଶଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁରରୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲେ ହେଁ ଏ ନେଇ କୌଣସି ସ୍ପଷ୍ଟତା ଆସିନାହିଁ।

ପ୍ରକାଶ ଯେ, ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦେଖିବା ପାଇଁ ବୁଧବାର ଭୋରୁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ବିଶ୍ୱବ୍ୟାପୀ କୋଟି କୋଟି ▶ପୃଷ୍ଠା-୭

# ଯାଜପୁରରେ ବେକାବୁ ହେଉଛି ଡାଇରିଆ

**୭ ମୃତ** **ଆକ୍ରାନ୍ତ ସଂଖ୍ୟା ୫୦୦ ଟପିଲା**

■ ଯାଜପୁର/ଭୁବନେଶ୍ୱର, ୧୧।୬ (ସମିସ): ଯାଜପୁର ଜିଲ୍ଲାରେ ଦୁଇ ଦିନ ଧରି ଜାରି ରହିଥିବା ଡାଇରିଆ ଆତଙ୍କ ଥମିବାର ନାଁ ନେଉନାହିଁ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାଠାରୁ ଆରମ୍ଭ କରି ଯାଜପୁରରୋଡ୍, କୋରେଇ, ଦାନଗଦି ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଖୁନ୍ଦି ହୋଇଯାଇଛନ୍ତି। ଡାକ୍ତରଖାନାଗୁଡିକରେ ଶଯ୍ୟା ଅଭାବରୁ ଅନେକ ରୋଗୀ ବାରଣ୍ଡାରେ ଚିକିତ୍ସିତ

▶▶ **କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା**

▶▶ **ଯାଜପୁରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚିକିତ୍ସା**

▶▶ **ରାପିଡ୍ ଆକ୍ସନ୍ ଟିମ୍ ଓ ବିଶେଷଜ୍ଞ ଦଳ ମୁତୟନ**

▶▶ **କାରଣ ଖୋଜୁଛି ରାଜ୍ୟ ମାଇକ୍ରୋବାୟୋଲୋଜି ଟିମ୍**

ହେଉଥିବାବେଳେ ବହୁ ଲୋକ ଘରେ ଚିକିତ୍ସାଧୀନ ଅଛନ୍ତି।

ଗତକାଲି ଝାଡ଼ାବାନ୍ତି ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ଦାନଗଦି ବ୍ଲକ ଉଛବାଲି ପଞ୍ଚାୟତ ତରାଇଲୋ ଗାଁର ସୁଦର୍ଶନ ପାତ୍ର ଓ ବସନ୍ତ ପାତ୍ର, କୋରେଇ ବ୍ଲକ କନ୍ତୋର ପଞ୍ଚାୟତ ଜଳନ୍ଦା ଗାଁର ପଞ୍ଚାନ ମଳିକଙ୍କ



ପତ୍ନୀ ଜାନକୀ(୫୫), ବଡ଼ଚଣା ବ୍ଲକର ସମିଆଁ ପଞ୍ଚାୟତ କଳକଳା ଗ୍ରାମର ନଙ୍ଗୁଳି ନାୟକଙ୍କ ପୁଅ ମଦନମୋହନ ନାୟକ (୨୮) ଏବଂ ଶାଳପଡା ପଞ୍ଚାୟତ ତିଳପଦା ଗାଁର ଭାସ୍କର ▶ପୃଷ୍ଠା-୭

## ରାଜ୍ୟରେ ବିଜେପି ଶାସନକୁ ପୂରିଲା ବର୍ଷେ

# ସରକାରଙ୍କ ଉପରେ 'ପ୍ରତିଶ୍ରୁତି' ଚାପ

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ପୂରିବ ବର୍ଷେ। ଏହି ବର୍ଷକ ମଧ୍ୟରେ ସରକାର ନିଜ ଉପଲବ୍ଧିକୁ ଜୋରସୋର ଢଙ୍ଗରେ ପ୍ରଚାର କରୁଛନ୍ତି। ଏପରିକି ନିର୍ବାଚନୀ ଇସ୍ତାହାରରେ ରଖିଥିବା ୨୧ଟି ପ୍ରତିଶ୍ରୁତି ପୂରଣ ମଧ୍ୟରୁ ୧୧ଟି ପୂରଣ କରିଥିବା ସରକାର ଦାବି କରୁଛନ୍ତି। ତେବେ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଆକାଶପାତାଳ ଫରକ ଥିବା ରାଜନୈତିକ ସମୀକ୍ଷକ ଓ ବିରୋଧୀମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପାହାଡ଼ ପରି ପ୍ରତିଶ୍ରୁତି ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବାବେଳେ ହୁଗୁଳା ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା



**ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା ପାଲଟିଛି ହୁଗୁଳା ପ୍ରଶାସନ**

ପାଲଟିଛି। ଉତ୍ତମ ବିତ୍ତୀୟ ପରିଚାଳନା, ଶୃଙ୍ଖଳିତ ପ୍ରଶାସନ, ନିୟନ୍ତ୍ରଣାଧିନ ଆଇନ ଶୃଙ୍ଖଳା ଏବଂ ବିକାଶ କାର୍ଯ୍ୟକୁ ଗତି ଦେବା ଆଗାମୀ ବର୍ଷରେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିବା ଆଶଙ୍କା ସୃଷ୍ଟି କରିଛି।

ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ୨ ବର୍ଷରେ ୫୦ ହଜାର ଟଙ୍କା 'ସୁଭଦ୍ରା' ଭାଉଚର ପରିବର୍ତ୍ତେ ବର୍ଷକୁ ୧୦ ହଜାର ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ସହାୟତାକୁ ନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି। ଏ କ୍ଷେତ୍ରରେ ସରକାର ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଭତ୍ତା କ୍ଷେତ୍ରରେ ମଧ୍ୟ କେବଳ ୮୦ ବର୍ଷରୁ ଅଧିକ ଏବଂ ୮୦ % ▶ପୃଷ୍ଠା-୭







## ୭ ଦିନରେ ଦେଶର ତାପମାତ୍ରା ୮ରୁ ୧୩ ଡିଗ୍ରୀ ବୃଦ୍ଧି ପାଇଛି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସାରାଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗତ ୭ ଦିନ ମଧ୍ୟରେ ଦେଶବ୍ୟାପୀ ତାପମାତ୍ରା ୮ରୁ ୧୩ ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇଛି। ମଙ୍ଗଳବାର ପଞ୍ଜାବର ଭଟିଣ୍ଡାରେ ତାପମାତ୍ର ୪୭.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଦେଶର ସବୁଠାରୁ ଉତ୍ତପ୍ତ ସହର ବିବେଚିତ ହୋଇଛି। ସେହିପରି ହରିୟାଣାର ସିର୍ସାରେ ମଙ୍ଗଳବାର ତାପମାତ୍ରା ୪୬.୨ ଡିଗ୍ରୀ ରହିଥିଲା। ରାଜସ୍ଥାନରେ ମଧ୍ୟ ହିଟ୍‌ୱେଭ୍ ଜାରି ରହିଛି। ରାଜସ୍ଥାନର ୩ଟି ସହରର ତାପମାତ୍ରା ୪୬ ଡିଗ୍ରୀରୁ ଊର୍ଦ୍ଧ୍ୱ ରେକର୍ଡ କରାଯାଇଛି। ଶ୍ରୀଗଙ୍ଗାନଗରରେ ୪୭.୪, କୋଟାରେ ୪୬.୩ ଓ ବିକାନେରରେ ତାପମାତ୍ର ୪୬ ଡିଗ୍ରୀ ରହିଥିଲା। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶରେ ଆଗାମୀ ଦୁଇଦିନ ଲୁ ସତର୍କତା ଜାରି କରାଯାଇଛି। ଅନ୍ୟପଟେ କେରଳରେ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି।

## ଦୁଷ୍କର୍ମ ପୀଡିତାଙ୍କୁ ଗର୍ଭପାତ ପାଇଁ ହାଇକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଜଣେ ୧୪ ବର୍ଷୀୟା ଦୁଷ୍କର୍ମ ପୀଡିତା ନାବାଳିକାଙ୍କୁ ଗର୍ଭପାତି ପାଇଁ ବମ୍ବେ ହାଇକୋର୍ଟ ଅନୁମତି ଦେଇଛନ୍ତି। ପୀଡିତା ୨୪ ସପ୍ତାହର ଗର୍ଭବତୀ ଅଛନ୍ତି। ଯଦି ଚାହନ୍ତି ତେବେ ସେ ଗର୍ଭପାତ କରାଇପାରିବେ ବୋଲି କୋର୍ଟ କହିଛନ୍ତି। ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ଏହି ଘଟଣା ଘଟିଛି। ଜଣେ ଯୁବକ ଇନଷ୍ଟାଗ୍ରାମ୍‌ରେ ନାବାଳିକାଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବା ପରେ ତାଙ୍କର ଯୌନ ଶୋଷଣ କରିଥିଲେ। ପୀଡିତାଙ୍କ ପିରିୟନ ନ ହେବା ଫଳରେ ତା'ର ମାଙ୍କ ସନ୍ଦେହ ହୋଇଥିଲା। ଟେଷ୍ଟ ପରେ ସେ ଗର୍ଭବତୀ ଅଛନ୍ତି ବୋଲି ମା ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ଯୁବକଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି। ମେଡିକାଲ ଯାଞ୍ଚ ପରେ କୋର୍ଟ ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି।

## ଇରାନ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ନିଆଁ: ୩ ମୃତ

ତେହେରାନ୍, ୧୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ୍‌ର ବୁସେହର ରାଜ୍ୟରେ ଥିବା କାଭେସ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ଭିଷଣ ନିଆଁ ଲାଗିଛି। ଏହି ଘଟଣାରେ ୩ଜଣ ମୃତ୍ୟୁ ବରଣ କରିଛନ୍ତି। ବୁଧବାର ଏହି ପ୍ଲାଣ୍ଟରେ ନିଆଁ ଲାଗିଥିଲା ଓ ଅଣାୟତ ହୋଇଥିଲା। ୧୦ ଜଣ ଲୋକ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମ ତରଫରୁ ସୂଚନା ଦିଆଯାଇଛି। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ତେହେରାନଠାରୁ ଏହି ପ୍ଲାଣ୍ଟ ୧, ୨୦୦ କିମି ଦକ୍ଷିଣରେ ଅବସ୍ଥିତ। ଉଲ୍ଲେଖଥାଉ କି, ପାଖାପାଖି ମାସକ ପୂର୍ବରୁ ବନ୍ଦର ଆବାସସ୍ଥିତ ଶହିଦ ରାଜି ପୋର୍ଟରେ ଘଟିଥିବା ଏକ ବଡ଼ ଧରଣର ବିସ୍ଫୋରଣରେ ୫୮ ଲୋକ ମୃତ୍ୟୁବରଣ କରିଥିଲେ ଓ ପ୍ରଭୁତ କ୍ଷତି ଘଟିଥିଲା।

## ହିମାଚଳରେ ଇସ୍ରାଏଲ୍ ପର୍ଯ୍ୟଟକ ନିଖୋଜ

ଧର୍ମଶାଳା, ୧୧।୬(ଏଜେନ୍ସି): ହିମାଚଳ ପ୍ରଦେଶରେ ସାମୁଏଲ୍ ଭେଙ୍ଗରିନୋଭିକ ନାମକ ଜଣେ ବିଦେଶୀ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ସେ ୩୫ରୁ ୪୦ ବର୍ଷ ବୟସ୍କ ବୋଲି ଅନୁମାନ କରାଯାଉଛି ଓ ଇସ୍ରାଏଲର ନାଗରିକ ବୋଲି ଜଣାଯାଇଛି। ଧର୍ମଶାଳାରେ ଟ୍ରାକିଂ ରୁଟ୍ ତ୍ରିୟୁଣ୍ଡରୁ ସେ ନିଖୋଜ ହୋଇଛନ୍ତି। ତାଙ୍କ ସାଥି ଏଡିବଲମ୍ ସୋମବାର ମେକ୍ଲୋଡଗଞ୍ଜ ଥାନାରେ ଏ ନେଇ ସୂଚନା ଦେଇଛନ୍ତି। ସେ ଜୁନ୍ ୬ରେ ଟ୍ରାକିଂ କରିବାକୁ ବାହରିଥିଲେ ଓ ରାତି ପର୍ଯ୍ୟନ୍ତ ଫେରିନାହାନ୍ତି। ସାମୁଏଲ ଧର୍ମକୋଟରେ ରହୁଛନ୍ତି। ୫ଜଣ ଲୋକ ହିମାଚଳ ଯାତ୍ରାରେ ଆସିଥିଲେ। କିନ୍ତୁ ସାମୁଏଲ ଟ୍ରାକିଂ ବେଳେ ନିଖୋଜ ହୋଇଥିଲେ। ଫଳରେ କାଙ୍ଗରା ଜିଲ୍ଲା ପ୍ରଶାସନ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏ ନେଇ ସ୍ଥାନୀୟ ଲୋକଙ୍କୁ ସୂଚନା ଦେବାକୁ ଅପିଲ କରାଯାଇଛି। ଏ ସଂକ୍ରାନ୍ତରେ ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସକୁ ସୂଚନା ଦିଆଯାଇଛି।

## ଜଳନ୍ତା ଜାହାଜରୁ ୧୮ ଉଦ୍ଧାର

ତାଇପେ ସିଟି, ୧୧।୬(ଏଜେନ୍ସି): ଭାରତୀୟ ନୌବାହିନୀକୁ ଚୀନ୍ ପରେ ତାଇୱାନ କୃତଜ୍ଞତା ଜଣାଇଛି। ଆରବ ସାଗରରେ କେରଳର କୋଚିଠାରୁ ପାଖାପାଖି ୪୪ ନୋଟିକାଲ ମାଇଲ୍ ଦୂରରେ ଏକ କଣ୍ଟେନର ଜାହାଜ ଏମ୍‌ଭି ୱାନ ହାଇ ୫୦୩ରେ ଜୁନ୍ ୯ରେ ଏକ ବିସ୍ଫୋରଣ ପରେ ଭୀଷଣ ନିଆଁ ଲାଗିଥିଲା। ନିଆଁ ଦ୍ରୁତଗତିରେ ବ୍ୟାପିଥିଲା ଓ ଆହୁରି କେତୋଟି ବିସ୍ଫୋରଣ ହୋଇଥିଲା। ଫଳରେ ଜାହାଜ ବୁଡ଼ିବା ଭଳି ସ୍ଥିତି ଉପୁଜିଥିଲା। ନୌବାହିନୀ ଏହି ଜାହାଜରୁ ୧୮ ଜଣ କ୍ରିୟୁ ମେମ୍ବରଙ୍କୁ ଉଦ୍ଧାର କରିଥିଲା। ଏମାନଙ୍କ ମଧ୍ୟରେ ଚୀନ୍ ଓ ତାଇୱାନର କେତେଜଣ ନାଗରିକ ରହିଥିଲେ। ତେଣୁ ଚୀନ୍ ଓ ତାଇୱାନ ଭାରତୀୟ ନୌବାହିନୀ ସାହସିକତା ଓ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇନ୍ତି। ଏଥିସହ ଆହତ ହୋଇଥିବା କ୍ରିୟୁ ମେମ୍ବରଙ୍କୁ ଶୀଘ୍ର ଉପଚାର କରାଇବାକୁ ଦୁଇ ଦେଶର ଅଧିକାରୀ ଆଶା ପ୍ରକାଶ କରିଛନ୍ତି। ଏହି ଜାହାଜ ଶ୍ରୀଲଙ୍କାର କଲମ୍ବୋରୁ ମୁମ୍ବଇର ହ୍ନାବା ସେବା ବନ୍ଦର ଯାଉଥିଲା ଓ ୧୦ ଜୁନ୍‌ରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା।

ଏହି ଜାହାଜରେ ପାଖାପାଖି ୬୫୦ କଣ୍ଟେନର ଥିଲା ଓ ଏଥିରେ ୨୦୦୦ ଟନ୍ ତେଲ ଓ ୨୪୦ ଟନ ଡିଜେଲ ରହିଥିଲା। ଜୁନ୍ ୯ ସକାଳ ୯.୩୦ରେ ନୌବାହିନୀକୁ ଏ ନେଇ ସୂଚନା ମିଳିଥିଲା। ପାଖାପାଖି ୭ ଘଣ୍ଟାର ରେସ୍‌କ୍ୟୁ ଅପରେସନ ହୋଇଥିଲା।

## 'ସାରା ବିଶ୍ୱକୁ ଡକାଇଥିଲା ବିସିସିଆଇ'



ବେଙ୍ଗାଲୁରୁ, ୧୧।୬ (ଏଜେନ୍ସି): ରାୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ଉତ୍ସବରେ ଦଳାଚକଟାକୁ ନେଇ କର୍ଣ୍ଣାଟକ ସରକାର ହାତ ଟେକି ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ସଠିକ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା ବୋଲି ଅଭିଯୋଗ ହେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଯୋଗ ଦେଇଥିବା ସତ୍ତ୍ୱେ ସରକାର ନିଜ ଉପରୁ ଦୋଷ ଛଡ଼ାଇ ଦେଇଛନ୍ତି। ଦଳାଚକଟା ପାଇଁ ଆରସିବି ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ରାଜ୍ୟ ସରକାର ଦାୟୀ କରିଛନ୍ତି। ବୁଧବାର କର୍ଣ୍ଣାଟକ ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ବିଜୟ ଉତ୍ସବ କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରକାରର ଅନୁମତି ନିଆଯାଇ ନ ଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ ସାରା ବିଶ୍ୱକୁ ଡାକିଥିଲେ। ଏହି ମାମଲାରେ ଆର୍‌ସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେ ଏବଂ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏମାନେ ଗିରଫକୁ ବେଆଇନ କହିଥିଲେ। ଏହା ବିରୋଧରେ ଦାଏର ଆବେଦନ ଉପରେ ଆଜି ହାଇକୋର୍ଟ ଶୁଣାଣି କରିଥିଲେ। ଗତ ୧୦ ତାରିଖରେ ସୋସଲେ କହିଥିଲେ ଯେ ପୁଲିସ ଅଧିକାରୀଙ୍କୁ କୋର୍ଟ କେବଳ ନିଲମ୍ବନ କରାଯାଇଛି। ତାଙ୍କୁ ଗିରଫ କରାଯାଇ ନାହିଁ। କେବଳ ମୋ ସହ ଏପରି କାହିଁକି କରାଯାଉଛି? ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଶଶି କିରଣ ସେଟ୍ଟୀ କୋର୍ଟଙ୍କୁ ଜଣାଇ ଥିଲେ ଯେ ବିଜୟ ଉତ୍ସବ କିମ୍ବା ଷ୍ଟାଡିୟମରେ କାର୍ଯ୍ୟକ୍ରମ ନେଇ ଆର୍‌ସିବି ପକ୍ଷରୁ ଅନୁମତି ନିଆଯାଇ ନ ଥିଲା। କେବଳ ଜୁନ୍ ୩ରେ ମ୍ୟାଚ୍ ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଆରସିବି ପକ୍ଷରୁ ଏକ ଚିଠି ଲେଖା ଯାଇଥିଲା। ଏଥିରେ ବିଜୟ ଉତ୍ସବ ଆୟୋଜନ କରାଯିବ ବୋଲି କୁହାଯାଇଥିଲା। ସେମାନେ ଅନୁମତି ମାଗି ନ ଥିଲେ, କେବଳ ଯୋଜନା ବିଷୟରେ ସୂଚନା ଦେଇଥିଲେ।

## ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେଉ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଭାରତୀୟ ସମ୍ବିଧାନ କେବଳ ଅଧିକାର ଦେଉନାହିଁ, ବରଂ ଏହା ସମାଜର ପଛୁଆ ଏବଂ ଦଳିତ ବର୍ଗଙ୍କୁ ପ୍ରଗତି ପାଇଁ ମଧ୍ୟ କାର୍ଯ୍ୟ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଅକ୍ସଫୋର୍ଡ ୟୁନିଅନର ଏକ କାର୍ଯ୍ୟକ୍ରମରେ ଏହି ମନ୍ତବ୍ୟ ଦେଇ ନ୍ୟାୟିକ ଆତଙ୍କବାଦୀ ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ଦେଶରେ ନ୍ୟାୟିକ ସକ୍ରିୟତା (ଜୁଡିସିଆଲ ଆକ୍ଟିଭିଜିମ)ର ଭୂମିକା ଜାରି ରହିବ। କିନ୍ତୁ ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେବା ଉଚିତ। ଅର୍ଥାତ୍ ନ୍ୟାୟିକ ସକ୍ରିୟତାକୁ ଏତେ ପ୍ରୋତ୍ସାହନ ଦେବା ଉଚିତ ନୁହେଁ, ଯାହାକି ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ହୋଇଯିବ। ଅନେକ ସମୟରେ ଏପରି ଦେଖାଯାଇଥାଏ। ଯେଉଁ କ୍ଷେତ୍ରରେ ନ୍ୟାୟପାଳିକା ମୁଣ୍ଡ ଖେଳାଇବା ଅନୁଚିତ ସେହି କ୍ଷେତ୍ରରେ ହିଁ ଏହା ହସ୍ତକ୍ଷେପ କରିଥାଏ। ପ୍ରଧାନ ବିଚାରପତି କହିଛନ୍ତି ଯେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବାରେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ବିଫଳ ହେଲେ ନ୍ୟାୟପାଳିକାକୁ ହସ୍ତକ୍ଷେପ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଜାରି ରହିବ। କିନ୍ତୁ ଏହି ହସ୍ତକ୍ଷେପର ନିର୍ଦ୍ଦିଷ୍ଟ ସୀମା ଏବଂ ମର୍ଯ୍ୟାଦା ରହିବା ଉଚିତ। ଏହାସହିତ ସେ ସ୍ପଷ୍ଟ କରିଦେଇଛନ୍ତି ଯେ କେଣେସି ପଦେକ୍ଷପ ସମ୍ବିଧାନର ବିରୁଦ୍ଧାଚରଣ କଲେ କୋର୍ଟ ହସ୍ତକ୍ଷେପ କରିବା ଜରୁରି।

**ଅପରେସନ୍ ହନିମୁନ୍: ସ୍ୱୀକାର କଲା ସୋନମ୍**

# ହଁ, ମୁଁ ସ୍ୱାମୀଙ୍କୁ ହତ୍ୟା କରିଛି

ସିଲଂ, ୧୧।୬ (ଏଜେନ୍ସି): ଶେଷରେ ସୋନମ ମାନିଲା ଯେ ସେ ହିଁ ତାର ପତି ରାଜା ରଘୁବଂଶୀଙ୍କୁ ହତ୍ୟା କରିଛି। ହନିମୁନରେ ମେଘାଳୟ ଯିବା ପୂର୍ବରୁ ରାଜାଙ୍କୁ ହତ୍ୟା କରିବା ଲାଗି ସୋନମ ତାର ପ୍ରେମିକ ରାଜ ସହିତ ମିଶି ଷଡ଼ଯନ୍ତ୍ର କରିଥିଲା। ସ୍ୱାମୀଙ୍କୁ ହତ୍ୟା କରିବା ଲାଗି ସେ କଣ୍ଟ୍ରାକଟ କିଲରମାନଙ୍କୁ ନିୟୋଜିତ କରିଥିଲା।



ମେଘାଳୟ ପୁଲିସ ଆଜି ଏହି ସୂଚନା ଦେଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଉତ୍ତର ପ୍ରଦେଶରୁ ଆଣିବା ପରେ ସିଲଂରେ ସୋନମକୁ ପଚରାଉଚରା କରାଯାଇଛି। ଗାଜିପୁରରୁ ସିଲଂ ଆସିବା ଲାଗି ୨୭ ଘଣ୍ଟା ଲାଗିଥିଲା। ଯାତ୍ରା ସମୟରେ ସୋନମ ପୁଲିସ ସହିତ କୌଣସି ପ୍ରକାର କଥାବାର୍ତ୍ତା କରିନଥିଲା। ସିଲଂରେ ପହଞ୍ଚିବା ପରେ ତାକୁ ଜେରା କରିବା ଆରମ୍ଭ କରିଥିଲା ପୁଲିସ। ପ୍ରଥମେ ସୋନମ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ନେଇ ମନା କରିଥିଲା। କହିଥିଲା ଯେ ତାଠାରୁ ଜିନିଷପତ୍ର ଲୁଟ୍ କରିବା ପରେ ଲୁଟେରାମାନେ ଏଭଳି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି। ତେବେ ପୁଲିସ ସମସ୍ତ ତଥ୍ୟ ପ୍ରମାଣ ତା ଆଗରେ ଉପସ୍ଥାପିତ କରିବା ପରେ ସୋନମ କାନ୍ଦିବା ଆରମ୍ଭ କରିଥିଲା ଏବଂ ହତ୍ୟାକାଣ୍ଡରେ ଜଡିତ ଥିବା ସ୍ୱୀକାର କରିଥିଲା। ହତ୍ୟାକାଣ୍ଡ ପରେ ହତ୍ୟାକାରୀମାନଙ୍କୁ ସୋନମ ଭେଟୁଥିବାର ଦୃଶ୍ୟ ସଂକ୍ରାନ୍ତ ସିସିଟିଭି ଫୁଟେଜ, ମୋବାଇଲ କଲ୍ ରେକର୍ଡସ ଏବଂ ହତ୍ୟାକାଣ୍ଡ ସ୍ଥଳରୁ ମିଳିଥିବା ରେନକୋଟ୍ ଏବଂ ରକ୍ତଭିଜା ସାର୍ଟ ଭଳି କିଛି ସାମଗ୍ରୀ ପୁଲିସ ଅଧିକାରୀ ସୋନମକୁ ଦେଖାଇଥିଲେ। ରେନକୋଟ୍ ଓ ରକ୍ତଭିଜା ସାର୍ଟ ତାର ବୋଲି ସୋନମ ଚିହ୍ନଟ କରିବା ସହିତ ହତ୍ୟା କଥା ସ୍ୱୀକାର କରିଥିଲା। ସିଲଂ ଏସ୍‌ପି କହିଲେ ଯେ ରାଜା ହତ୍ୟାକାଣ୍ଡରେ ତାଙ୍କର ପତ୍ନୀ ସୋନମ ସଂପୃକ୍ତ ଥିବାର ଠୋସ୍ ପ୍ରମାଣ ପୁଲିସ ପାଖରେ ରହିଛି। ଗତକାଲି ସୋନମର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ


**■ ପ୍ରେମିକ ସହ ମିଶି ହତ୍ୟା ଷଡ଼ଯନ୍ତ୍ର କରିଥିଲି**

ହତ୍ୟାକାରୀ ରାଜାଙ୍କୁ ହତ୍ୟା କରିଥିବା ପୁଲିସ ଆଗରେ ମାନିନେଇଥିଲେ। ସେମାନେ କେବଳ ହତ୍ୟା କଥା ମାନି ନାହାନ୍ତି, ସେମାନେ ଆହୁରି କହିଛନ୍ତି ଯେ ହତ୍ୟା ବେଳେ ସୋନମ ସେଠାରେ ଉପସ୍ଥିତ ଥିଲା ଏବଂ ରାଜା ମରୁଥିବାର ଦୃଶ୍ୟ ସେ ଦେଖିଥିଲା।

ସୂଚନାଯୋଗ୍ୟ ଯେ ମେ ୧୧ ତାରିଖରେ ସୋନମ ଏବଂ ରାଜାଙ୍କ ବିବାହ ଇନ୍ଦୋରରେ ହୋଇଥିଲା। ଏହାପରେ ସେମାନେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ରାଜାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ କାମାକ୍ଷା ମନ୍ଦିର ଦର୍ଶନ ସହିତ ମେଘାଳୟ ଯିବା ଲାଗି ସୋନମ ଜିଦ୍ ଧରିଥିଲା। ସେ ରାଜାଙ୍କୁ ବୁଝାଇଥିଲା ଯେ କାମାକ୍ଷା ମନ୍ଦିର ଦର୍ଶନ ନକରିବା ପର୍ଯ୍ୟନ୍ତ ସେମାନଙ୍କର ବିବାହ ଅଧୁରା ରହିବ। ସୋନମ କଥାରେ ରାଜି ହୋଇଥିଲେ ରାଜା। କାମାକ୍ଷା ମନ୍ଦିର ଦର୍ଶନ ପରେ ପଡ଼ୋଶୀ ରାଜ୍ୟ ମେଘାଳୟ ଯିବା ଲାଗି ଯୋଜନା କରିଥିଲେ। ମେ ୨୩ ତାରିଖରେ ସେମାନେ ମେଘାଳୟର ଏକ ହୋଟେଲରୁ ବାହାରୁ ଥିବାର ଦେଖାଯାଇଥିଲା। ଏହାପରେ ସେମାନେ ନିଖୋଜ ହୋଇଯାଇଥିଲେ। ଏହାର ୧୦ଦିନ ପରେ ସେଠାରୁ ୨୦ କିଲୋମିଟର ଦୂରରେ ୨୦୦ ଫୁଟ୍ ଗଭୀର ଏକ ଗାତରେ ରାଜାଙ୍କର ମୃତଦେହ ମିଳିଥିଲା। କିନ୍ତୁ ପତ୍ନୀ ସୋନମ ନିଖୋଜ ରହିଥିଲା। ତାକୁ ଠାବ କରିବା ଲାଗି ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ତେବେ ଗତ ୯ ତାରିଖ (ସୋମବାର) ବିଳମ୍ବିତ ରାତିରେ ସିଲଂ ଠାରୁ ୧୩୦୦ କିଲୋମିଟର ଦୂର ଉତ୍ତର ପ୍ରଦେଶର ଗାଜିପୁରରେ ସୋନମ ଆତ୍ମପ୍ରକାଶ କରିଥିଲା। ସେ ଲୁଟ୍‌ର ଶିକାର ହୋଇଥିବା ନେଇ କାହାଣୀ ଶୁଣାଇଥିଲା। କିନ୍ତୁ ସେତେବେଳେ ମେଘାଳୟ ପୁଲିସ ହାତରେ ସୁରାକ୍ ମିଳିଯାଇଥିଲା ଯେ ସ୍ୱାମୀଙ୍କୁ ହତ୍ୟା କରି ସୋନମ ଫେରାର ହୋଇଯାଇଛି। ସୋନମ ସମେତ ତାର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ ହତ୍ୟାକାରୀ ଏବେ ପୁଲିସ ହାଜତରେ ଅଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ସୋନମର ପ୍ରେମିକ ରାଜ ମେଘାଳୟ ଯାଇନଥିଲେ ମଧ୍ୟ ଇନ୍ଦୋରରେ ରହି ହତ୍ୟା ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

ଇତିମଧ୍ୟରେ ସୋନମର ଭାଇ ଗୋବିନ୍ଦ ଆଜି ରାଜାଙ୍କ ଘରକୁ ଯାଇ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ତାଙ୍କର ଭଉଣୀ ସୋନମ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ରହିଛି। ତାକୁ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ମୋଦୀଙ୍କୁ ଭେଟିବାକୁ ହେଲେ ମନ୍ତ୍ରୀଙ୍କୁ ଆର୍‌ଟି- ପିସିଆର୍ ଟେଷ୍ଟ ଜରୁରୀ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଦେଶରେ କରୋନା ଭାଇରସର କେସ୍ ଓ ଏ ନେଇ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସକ୍ଷାତ କରିବା ପାଇଁ ଏବେ ସବୁ ମନ୍ତ୍ରୀଙ୍କୁ ଆରଟି- ପିସିଆର ଟେଷ୍ଟ କରିବାକୁ ହେବ ବୋଲି କୁହାଯାଇଛି। ସରକାରଙ୍କ ତରଫରୁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଇଛି। ଦେଶବ୍ୟାପୀ କରୋନାର ଆକ୍ଟିଭ ସଂଖ୍ୟା ୭୧୨୧ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୩୦୦ ମମଲା ସାମ୍ନାକୁ ଆସିଛି। କେରଳରେ ସବୁଠାରୁ ଅଧିକ ୨୨୨୩ କେସ୍ ଚିହ୍ନଟ ହୋଇଛି। ଏହାପରେ ଗୁଜରାଟରେ ୧୨୨୩, ଦିଲ୍ଲୀର ୫୭୫ ଓ ପଶ୍ଚିବବଙ୍ଗରେ ୭୪୭ଟି ପଜିଟିଭ ରୋଗୀ ଚିହ୍ନଟ ହୋଇଛନ୍ତି। କରୋନାର ଏହି ନୂଆ ଭେରିଏଣ୍ଟ ଦ୍ୱାରା ଏପର୍ଯ୍ୟନ୍ତ ୭୪ ଲୋକ ପ୍ରାଣ ହରାଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଗତ ମଙ୍ଗଳବାର ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କେରଳରେ ୩, କର୍ଣ୍ଣାଟକରେ ୨ ଓ ମହାରାଷ୍ଟ୍ରରେ ଜଣେ ଲୋକଙ୍କର ମୃତ୍ୟୁ ହୋଇଛି। ଗତ ୧୦ ଦିନ ମଧ୍ୟରେ ୩୦୦୦ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୪୦ଜଣ ପ୍ରାଣ ହରାଇଛନ୍ତି। ପ୍ରତିଦିନ ୩୫୦ରୁ ଅଧିକ କେସ୍ ସାମ୍ନାକୁ ଆସୁଛି। କେରଳର ସବୁ ହସ୍ପିଟାଲରେ ଶର୍ଦ୍ଦି, କାସ ଓ ନିଶ୍ୱାସ ନେବାର ସମସ୍ୟା ଥିବା ରୋଗୀଙ୍କ କୋଭିଡ୍ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏଲନ ମସ୍କ ଅନୁତପ୍ତ

ୱାଶିଂଟନ, ୧୧।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୁକ୍ତି ଓ ବିବାଦ କରି ଟେସ୍‌ଲା ମୁଖ୍ୟ ଏଲନ ମସ୍କ ଏବେ ଅନୁଶୋଚନା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କୁ ନେଇ ଗତ ସପ୍ତାହରେ କରିଥିବା କେତୋଟି ପୋଷ୍ଟକୁ ନେଇ ଅନୁଶୋଚନା କରୁଛି। ଆବଶ୍ୟକତାଠାରୁ ଅଧିକ କିଛି ପୋଷ୍ଟ କରିଦେଇଥିଲି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ୱୀକାର କରିଛନ୍ତି।



ମସ୍କଙ୍କ ସହ ସମ୍ପର୍କ ଶେଷ ହେବା କଥା ଘୋଷଣା କରିବାର ଦିନ କେତୋଟି ପରେ ମସ୍କ ଏହି କଥା କହିଛନ୍ତି। ଫଳରେ ଏବେ ଦୁହିଁଙ୍କ ମଧ୍ୟରେ ଅଲ୍ ଇଜ୍ ୱେଲ୍ ଅର୍ଥାତ ସବୁକିଛି ଠିକଠାକ ହେବ ବୋଲି ଆଶା କରାଯାଉଛି। ବିଗ୍ ବିୟୁଟିଫୁଲ୍ ବିଲ୍‌କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା ଓ ପରେ ଏହା ଚରମ ସୀମାରେ ପହଞ୍ଚିଥିଲା।

ଅବଶ୍ୟ ଗତ କେତୋଟି ପୋଷ୍ଟରେ ମସ୍କ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିଭିନ୍ନ ନୀତିକୁ ସମର୍ଥନ କରି ପୋଷ୍ଟ କରିଥିଲେ। ଲସ୍ ଏଞ୍ଜେଲ୍ସରେ ଅବୈଧ ପ୍ରବାସୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ମସ୍କ ସମର୍ଥନ କରିଥିଲେ। ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କୁ ମସ୍କଙ୍କ ବାବଦରେ ପ୍ରଶ୍ନ ପଚରାଯାଇଥିଲା। ଟ୍ରମ୍ପ ମଧ୍ୟ ଏ ନେଇ ସକାରାତ୍ମକ ମନ୍ତବ୍ୟ ଦେଇଛନ୍ତି। 'ଆମ ଭିତର ଭଲ ସମ୍ପର୍କ ଥିଲା ଓ ଆଗକୁ ଭଲ ହେବ ବୋଲି କାମନା କରୁଛି' ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହି ସମ୍ପର୍କିତ ଏକ ଭିଡିଓରେ ମସ୍କ ରେଡ୍ ହାର୍ଟ ଇମୋଜି କମେଣ୍ଟ କରିଛନ୍ତି। ଇତିମଧ୍ୟରେ ଟ୍ରମ୍ପଙ୍କ ସହିତ ଜଡିତ ସବୁ ପୋଷ୍ଟକୁ ମସ୍କ ହଟାଇ ଦେଇଛନ୍ତି। ଜଣେ ଯୌନ ଅପରାଧୀଙ୍କ ଟ୍ରମ୍ପଙ୍କ ସମ୍ପର୍କ ଓ ତାଙ୍କ ବିରୋଧରେ ମହା ଅଭିଯୋଗ ଆଣିବା ନେଇ ମସ୍କ ପୋଷ୍ଟ କରି ବିବାଦକୁ ଚରମ ସୀମାରେ ପହଞ୍ଚାଇଥିଲେ। ପୂର୍ବରୁ ମସ୍କଙ୍କ ସହ ସବୁ ସମ୍ପର୍କ ଶେଷ ହୋଇଛି ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସର ୪ ପ୍ରଶ୍ନ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କଂଗ୍ରେସ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୪ଟି ପ୍ରଶ୍ନ କରାଯାଇଛି। ସର୍ବଦଳୀୟ ବୈଠକ ଡକାଇବା, ଅପରେସନ ସିନ୍ଦୂର ଉପରେ ସମୀକ୍ଷା କମିଟି ଗଠନ, ମୌସୁମୀ ଅଧିବେଶନ ସମୟରେ ୨ ଦିନିଆ ଆଲୋଚନା ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଆତଙ୍କବାଦୀଙ୍କୁ ଧରିବା ପ୍ରୟାସ ସମ୍ବନ୍ଧିତ ପ୍ରଶ୍ନ ପଚରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହି ପ୍ରଶ୍ନ ପଚାରିଛନ୍ତି ଯେ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କେବେ କରିବେ? ଦଳର ସାଂସଦଙ୍କ ପରିବର୍ତ୍ତେ ନେତାଙ୍କୁ କେବେ ଭେଟିବେ? ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସାମ୍ନାକୁ ଆସିଥିବା ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ଆହ୍ୱାନ ମାମଲାରେ ନେତାଙ୍କୁ କେବେ ବିଶ୍ୱାସକୁ ନେବେ? ଜୟରାମ ପୁଣି ପଚାରିଛନ୍ତି ଯେ କାର୍‌ଗିଲ ଯୁଦ୍ଧ ସମୟରେ ଦେଶରେ କାର୍‌ଗିଲ ସମୀକ୍ଷା କମିଟି ଥିଲା। ସିଙ୍ଗାପୁରରେ ସିଡିଏସ୍ ଖୁଲାସା ପରେ ବି ଏଭଳି ପଦକ୍ଷେପ ନିଆଯିବ କି? ସମୀକ୍ଷା କିମ୍ବା ବିଶ୍ଳେଷଣ କରାଯିବ କି? କିଛି ରିପୋର୍ଟ ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରାଯିବ କି? ତୃତୀୟରେ ମୌସୁମୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା, ନୂଆ ଟେକ୍ନୋଲୋଜି ଆହ୍ୱାନ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଦାବି ଉପରେ ସୂଚନା ଦେବେ କି?

## ମୋଦୀ ୧୧ ବର୍ଷରେ ୩୩ ଭୁଲ୍ କରିଛନ୍ତି: ଖଡ଼୍‌ଗେ

ନୂଆଦିଲ୍ଲୀ: ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୩ ଭୁଲ୍ କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ।। ସେ କହିଛନ୍ତି ଯେ ଗତ ୧୧ ବର୍ଷରେ ମୋଦୀ ସରକାର ଭାରତୀୟ ଗଣତନ୍ତ୍ର, ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ସ୍ଥିତିକୁ ଗଭୀର ଆଘାତ ଦେଇଛନ୍ତି। ବିଜେପି-ଆରଏସଏସ ସବୁ ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିଦେଇଛି। ଏହାର ସ୍ୱାଧୀନତା ଉପରେ କଡ଼ା ପ୍ରହାର କରିଛି। ଅନେକ ସରକାର ଭାଙ୍ଗି ଦିଆଯାଇଛି। ଏକଦଳୀୟ ଏକଛତ୍ରଶାସନ ଜବରଦସ୍ତି ଥୋପି ଦିଆଯାଇଛି। ରାଜ୍ୟର ହକ୍‌କୁ ଅଣଦେଖା ଏବଂ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରାଯାଇଛି। ସମାଜରେ ଭୟ, ଘୃଣା ଏବଂ ଧମକର ପରିବେଶ ବଢ଼ିବାରେ ଲାଗିଛି। ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଏବଂ ଦୁର୍ବଳ ବର୍ଗଙ୍କ ପ୍ରତି ଶୋଷଣ ବଢ଼ି ଚାଲିଛି। ଏମାନଙ୍କୁ ନିଜ ଅଧିକାରଠାରୁ ବଞ୍ଚିତ ରଖାଯାଇଛି। ମଣିପୁର ହିଂସା ବିଜେପିର ପ୍ରଶାସନିକ ବିଫଳତାର ସବୁଠୁ ବଡ଼ ପ୍ରମାଣ ପାଲଟିଛି। ୨ କୋଟି ଚାକିରି ଦେବା ପରିବର୍ତ୍ତେ ଲୋକଙ୍କୁ ଚାକିରି ଛଡ଼ାଇ ନିଆଯାଉଛି। ମହଙ୍ଗା ମାଡ଼ ଏତେ ବଢ଼ିଛି ଯେ ଲୋକଙ୍କ ସଞ୍ଚୟ ୫୦ ବର୍ଷରେ ସବୁଠୁ କମ୍ ରହିଛି। ଗତ ୧୧ ବର୍ଷରେ କେବଳ ସମ୍ବିଧାନର ପ୍ରତ୍ୟେକ ପୃଷ୍ଠାକୁ ଏକଛତ୍ରବାଦର କାଳୀରେ ରଗଡ଼ା ଯାଇଛି।



## ପ୍ରିୟଙ୍କାଙ୍କୁ କେରଳ ହାଇକୋର୍ଟଙ୍କ ନୋଟିସ୍



କୋଚି, ୧୧।୬(ଏଜେନ୍ସି): କେରଳ ହାଇକୋର୍ଟ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ୱାଏନାଡ ଲୋକସଭା ଆସନରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ନେତା ନବ୍ୟା ହରିଦାସ ପିଟିସନ ଫାଇଲ କରିଥିଲେ। ପ୍ରିୟଙ୍କା ନିର୍ବାଚନ ସତ୍ୟପାଠରେ ନିଜର ଓ ନିଜ ପରିବାର ସମ୍ପତ୍ତି ନେଇ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରିୟଙ୍କା ଜାଣିଶୁଣି ନିଜ ସମ୍ପତ୍ତି ଲୁଚାଇଛନ୍ତି। ଏହା ଭ୍ରଷ୍ଟ ଅଚାରଣର ଅଂଶବିଶେଷ। ମିଛ ତଥ୍ୟ ପ୍ରଦାନ କରି ସେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ହରିହର ଅଭିଯୋଗ ଆଣିଛନ୍ତି।

# ଟ୍ରେନ୍ ଆଗରେ ୪ ପୁଅ ସହିତ ବାପାର ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦିଲ୍ଲୀର ଫରିଦାବାଦ ବଲ୍ଲଭଗଡ଼ ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ୪ ପୁଅଙ୍କ ସହ ଟ୍ରେନ ଆଗକୁ ଡେଇଁ ବାପା (୩୬) ଜୀବନ ହାରିଛି। ସବୁଠାରୁ ସାନ ପୁଅର ବୟସ ତିନି ବର୍ଷର ଥିବାବେଳେ ବଡ଼ର ୯ ବର୍ଷ ରହିଛି। ପତ୍ନୀକୁ ନେଇ ମନରେ ଏତେ ଘୃଣା ଭାବନା ଆସିଥିଲା ଯେ ପୁଅଙ୍କ ବିକଳ ଡାକକୁ ବି ବାପା କର୍ଣ୍ଣପାତ କରି ନ ଥିଲା। ବାପା ଟ୍ରେନ ଆସୁଛି। ଚାଲ ପଳାଇବା କହିଥିଲେ ବି ସେ ଶୁଣି ନ ଥିଲେ।

**■ ଫରିଦାବାଦରେ ହୃଦୟ ବିଦାରକ ଘଟଣା**

ଜମାରୁ ପିଲାଙ୍କ ହାତ ଛାଡ଼ି ନ ଥିଲେ। ଶେଷରେ ଗୋଲ୍ଡେନ ଟେମ୍ପୁଲ ଏକ୍ସପ୍ରେସ ମାଡ଼ ହେବାରୁ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଦ୍ୱିପହର ୧ଟା ୧୦ରେ ଏଲ୍‌ସନ ଛକ ଫ୍ଲାଇଓଭର ତଳେ ଏହି ହୃଦୟବିଦାରକ ଘଟଣା ଘଟିଥିଲା। ଏହି ଟ୍ରେନର୍ ଲୋକ ପାଇଲଟ ହିଁ ପୁଲିସକୁ ଘଟଣାର ସୂଚନା ଦେଇଥିଲେ। ପରେ ରେଳବାଇଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

ସୂଚନା ଅନୁଯାୟୀ ମନୋଜଙ୍କ ପକେଟରୁ ଆଧାରକାର୍ଡ ମିଳିଥିଲା। ଏହି ନମ୍ବରରେ ଫୋନ କରିବାରୁ ପତ୍ନୀ ଫୋନ ଉଠାଇ ଥିଲେ। ସ୍ୱାମୀ ପୁଅଙ୍କୁ ନେଇ ପାର୍କକୁ ଯାଇଥିବା କହିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ମନୋଜ ପୁଅଙ୍କୁ ଚିପ୍ସ୍ ଏବଂ କୋଲ୍ଡଡ୍ରିଙ୍କ୍ସ ନେଇ ଆତ୍ମହତ୍ୟା କରିବାକୁ ଫ୍ଲାଇଓଭର ତଳକୁ ଯାଇଥିଲା। ସେଠାରେ ଟ୍ରେନକୁ ଅପେକ୍ଷା କରି ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାକ୍‌ରେ ବସି ରହିଥିଲେ। ଟ୍ରେନ ଆସୁଥିବା ଦେଖି ପୁଅମାନେ ଭୟରେ ହାତ ଛାଡ଼ିବାକୁ କହିଥିଲେ ବି ସେ ଛାଡ଼ି ନ ଥିଲେ। ଶେଷରେ ଏକ ପରିବାର ନିଶ୍ଚିହ୍ନ ହୋଇଗଲା।



# ସ୍ନାନକଲେ ଶ୍ରୀଜୀଉ... ଭାବରେ ଭିଜିଲେ ଭକ୍ତ





ଫଟୋ: ଅନିଲ

## ରଜ ପାଇଁ ସୋମବାର ନନ୍ଦନକାନନ ଖୋଲା

ବାରଙ୍ଗ/ନନ୍ଦନକାନନ,୧୧।୬(ସମିସ): ଓଡ଼ିଶାର ଗଣପର୍ବ ରଜକୁ ଆଖି ଆଗରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୋମବାର ରଜ ପର୍ବ ତୃତୀୟ ଦିନ ପଡୁଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ନନ୍ଦନକାନନ ଖୋଲା ରହି ମଙ୍ଗଳବାର ବନ୍ଦ ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ପ୍ରାଣୀ ଉଦ୍ୟାନ ନନ୍ଦନକାନନ ସପ୍ତାହର ପ୍ରତ୍ୟେକ ସୋମବାର ବନ୍ଦ ରହିଥାଏ। ୨୦୨୪ ମସିହା ପହିଲି ରଜରେ ୧୭,୪୪୬ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨ୟ ରଜରେ ୨୮,୫୨୦ ଜଣ ଓ ଶେଷ ରଜରେ ୩୦,୩୨୩ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଯାହାକି ୨୦୨୩ ମସିହା ଶେଷ ରଜରେ ୧୪,୬୨୪ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୪ ମସିହା ଶେଷ ରଜରେ ୨୦୨୩ଠାରୁ ୧୫ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିଲେ।

■ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଜାଲ୍ ପ୍ରମାଣପତ୍ର ଘଟଣା

## ଆଉ ୫ ଜଣଙ୍କୁ ଗିରଫକଲା କ୍ରାଇମବ୍ରାଞ୍ଚ



କଟକ,୧୧।୬(ସମିସ): ଗ୍ରାମୀଣ ଡାକସେବକ ପଦରେ ନିଯୁକ୍ତି ପାଇଁ ଆବେଦନବେଳେ ବିଭିନ୍ନ ଅନୁଷ୍ଠାନର ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମକୁ ସଫଳତା ମିଳିଛି। ଏହି ଘଟଣାରେ ପୂର୍ବରୁ କ୍ରାଇମବ୍ରାଞ୍ଚ ମୋଟ ୨୦ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗିର ଥାନା ଅନ୍ତର୍ଗତ ମୁରିବାହାଲର ବାସିନ୍ଦା କୁଳମଣି ରଣା (୨୪), ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁତୁମଡ଼ୋଲା ବାସିନ୍ଦା ଅଜାଉଦିନ କୁମ୍ଭାର (୨୮), ବଲାଙ୍ଗିର ଥାନା ଜଗନ୍ନାଥପଡ଼ା ଅଞ୍ଚଳର ରଜତ କୁମାର ନାଏକ (୩୨), ବୁଢ଼ାମୁଣ୍ଡା ଅଞ୍ଚଳର ସୁଧୀର ଭୁଏ (୨୭) ଓ ସୁବର୍ଣ୍ଣପୁର ସରଗଜ ଅଞ୍ଚଳର ତୋଫାନ ବାଗ (୪୫)। ସେମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଗ୍ରାମୀଣ ଡାକ ସେବକ (ଜିଡିଏସ) ଚାକିରି ହାତେଇବା ପାଇଁ ଠକେଇ କରିଥିଲେ। ଏହି ମାମଲାରେ ମୋଟ ୨୫ ଜଣ ଗିରଫ ହୋଇସାରିଛନ୍ତି। କ୍ରାଇମବ୍ରାଞ୍ଚ ଦଳ ଅଧିକ ତଦନ୍ତ ଜାରି ରଖିଛି। ଗ୍ରାମୀଣ ଡାକ ସେବକ ପଦ ପାଇଁ ୩୮ ଜଣ ପ୍ରାର୍ଥୀଙ୍କ ଦ୍ୱାରା ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ସମ୍ପର୍କରେ ବଲାଙ୍ଗିର ଡାକ ଡିଭିଜନର ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଗତ ୨୯୨୩ ମାର୍ଚ୍ଚ୩୧ରେ ଏକ ଏତଲା ଦେଇଥିଲେ। ସେହି ସମୟରେ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠକମାନଙ୍କର ଏକ ସଂଗଠିତ ନେଟୱର୍କ ଚାକିରି ଆଶାୟୀମାନଙ୍କୁ ନକଲି ପ୍ରମାଣପତ୍ର ଯୋଗାଇବା ପାଇଁ କାର୍ଯ୍ୟ କରୁଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ ସହ ଅନ୍ୟ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଯାଇଥିଲା।

### ବିଜ୍ଞାପନରେ ସୀମିତ ଓଡ଼ିଶା ବିକାଶ

## ଅବିଭକ୍ତ କୋରାପୁଟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଛବି ଧୂସର

ଭୁବନେଶ୍ୱର,୧୧।୬(ସମିସ): ପଛୁଆ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ବିଜେପି ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ଆଦିବାସୀମାନେ ବିଜେପିର ଆତ୍ମା ଓ ସେମାନଙ୍କ କଲ୍ୟାଣ ପାଇଁ ଅହରହ କାମ କରୁଛନ୍ତି ଦଳୀୟ ନେତା ଓ ମନ୍ତ୍ରୀମାନେ ଘଣ୍ଟ ପିଟୁଛନ୍ତି । ଏଥିପାଇଁ ବିଭିନ୍ନ ଗଣମାଧ୍ୟମରେ ବଡ଼ବଡ଼ ବିଜ୍ଞାପନ ପ୍ରକାଶ କରୁଛନ୍ତି। ମାତ୍ର ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସ୍ତବ ଛବି ସରକାରଙ୍କ ଘୋଷିତ ବିକାଶ ଉପରୁ ଉଠାଇ ଦେଇଛି ପରଦା । ପୋଲାଭରମ୍ ପ୍ରସଙ୍ଗରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅନାନ୍ତରିକତା ଓ ଆଦିବାସୀ ଉତ୍ପୀଡ଼ନ ନୀତି ସ୍ପଷ୍ଟ ହୋଇ ଯାଇଛି। ଏହି ପ୍ରକଳ୍ପ ଯୋଗୁଁ ହଜାର ହଜାର ଆଦିବାସୀ ଭିଟାମାଟି ହରାଇବା ନିଶ୍ଚିତ ହୋଇଥିଲେ ହେଁ ରାଜ୍ୟ ସରକାର ଆନ୍ଧ୍ର ବିରୋଧରେ ମୁହଁ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଧୂଷର ଛବି ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ପ୍ରୀତି କେବଳ ପ୍ରହେଳିକା ବୋଲି ପ୍ରମାଣିତ କରିଛି। ରାଜ୍ୟ ମୁଖ୍ୟ ସଚିବ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନିକଟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇଥିଲେ। ତେବେ କୋରାପୁଟରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥାର ଯେଉଁ ବିବରଣୀ ସେ ବିଭିନ୍ନ ବିଭାଗଗୁଡ଼ିକୁ ଦେଇଛନ୍ତି, ତାହା ଅତ୍ୟନ୍ତ ମାର୍ମିକ। ମୁଖ୍ୟ ସଚିବ କୋରାପୁଟ

### ମୁଖ୍ୟ ସଚିବଙ୍କ ଉଦ୍‌ବେଗ ଖୋଲିଲା ଗୁମର

ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଥିବା ଉଲ୍ଲେଖ କରି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିକଳ ଛବି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ସେହିପରି ବିଶେଷକରି ଜିଲ୍ଲାବ୍ୟାପୀ ସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ଖାଲିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି ଆବଶ୍ୟକସ୍ଥଳେ ଅତିଥି ଶିକ୍ଷକ ନିଯୁକ୍ତି ଦେଇ ଶୈକ୍ଷିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଅତିଥି ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଥିବା ନିୟମାବଳୀକୁ ଆବଶ୍ୟକସ୍ଥଳେ କୋହଳ କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଅନୁରୂପ ଭାବରେ ଜିଲ୍ଲାର ସହରାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରିବାକୁ ବିଭାଗକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ। ଦଶମନ୍ତପୁର ବ୍ଲକର କନ୍ୟାଶ୍ରମର ଅବ୍ୟବସ୍ଥା ମୁଖ୍ୟ ସଚିବଙ୍କୁ କ୍ଷୁବ୍ଧ କରିଛି। ଛାତ୍ରୀନିବାସରେ ବ୍ୟବହାର ହେଉଥିବା ପୁରୁଣା ଏବଂ ଛିଣ୍ଡା ବିଛଣା ଗୁଡ଼ିକର ବ୍ୟବହାରକୁ ଦେଖି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତରୀ ପଦବୀଗୁଡ଼ିକର ତୁରନ୍ତ ପୂରଣ ଏବଂ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଞ୍ଜୁର ପ୍ରାପ୍ତ ଟିଚିଂ ଷ୍ଟାଫ ପଦବୀ ପୂରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଜିଲ୍ଲାରେ ହସ୍ପିଟାଲ ଗୁଡ଼ିକରେ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରାଂଶକୁ ସଠିକ୍ ଭାବରେ ଉପଲବ୍ଧ କରାଇବାକୁ ମୁଖ୍ୟ ସଚିବ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକର ନିର୍ମାଣାଧିନ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କାର୍ଯ୍ୟରେ ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ଶେଷ କରିବାକୁ କହିଛନ୍ତି ।

■ ଭାଙ୍ଗୁଛି ମୌସୁମୀର ଅଭିମାନ

## ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର,୧୧।୬(ସମିସ): ମୌସୁମୀର ଅଭିମାନ ଭାଙ୍ଗୁଛି। କିଛି ଦିନର ବିରତି ପରେ ପୁଣି ଥରେ ସକ୍ରିୟ ହେବାକୁ ମୌସୁମୀ ପାଗ ଭିଡ଼ିଛି। ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ବୁଧବାର ସ୍ନାନପୂର୍ଣ୍ଣିମାରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଫଳରେ କିଛି ଦିନ ହେବ ଜାରି ରହିଥିବା ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ୧୨ ତାରିଖରେ ମଧ୍ୟ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବା ସହ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ହେବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିବ ଓ ଏହା ମୌସୁମୀକୁ ପୁଣି ଥରେ ସକ୍ରିୟ କରାଇବା ସହ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ଅଗ୍ରସର ହେବ। ତେଣୁ ରାଜ୍ୟରେ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୫-୨୦ ତାରିଖ ମଧ୍ୟରେ ରାଜ୍ୟରେ ବିସ୍ତୃତ ବର୍ଷା ହେବାକୁ ଥିବା ବେଳେ ସମ୍ଭବତଃ ଏହି ସମୟରେ ସାରା ରାଜ୍ୟକୁ ମୌସୁମୀ ଅଗ୍ରସର ହୋଇଯିବ। ଅନ୍ୟପଟେ ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ଏହି ସମରେ ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳ ସ୍ଥିତିକୁ ଦେଖାଇଛି ଯାଜପୁର ଝାଡ଼ାବାନ୍ତି: ଯୁବ କଂଗ୍ରେସ

ଭୁବନେଶ୍ୱର,୧୧।୬(ସମିସ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନେ ଯାଜପୁର ଜିଲ୍ଲା ହସ୍ପିଟାଲ୍ ଏବଂ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାସ୍ତବରେ ଏହି ସଂଖ୍ୟା ୪୦୦ରୁ ଅଧିକ ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ସାମଲ ଅଭିଯୋଗ କହିଛନ୍ତି ଯେ ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହା ସରକାରୀ ବ୍ୟବସ୍ଥା ରହିଛି, ତାହା ଝାଡ଼ାବାନ୍ତିକୁ ନିୟନ୍ତ୍ରଣ ପାଇଁ ବି ସମର୍ଥ ନୁହେଁ। ସମୁଦାୟ ୬୩ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀରୁ ମାତ୍ର ୧୧ ଜଣ ଡାକ୍ତର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦେଉଛନ୍ତି। ମୋହନ ସରକାର ଯାଜପୁର ଜିଲ୍ଲା ତଥା ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣୁଥିବାର ଯେଉଁ ଡିଣ୍ଡିମ ପିଟୁଛନ୍ତି, ତାହାର ବିକଳ ଚିତ୍ର ଏଠାରେ ପରିଲକ୍ଷିତ ହେଉଛି। ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ନାହାନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ ବର୍ଷାଦିନ ହୋଇଥିବା ହେତୁ ଝାଡ଼ାବାନ୍ତି ହୁ ହୁ ହୋଇ ବ୍ୟାପିଯିବାର ସମ୍ଭାବନା ରହିଛି। ତେଣୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ସାମଲ ଦାବି କରିଛନ୍ତି। ପରିସ୍ଥିତି ସଂଗୀନ ଥିବାବେଳେ ସ୍ୱାସ୍ଥ୍ୟ ସଚିବ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ତତ୍ପରତା ଦେଖାଦେବା କଥା, ତାହା ଦେଖାଉନାହାନ୍ତି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଯେଉଁ ଆକ୍ରାନ୍ତମାନେ ସରକାରୀ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି ହୋଇଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ସହ କିପରି ଭାବରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସିବ, ସେଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଯୁବ କଂଗ୍ରେସ ଜଣାଇଛି।

### ଚାଷୀ ପଞ୍ଜୀକରଣ ଓ ଧାନ କିଣାରେ ବଡ଼ କାରସାଦି

## ଜମି କି ଅମଳ ବଢୁନି; ବର୍ଷକୁ ବର୍ଷ ବଢୁଛନ୍ତି ଚାଷୀ

ବଲାଙ୍ଗିର,୧୧।୬(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣା ଓ ଚାଷୀ ପଞ୍ଜିକରଣକୁ ନେଇ ଚାଲିଛି ବଡ଼ ଧରଣର କାରସାଦି। ବର୍ଷକୁ ବର୍ଷ ଆଶା ଠାରୁ ଅଧିକ ଚାଷୀଙ୍କ ଉଭୟ ଖରିଫ ଓ ରବି ଋତୁରେ ପଞ୍ଜୀକରଣ କରାଯାଉଥିବାବେଳେ ସେହି ଅନୁସାରେ ଧାନକିଣା ପରିମାଣ ମଧ୍ୟ ବଢୁଛି। କିନ୍ତୁ ଜମି ପରିମାଣ ଓ ଅମଳ ପରିମାଣ ସମାନ ରହୁଥିବାବେଳେ କେଉଁଠୁ ଆସୁଛି ଧାନ, କିଏ ବିକୁଛି ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିନା କୌଣସି ନୂତନ ଜଳସେଚନ ବ୍ୟବସ୍ଥା ସତ୍ତ୍ୱେ ଚଳିତ ରବିରେ ଏତେ ଚାଷୀ ବଢିଲେ କେମିତି ଓ ଧାନ ଆସିଲା କେଉଁଠୁ। କାହା ଧାନ କିଣୁଛନ୍ତି ରାଜ୍ୟ ସରକାର। ଆଠଶହ ଟଙ୍କା ବୋନସ ଘୋଷଣା ପରେ ଏହିଭଳି ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ ଚାଷୀ ପଞ୍ଜୀକରଣ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଗଲେ ଶହ ଶହ ନକଲି ଚାଷୀ ଓ ଚାଷୀ କାର୍ଡ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ଏହିସବୁ କାରବାର କୃଷି ମନ୍ତ୍ରୀଙ୍କ ଜିଲ୍ଲାରେ ଚାଲିଥିବାବେଳେ ଏନେଇ କିନ୍ତୁ ମନ୍ତ୍ରୀ ନିରବତା ଅବଲମ୍ବନ କରିଛନ୍ତି।

ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ଚାଲିଛି ରବି ଧାନକିଣା। କିନ୍ତୁ ଚଳିତବର୍ଷ ଉଭୟ ଖରିଫ ଓ ରବି ଧାନକିଣାରେ ଅନେକ ଠକ୍କତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଧାନକିଣା ଅନିୟମିତତା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ପାକ୍ସ ଅଧିକାରୀ ମିଳିତ ଭାବେ ନକଲି ଚାଷୀ କାର୍ଡ ପ୍ରସ୍ତୁତ କରି ଭୂତଚାଷୀ ପଞ୍ଜୀକରଣ କରିଥିବା ନେଇ ଅଭିଯୋଗ ହୋଇଛି। ଯାହାକି ବିଗତ ବର୍ଷ ଓ ଚଳିତବର୍ଷର ଚାଷୀ ପଞ୍ଜୀକରଣ ଓ ଧାନକିଣା ରିପୋର୍ଟ ହିଁ ସ୍ପଷ୍ଟ କରିଛି। ବିଭାଗୀୟ ସୂଚନା ଅନୁସାରେ ୨୦୨୧-୨୨ ଖରିଫରେ ୬୩ହଜାର ୩୮୩ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨୮ ଲକ୍ଷ ୪୭ ହଜାର ୩୧୯ କ୍ୱିଣ୍ଟାଲ ଧାନ ପ୍ରଶାସନ

### ଯୋଗାଣ ଓ ସମବାୟ ବିଭାଗ ଅଧିକାରୀଙ୍କ ମିଳିତ ଷଡ଼ଯନ୍ତ୍ର ଅଭିଯୋଗ

କିଣିଥିଲା। ୨୦୨୨-୨୩ ରେ ୭୪ ହଜାର ୪୫୦ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୩୪ ଲକ୍ଷ ୭ ହଜାର ୬୬୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ ରେ ୮୯ ହଜାର ୪୨୩ ଚାଷୀ ପଞ୍ଜୀକରଣ କରିଥିବାବେଳେ ୩୪ ଲକ୍ଷ ୩୪ ହଜାର ୩୨୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସେହିପରି ୨୦୨୪-୨୫ ଖରିଫରେ କିନ୍ତୁ ଚାଷୀ ପଞ୍ଜୀକରଣ ସଂଖ୍ୟା ୯୪ ହଜାର ୩୦୯ ରେ ପହଞ୍ଚିଥିବାବେଳେ ୪୦ ଲକ୍ଷ ୯୯ ହଜାର ୩୦୨ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଅନ୍ୟପକ୍ଷରେ ୨୦୨୧-୨୨ ରବିରେ ୭୧୭୨ ଚାଷୀ ରହିଥିବାବେଳେ ୨ ଲକ୍ଷ ୫୮ ହଜାର ୮୮୭ କ୍ୱିଣ୍ଟାଲ ଧାନ ପ୍ରଶାସନ କିଣିଥିଲା। ସେହିପରି ୨୦୨୨-୨୩ ରବିରେ ୭୮୨୧ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨ ଲକ୍ଷ ୭୦ ହଜାର ୮୦୩ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ ରବିରେ ୭୮୬୯ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨ ଲକ୍ଷ ୫୭ ହଜାର ୨୨୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। କିନ୍ତୁ ଚଳିତ ବର୍ଷ ରବିରେ ରେକର୍ଡ ସଂଖ୍ୟକ ୪୮ ପ୍ରତିଶତ ଚାଷୀ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇଛି। କେବଳ ଏତିକି ନୁହଁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ୫୭୮ ମେଟ୍ରିକ୍ ଟନ୍ ଟାର୍ଗେଟ ରହିଥିବାବେଳେ କିଛି ଦିନ ପୂର୍ବରୁ ପୁଣି ଏହି ଟାର୍ଗେଟ ୧୩ ହଜାର ୧୫୯ ମେଟ୍ରିକ୍ ଟନ ବଢାଯାଇଥିଲା। କିନ୍ତୁ ଏହା ମଧ୍ୟ କମ୍ ପଡୁଥିବାରୁ ଆଉ ୨୫ ହଜାର ମେଟ୍ରିକ ଟନ୍ ଟାର୍ଗେଟ ବଢାଇବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଥିବା ଜଣାପଡ଼ିଛି। ତେବେ ଏଠାରୁ ପ୍ରଶ୍ନ ଉଠୁଛି କୃଷି ବିଭାଗ ସୂଚନା ଅନୁସାରେ ଚଳିତ ରବିରେ କିମ୍ବା ପୂର୍ବ ବର୍ଷ ଖରିଫ ସମୟରେ ସେତେଟା ଆଖିଦୃଶିଆ ଧାନଚାଷ ପାଇଁ ଜମି ପରିମାଣ ବୃଦ୍ଧି ପାଇନାହିଁ କି ଅମଳ ପ୍ରତିଶତ ବୃଦ୍ଧି ପାଇନାହିଁ। ଏପରିକି ଏହି କିଛି ବର୍ଷ ଭିତରେ ଆଖିଦୃଶିଆ ଜଳସେଚନ ବ୍ୟବସ୍ଥା ମଧ୍ୟ ବଢିନାହିଁ। ଏମିତିରେ ଗତ ଗୋଟିଏ ବର୍ଷ ଭିତରେ ଏତେ ସଂଖ୍ୟାରେ ଚାଷୀ ଙ୍କ ସଂଖ୍ୟା ବଢିଲା କେମିତି ଓ ଅମଳ ଧାନ ପ୍ରତିଶତ ବଢ଼ିଲା କେମିତି। ନିହାତି ଭାବେ ଚାଷୀ ପଞ୍ଜୀକରଣ ସମୟରେ କାରସାଦି କରାଯାଇଥିବା ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ମିଲର୍ସଙ୍କ ସହ ସ୍ଥାନୀୟ ବିଜେପି ମଙ୍ଗୁଆଳ ନେତାଙ୍କ ମଧୁର ସମ୍ପର୍କ ଅନ୍ୟପଟେ ଯୋଗାଣ ଓ ସମବାୟ ବିଭାଗର ଅସାଧୁ କର୍ମଚାରୀଙ୍କ ଲାଭଖୋର ମନୋଭାବ ଯୋଗୁ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ଓ ଧାନକିଣାରେ ବଡ଼ଧରଣର ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। କେବଳ ଧାନକିଣା ପରିମାଣକୁ ବୃଦ୍ଧି କରାଯାଇନାହିଁ ସେହି ଅନୁସାରେ ବୋନମ ଟଙ୍କା ମଧ୍ୟ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କ କହିବା ଅନୁସାରେ କିଛି ହେରାଫେରୀ ନାହିଁ, ପୂର୍ବରୁ ଚାଷୀ ମଣ୍ଡିରେ ଧାନ ବିକିବାକୁ ଚାହୁଁ ନ ଥିଲେ। ଚଳିତବର୍ଷ ବୋନସ ଟଙ୍କା ପାଇଁ ଚାଷୀ ପଞ୍ଜୀକରଣ ଅଧିକ କରିଛନ୍ତି। ସେହି ଅନୁସାରେ ଧାନକିଣା ଯାଇଥିବା ସେ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ପଞ୍ଜିକୃତ ଚାଷୀ ଓ ଧାନକିଣାରେ ରହିଥିବା ତାରତମ୍ୟ ଭିନ୍ନ କଥା କହୁଛି। ଫଳରେ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଗଲେ ଅନେକ ଅସାଧୁ ଅଧିକାରୀଙ୍କ ସହ ଶହଶହ ନକଲି ଚାଷୀ ସାମ୍ନାକୁ ଆସିବେ ବୋଲି ଚାଷୀମାନେ ମତ ରଖିଛନ୍ତି।

### ଖରିଫ ଧାନର ଏମ୍ଏସପି ଓ ବୋନସ୍ ପାଇନାହାନ୍ତି ଚାଷୀ

## ଅର୍ଥାଭାବରୁ ଝିଅ ବାହାଘର କରିପାରିଲେନି ଚେରୁ

ଖପ୍ରାଖୋଲ,୧୧।୬(ସମିସ): ନୂଆ ସରକାରକୁ ବର୍ଷେ ପୂରିବାକୁ ବସିଛି। କେବଳ ପ୍ରତିଶ୍ରୁତି ଓ ନିଜର ବିକାଶର ପୋଷ୍ଟର ଲଗାଇ ଲୋକଙ୍କୁ ବୋକା ବନାଇବା ବ୍ୟତୀତ ଆଉକିଛି କରି ନାହାଁନ୍ତି ନୂଆ ସରକାର। ଚାଷୀ ବିକିଥିବା ଖରିଫ ଧାନର ମୂଲ୍ୟ ଓ ବୋନସ ଟଙ୍କା ଏଯାଏଁ ଦେଇନାହାନ୍ତି। ଯାହାଫଳରେ କି ଅର୍ଥ ଅଭାବରୁ କିଏ ନିଜ ଝିଅର ବାହାଘର କରିପାରି ନାହାନ୍ତି ତ ଆଉ କିଏ ଋଣ ଭାରରେ ମାନସିକ ଚିନ୍ତାଗ୍ରସ୍ତ ଥିବା ଅଭିଯୋଗ ହେଉଛି। ସେହିପରି ଜଣେ ଚାଷୀ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ସମବାୟ ଅଧୀନ



ଗୁଣ୍ଡୁରୁପାଲି ଗ୍ରାମର ଚେରୁ ବରିହା। ସେ ଖରିଫ ଋତୁରେ ଧାନଚାଷ କରି ୨୦୨୪ ଡିସେମ୍ବର ୨୭ରେ ଖପ୍ରାଖୋଲ ମଣ୍ଡିରେ ୩୧ କ୍ୱିଣ୍ଟାଲ ୧୪କେଜି ଧାନ ବିକିଥିଲେ। କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ହାରରେ ୭୧୬୨୨.୦୦ ଟଙ୍କା ସହିତ ସରକାର ଦେଉଥିବା ବୋନସ୍ କୁଇଣ୍ଟାଲ୍ ପ୍ରତି ୭୦୦ଟଙ୍କା ହିସାବରେ ୨୪୯୧୨.୦୦ ଟଙ୍କା ତାଙ୍କ ଜମା ଖାତାକୁ ଆସିବା କଥା। କିନ୍ତୁ ଚେରୁଙ୍କ ଖରିଫ ଧାନର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ତାଙ୍କ ଜମାଖାତାକୁ ଏପର୍ଯ୍ୟନ୍ତ ଆସିନାହିଁ। ଏନେଇ ସେ ବାରମ୍ବାର ବ୍ୟାଙ୍କ ଓ ସମବାୟ ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇ ସାରିଲେଣି। ଟଙ୍କା ନ ମିଳିଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବର୍ଷ ସେ ତାଙ୍କର ଧାନ ବିକା ପଇସାରେ କିଛି କରଜ ଶୁଝିବା ସହିତ ନିଜ ଝିଅର ବାହାଘର କରିଥାନ୍ତେ। ହେଲେ ଅର୍ଥ ଅଭାବରୁ ଝିଅ ବାହାଘର କରିପାରିଲେନି ବୋଲି ମାନସିକ ଚିନ୍ତାରେ ରହୁଛନ୍ତି। ଏନେଇ ସେ ଉପରିସ୍ଥ କାର୍ଯ୍ୟାଳୟକୁରେ ଯୋଗାଯୋଗ କରି ସାରିଛନ୍ତି। ହେଲେ ଟୋଲ ଫ୍ରି ନମ୍ବର ରେ ସବୁ ଠିକ୍ ଅଛି, ହେଲେ କିଛି ସମୟ ଲାଗିବ ବୋଲି ଉତ୍ତର ଆସୁଛି। କିଛି ଦିନ ବ୍ୟବଧାନରେ ଫୋନ କରି ଯୋଗାଯୋଗ ରଖିବା ପାଇଁ କୁହାଯାଉଛି। ଚେରୁ ବରିହଙ୍କ ସହିତ ଆଉଜଣେ ଚାଷୀ ମଧ୍ୟ ଗତବର୍ଷର ଖରିଫ ଚାଷର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି।

# ଗଜ ବଦନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



**କେନ୍ଦ୍ରାପଡ଼ା, ୧୧।୬(ସମିସ):** ସ୍ନାନବେଦୀରେ ମହାପ୍ରଭୁ ୧୦୮ କୁମ୍ଭରେ ସ୍ନାନ କଲେ; ଆଉ ଭକ୍ତଙ୍କୁ ଗଜ ବଦନ ବେଶରେ ଦର୍ଶନ ଦେଲେ। ତୁଳସୀ କ୍ଷେତ୍ରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଧୁମ୍‌ଧାମରେ ପାଳନ କରାଯାଇଛି। ରତ୍ନ ସିଂହାସନରୁ ଭୋଗ ମଣ୍ଡପକୁ ବିଜେ କରିବା ସହ ସେନାପଟା ସମ୍ପନ୍ନ ପରେ ଭେଟି ଲାଗି ହୋଇଥିଲା। ଡୋରି ଫିଟା ଜାଇ ପହଣ୍ଡି ବିଜେ କରାଯାଇଥିଲା। ଆଗରେ ବଳଦେବଜୀଉ ମଝିରେ ସୁଭଦ୍ରା ପଛରେ ଜଗନ୍ନାଥ ଧାଡ଼ି ପହଣ୍ଡି ହୋଇ ସ୍ନାନବେଦୀକୁ ଯାତ୍ରା କରିଥିଲେ। ପହଣ୍ଡି ସମ୍ପନ୍ନ ପରେ ଜୟ ମଙ୍ଗଳା ଆଳତି ହୋଇଥିଲା। ପରେ ଶହେ ଆଠ ସୁବାସିତ ଜଳରେ ସ୍ନାନ କରିଥିଲେ। ବସ୍ତ୍ର ପରିଧାନ, ଚନ୍ଦନ ଲାଗି ବଲ୍ଲଭ, ଗଜ ବଦନ ବେଶ, ମଙ୍ଗଳାର୍ପଣ ପରେ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ଅଣାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ରଥ ଖଳାରେ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜା ପରେ ରଥ ଚକ ଅଖ ସଂଯୋଗ କରାଯାଇଥିଲା। ଆଜି ପୂର୍ଣ୍ଣିମା ଥିବାରୁ ରାତି ତମାମ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଦୀପ, ଧୂପ, ଭୋଗ ପ୍ରଦାନ ପୂର୍ବକ ଭକ୍ତମାନେ ଆଶିଷ ଭିକ୍ଷା ଲାଭ କରିଥିଲେ। ଆଜିଠୁ ୧୫ ଦିନ ପ୍ରଭୁ ଅଣସର ଗୃହରେ ରହିବେ। ଏହି ସମୟରେ ଅନ୍ନ ଭୋଗ ଲାଗିବ ନାହିଁ। କେବଳ କ୍ଷୀର ଛେନା, ଫଳ ଭୋଗ ଲାଗିବ। ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ ନାହିଁ। ଜଗାମୋହନରେ ପୂଜା ପାଉଥିବା ପଟ୍ଟଦିଅଁଙ୍କୁ ଦର୍ଶନ କରିବେ। ରାତ୍ର ୯ଟା ବେଳକୁ ପହଣ୍ଡି ବିଜେ ହୋଇ ପ୍ରଭୁଙ୍କୁ ଅଣସର ଗୃହରେ ବିଜେ କରାଯାଇଥିଲା କ୍ଷ ପରେ ଅନ୍ୟ ନୀତି କରାଯାଇ ରାତ୍ର ଦୁଇଟା ବେଳକୁ ପହୁଡ଼ ପଡ଼ିଥିଲା।

## ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି



**ରାଜନଗର, ୧୧।୬ (ସମିସ):** ରାଜନଗର ବ୍ଲକ କେରରାଗଡ଼ସ୍ଥିତ ପୁରୁଣା ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଜୀଉଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ସମାପନ ହୋଇଛି। ସକାଳ ସାଢ଼େ ୧୦ଟାରେ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନରୁ ବଡ଼ପଣ୍ଡାମାନେ ପହଣ୍ଡିରେ ସ୍ନାନମଣ୍ଡପକୁ ଆଣିଥିଲେ। ବଡ଼ପଣ୍ଡା ନିତ୍ୟାନନ୍ଦ ଦାସ, ମଦନମୋହନ ରଥ, ସୋମନାଥ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ରୀତିନୀତି କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଅଣସର ଘରକୁ ନିଆଯାଇଥିଲା। ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ସେହିପରି ଏହି ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠସ୍ଥିତ ଶ୍ରୀ ବନବିହାରୀଜୀଉ, ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘଗଡସ୍ଥିତ ଶ୍ରୀବଳଦେବଜୀଉ ଏବଂ ରାଜନଗରସ୍ଥିତ ଶ୍ରୀଦଧିବାମନଜୀଉଙ୍କ ନୀତି ସମ୍ପନ୍ନ ହୋଇଛି। ଏହାଛଡ଼ା ବ୍ରାହ୍ମଣସାହି ପଞ୍ଚାୟତର ଗଜରଜପୁରସ୍ଥିତ ଶ୍ରୀ ନୀଳାଦ୍ରିନାଥ ମନ୍ଦିର ଇସ୍କନରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ତିନି ଦିଅଁଙ୍କ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

## ନରସିଂହପୁରରେ ଦେବସ୍ନାନ ପୂର୍ଣ୍ଣିମା



**ଡେରାବିଶ, ୧୧।୬(ସମିସ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଜଗନ୍ନାଥ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଦେବସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ବାଜାବାଣ ରୋଶଣି ଓ ଭଜନ କୀର୍ତ୍ତନ ଆଦିରେ ପୂର୍ବାହ୍ନରୁ ତିନିଦିଅଁଙ୍କୁ ଗ୍ରାମରେ ଥିବା ସ୍ନାନ ମଣ୍ଡପରେ ବିଜେ କରାଯାଇ ରୀତିନୀତି ଅନୁଯାୟୀ ସ୍ନାନ କରାଯାଇଥିଲା। ପରେ ତିନିଦିଅଁଙ୍କୁ ଗଜାନନ ବେଶ କରାଯାଇ ଅଣସର ଘରକୁ ନିଆଯାଇଥିଲା। ଆଧ୍ୟାତ୍ମିକ ଗୁରୁ ତଥା ଭାଗବତ ପ୍ରଚାର ସମିତି ଓଡ଼ିଶା ରାଜ୍ୟ ସଭାପତି ଲଙ୍ଗୁଳିବାବା ମହାରାଜ ଯୋଗ ଦେଇଥିଲେ। ଜିଲ୍ଲାର ୯ଟି ବ୍ଲକର ଭାଗବତ ଟୁଙ୍ଗିର ବ୍ଲକ ସଭାପତି, ସମ୍ପାଦକ, ଡେରାବିଶ ବ୍ଲକ ଭାଗବତ ଟୁଙ୍ଗିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଶହଶହ ଶ୍ରଦ୍ଧାଳୁ ଭକ୍ତ ଭାଗବତ ରସାମୃତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ରତାଦିଆ ଖଣ୍ଡସାହି ପଞ୍ଚାୟତର ବନ୍ଧପଡ଼ା, ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ନିକଟସ୍ଥ ଓଉଖଣ୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ପତିତପାବନଙ୍କ ଦେବସ୍ନାନ ପୂର୍ଣ୍ଣିମା



**ପଟ୍ଟାମୁଣ୍ଡାଇ, ୧୧।୬ (ସମିସ):** ପଟ୍ଟାମୁଣ୍ଡାଇ ପୋଖରୀଆପଡ଼ାସ୍ଥିତ ପତିତପାବନ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳ ପୂଜାର୍ଚ୍ଚନା ଓ ନୀତିକ୍ରାନ୍ତି ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କୁ ଦଇତାପତି ନିଯୋଗ ସଂଘ ସଭାପତି ସୁଶୀଲ ପାଠୀଙ୍କ ନେତୃତ୍ୱରେ ଦାଇତାପତି ତପନ ବାରିକ, ବଳରାମ ଦାଶ, ଦେବାଶିଷ ନାୟକ, ପ୍ରସଂଜୀତ ପଣ୍ଡା, ଚିତ୍ତ ରଞ୍ଜନ ଦାଶ, ସଂଜୀବ ଦାଶ ପ୍ରମୁଖ ପହଣ୍ଡି କରି ସ୍ନାନବେଦିକୁ ନେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ଓ ସମ୍ପାଦକ ନରହରି ଲେଙ୍କା, ଇଂ ତ୍ରିଲୋଚନ ସୂତାର, ଇଂ ତପନ ପାତ୍ର, ବିଜୟ ମହାନ୍ତି, ଇଶ୍ୱର ଲେଙ୍କାଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ତତ୍ତ୍ୱାବଧାନ ଓ ପୂଜକ ବେଦଜ୍ଞ ବ୍ରାହ୍ମଣ ପର୍ଶୁରାମ ଦାଶ ଓ ସନ୍ତୋଷ ଦାଶ ଦ୍ୱାରା ପ୍ରଭୁ ପତିତପାବନଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଭଜନ ଓ ନାମ ସଂକୀର୍ତ୍ତନରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ସେହିପରି ରାଧାରମଣ ମଠ, ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, ପୋଖରୀଆପଡା ହରପାର୍ବତୀ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, କଷଣ ଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର, ବେଲତଳ ଭୋଳିବାବା ମଠସ୍ଥ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଦେବାଦେବୀ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ପ୍ରଭୁ ସୁଦର୍ଶନ ଓ ମା ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ସ୍ନାନ କରାଯାଇଥିଲା ଓ ଏହା ପରେ ସମସ୍ତ ଦେବାଦେବୀଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପ୍ରଭୁଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ପ୍ରଭୁ ସୁଦର୍ଶନ ଓ ମା' ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ସ୍ନାନ ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏହାଛଡା ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ସମାରୋହରେ ପାଳିତ ହୋଇଯାଇଛି। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକମାନେ ଯଥାରୀତି ପ୍ରଭୁଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରିଥିଲେ। କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର ଓ ବେଲତଳ ଭୋଳିବାବା ମଠସ୍ଥ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି।

## ଶ୍ରୀଦଧିବାମନଜୀଉଙ୍କ ଗଜାନନ ବେଶ



**ଡେରାବିଶ, ୧୧।୬(ସମିସ):** ଡେରାବିଶ ବ୍ଲକ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥିତ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଦଧିବାମନଜୀଉ ସ୍ନାନମଣ୍ଡପକୁ ଯାଇ ସର୍ବସାଧାରଣଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉଙ୍କ ଗଜାନନ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଆଜି ପ୍ରାତଃରୁ ମଙ୍ଗଳ ଆଳତି ପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ସିଂହାସନରୁ ସ୍ନାନ ମଣ୍ଡପ ଯାଏ ଅଣାଯାଇଥିଲା। ପରମ୍ପରା ଅନୁଯାଇ ଛେରାପହରା କାର୍ଯ୍ୟ ସମ୍ପନ୍ନ ହେବା ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ମଣ୍ଡପରେ ଶ୍ରଦ୍ଧାଳୁମାନେ ଆଣିଥିବା ବିଭିନ୍ନ ପ୍ରକାର ଫଳମୂଳ ନୈବେଦ୍ୟ କରାଯାଇ ଶ୍ରୀଜୀଉଙ୍କୁ ଗଜାନନ ବେଶ କରାଯାଇଥିଲା।

### ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

## ଦଧିବାମନଜୀଉ ଉତ୍ପାଦକ ଗୋଷ୍ଠୀ ଜିଲ୍ଲାରେ ପ୍ରଥମ



**କେନ୍ଦ୍ରାପଡ଼ା,୧୧।୬(ସମିସ):** ଜିଲ୍ଲା ମିଶନ ଶକ୍ତି ଭବନ ବାରୋଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ଗ୍ରାମପଞ୍ଚାୟତର ଦଧିବାମନଜୀଉ ଉତ୍ପାଦକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାରୀ କରିଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମପଞ୍ଚାୟତର ହରପାର୍ବତୀ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଏବଂ ଆଳି ବ୍ଲକ ମେଣ୍ଡପୁର ଗ୍ରାମପଞ୍ଚାୟତର ନନ୍ଦଲାଲାଜୀଉ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଛି। ପୁରସ୍କାର ରାଶି ବାବଦରେ ଯଥାକ୍ରମେ ୧୦ ହଜାର, ୮ ହଜାର ଏବଂ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତି ଦାସ, ଶୋଭମ ଶ୍ରୀତମ ପଣ୍ଡା ଯୋଗ ଦେଇଥିଲେ। ଜୁରୀ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୋନାରମା ସ୍ୱାଇଁ, ଜିଲ୍ଲା ଖାଦ୍ୟ ଯୋଗାଣ ନିରୀକ୍ଷଣ ଅଧିକାରୀ ପ୍ରିତିଶ ଦାସ ଏବଂ ତୁଳସୀ ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସବିତା ଦାସ ଯୋଗ ଦେଇଥିଲେ। ଓଡିଶା ଜୀବିକା ମିଶନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପାଢ଼ୀ, ଡିପିସି ମିଶନ ଶକ୍ତି ଆରତୀ ସାହୁ ସଂଯୋଜନା କରିଥିଲେ। ସୂଚନା ଯେ ୯ଟି ପ୍ରତିଯୋଗିତାରେ ୨୭ ଜଣ ସଭ୍ୟା ଅଂଶଗ୍ରହଣ କରିଥିଲେ।

## ଆଜିଠୁ ବିକାଶ ମେଳା

**କେନ୍ଦ୍ରାପଡ଼ା,୧୧।୬(ସମିସ):** ରାଜ୍ୟରେ ବିଜେପି ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକର ଯୋଜନାକୁ ଅଧିକ ଜନାଭିମୁଖୀ କରିବା ଉଦ୍ଦେଶ୍ୟରେ ଗୁରୁବାରଠାରୁ ମାଉସୀମା' ମନ୍ଦିର ସମ୍ମୁଖରେ ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଉକ୍ତ ମେଳାରେ ପଞ୍ଚାୟତିରାଜ ଓ ପାନୀୟଜଳ ସମେତ ବିଭିନ୍ନ ବିଭାଗର ପାଖାପାଖି ୫୦ଟି ଷ୍ଟଲ ପ୍ରଦର୍ଶିତ ହେବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରିବଟା ଓ ପ୍ରଦର୍ଶିତ ହେବ। ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ୨୧ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପ୍ରଚାରପ୍ରସାର କରିବ।

## ବାନାମ୍ବର ମହାପୁରୁଷଙ୍କ ଜନ୍ମଦିବସ



**ଡେରାବିଶ, ୧୧।୬(ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ାସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବାନାମ୍ବର ମହାପୁରୁଷଙ୍କ ଜନ୍ମଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସର ଓ ବାହାରେ ଭକ୍ତମାନେ ପୁଷ୍ପରେ ସୁସଜ୍ଜିତ କରିଥିଲେ। ଏଥିସହ ଭଜନ କୀର୍ତନ ଓ ଆଧ୍ୟାତ୍ମିକ ପ୍ରବଚନ ଶ୍ରବଣ କରିବା ପାଇଁ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ରାଜନଗର



ରାଜକନିକା



ଡେରାବିଶ

**ରାଜନଗର,୧୧।୬(ସମିସ)**

ରାଜନଗର ବ୍ଲକ୍ ମିଶନ ଶକ୍ତି ପକ୍ଷରୁ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାଫେ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମିଶନ ଶକ୍ତି ବିପିସି ସୁଶାନ୍ତ ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଜୀବିକା ମିଶନର ବିପିଏମ ଦୀପକ ମହାନ୍ତି, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ, ଏବିଓ ଶିବପ୍ରସାଦ ବେହେରା, ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ସେବିକା ମିନତୀ ମିଶ୍ର, ବ୍ଲକ୍ ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ପ୍ରେମ ମଞ୍ଜୁଳା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଭାଗନେଇଥିବା ସ୍ୱୟଂସହାୟକ ଗୋଷ୍ଠୀର ଖାଦ୍ୟ ପରଖିବା ସହିତ ପ୍ରଥମ ଓ ଦ୍ୱିତୀୟ ଦୁଇଟି ଦଳକୁ ଚୟନ କରିଥିଲେ। ମା' ଶାରଳା ସ୍ୱୟଂସହାୟକ ଗୋଷ୍ଠୀ ପ୍ରଥମ ହୋଇ ନଗଦ ୫ ହଜାର ଟଙ୍କା ଓ ମା' ବୁଢ଼ୀ ଜାଗୁଳାଇ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱିତୀୟ ହୋଇ ୪ ହଜାର ଟଙ୍କା ଓ ପ୍ରଶଂସା ପତ୍ର ପାଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ଖୁଣ୍ଟିଆ ଓ ମିନତୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଜକନିକା:** ରାଜକନିକା ବ୍ଲକ ପରିସରରେ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୨୫ଟି ସ୍ୱୟଂସହାୟିକା ଗୋଷ୍ଠୀ ଭାଗ ନେଇଥିଲେ। ବରାଡ଼ିଆର ମା' ଦୁର୍ଗା ଗୋଷ୍ଠୀ ପ୍ରଥମ, ବାଘବୁଦାର ମା' ତାରିଣୀ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପ୍ରଥମ ଗୋଷ୍ଠୀକୁ ନଗଦ ୫ ହଜାର ଓ ଦ୍ୱିତୀୟ ଗୋଷ୍ଠୀକୁ ୪ ହଜାର ଟଙ୍କା ସହ ଅନ୍ୟ ସମସ୍ତ ପ୍ରତିଯୋଗୀ ଗୋଷ୍ଠୀକୁ ସାନ୍ତ୍ୱନାମୂଳକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**ଡେରାବିଶ:** ମିଶନ ଶକ୍ତି ପକ୍ଷରୁ ଡେରାବିଶ ପଞ୍ଚାୟତ ସମିତି ପରିସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରାଯାଇଛି। ବ୍ଲକ୍‌ର ୧୨ଟି ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଭାଗ ନେଇଥିଲେ।



ଆଳି

ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ଥିଲା ବାଉଁଶ ଗଜା (କରଡ଼ି)ର ତରକାରୀ। ଡେରାବିଶ ବ୍ଲକ୍ ଅଧକ୍ଷା ପ୍ରଭାତୀ ମଲିକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ ବିଡିଓ ନମିତା ବାରିକ, ସିଡିପିଓ ହରପ୍ରିୟା ଦେବୀ, ଡବ୍ଲୁଇଓ ରଶ୍ମି ଦେବୀ, ବିପିସି ବିଜୟଲକ୍ଷ୍ମୀ ବେହେରା, ବିପିଏମ ଅମୀୟ ରାଉତ, ଡେରାବିଶ ବ୍ଲକ୍ ମିଶନଶକ୍ତି ସମ୍ପାଦିକା ମନୋରମା ରାଉତ ପ୍ରମୁଖ ଯୋଗଦେଇ ମିଶନ ଶକ୍ତି ପକ୍ଷରୁ ଅନୁଷ୍ଠିତ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ। ପ୍ରତିଯୋଗିତାରେ ଗୋଲରାହାଟ ଦଧିବାମନଜୀଉ ପ୍ରଡ୍ୟୁସର୍ସ ଗ୍ରୁପ ପ୍ରଥମ ଓ କୁଶିଆପାଳ ପଞ୍ଚାୟତର ମହାବୀର ଏସ୍‌ଏଚ୍‌ଜି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଅତିଥିମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫୦୦୦ ଟଙ୍କା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୪୦୦୦ ଟଙ୍କାସହ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଏଲସି ସୁଭଦ୍ରା ସେଠୀ, ସୁଶ୍ରୀ ସଙ୍ଗୀତା ଭୂୟା, ବିପିଏ ନିବେଦିତା ଦାସ ପରିଚାଳନା କରିଥିଲେ।

**ଆଳି:** ଆଳି ମହାବିଦ୍ୟାଳୟରେ ଆଳି ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପ୍ରକଳ୍ପ ସଂଯୋଜିକା ମନୀଷା ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୋଗଦେଇ ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁ ଓ ମହିଳା ବିକାଶ ପ୍ରକଳ୍ପ ଅଧିକାରିଣୀ ମାମିନାବାଳା ପଣ୍ଡା ପରିଚାଳନା କରିଥିବା ବେଳେ ଅତିଥି ଭାବେ ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଆଳି ମହାବିଦ୍ୟାଳୟ ଅଧକ୍ଷ ବିକ୍ରମ ବେହେରା, ପଞ୍ଚାୟତ ସମିତି ଉପାଧକ୍ଷା ମିନତୀ ବାରିକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ, ମୁଖ୍ୟ କିରାଣି ସୁଶାନ୍ତ ବଳ, ଅଧାପକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୩୪ଟି ପଞ୍ଚାୟତରୁ ୧୫ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଖାଦ୍ୟର ମାନ ପରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମହିଳା ଗୋଷ୍ଠୀଙ୍କୁ ପୁରସ୍କୃତ କରିଥିଲେ। ଆଳି ମିଶନ ଶକ୍ତି ବିଭାଗର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଟିମ, ଆଳି ଅଗ୍ନିଶମ ବାହିନୀ ଟିମ୍ ସହଯୋଗ କରିଥିଲେ।

## ଅଟୋ ଚାଳକଙ୍କୁ ମାଡ଼ମାରି ଟଙ୍କା ଓ ଅଟୋ ଲୁଟ୍; ୨ ଗିରଫ

ଛେଣ୍ଡିପଦା, ୧୧।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଛେଣ୍ଡିପଦା ଶିଶୁମନ୍ଦିର ନିକଟରେ ଜଣେ ଅଟୋ ଚାଳକଙ୍କୁ ମାଡ଼ମାରି ଟଙ୍କା ଓ ଅଟୋ ଲୁଟ ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛେଣ୍ଡିପଦା ଗ୍ରାମର ବାବୁଲା ବାରିକ (୨୦) ଓ ସନ୍ତରାବନ୍ଧର ଟିକନ ଗଡ଼ତିଆ (୨୩)। ପୁଲିସ ସୂଚନା ଅନୁଯାୟୀ, ବାଗଡ଼ିଆ ଥାନା ଡଅଁରିଆଝରଣ ଗ୍ରାମର ବ୍ରହ୍ମା ବେହେରା (୨୫)ଙ୍କ ଅଟୋରେ ଘୁଣ୍ଟୁଲିପଶି ଗ୍ରାମର କାଶୀନାଥ ନାଏକ ଗତ ୮ ତାରିଖ ଅପରାହ୍ନରେ ସନ୍ତରାବନ୍ଧ ଗ୍ରାମରୁ ଗୋଟିଏ ଗାଇ କିଣି ଘରକୁ ଫେରୁଥିଲେ। ଏହି



ସମୟରେ ପଛରୁ ବାଇକରେ ଦୁଇ ଯୁବକ ତାଙ୍କୁ ପିଛାକରି ଶିଶୁମନ୍ଦିର ନିକଟରେ ଅଟୋକୁ ଅଟକାଇଥିଲେ। ଅଟୋ ଚାଳକ ବ୍ରହ୍ମାଙ୍କୁ ମାଡ଼ମାରି ମୋବାଇଲ ଓ ଅଟୋ ନେଇ ଫେରାର ହୋଇଯାଇଥିଲେ। କିଛିବାଟ ପରେ କାଶୀନାଥଙ୍କଠାରୁ ମଧ୍ୟ ୭୦୦ ଟଙ୍କା ଛଡ଼ାଇନେଇ ଅଟୋରୁ ତାଙ୍କୁ ବାହାର କରିଦେଇ ଫେରାର ହୋଇଯାଇଥିଲେ। ଏ ନେଇ ବ୍ରହ୍ମା ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ନାକାବନ୍ଦୀ କରିଛାନଭିନ କରିଥିଲା। ପରେ ଛେଣ୍ଡିପଦା ବନ ବିଭାଗ କାର୍ଯ୍ୟାଳୟ ପଛପଟେ ଥିବା ଜଙ୍ଗଲରୁ ପୁଲିସ ଅଟୋକୁ ଠାବ କରିଥିଲା। ଦୁର୍ବୃତ୍ତ ଦ୍ୱୟ ଅଟୋର ବ୍ୟାଟେରୀ, ଷ୍ଟେପିନ ଚକ ଓ ରେଞ୍ଜି ପାନା ନେଇ ଫେରାର ହୋଇଯାଇଥିଲେ। ପୁଲିସ ଘଟଣାର ତଦନ୍ତ କରି ଦୁର୍ବୃତ୍ତମାନେ ଛେଣ୍ଡିପଦା କୋଇଲା ଖଣି ନିକଟ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ସେଠାରେ ଚଢ଼ଉ କରିଥିଲା। ତେବେ ଦୁର୍ବୃତ୍ତ ଦ୍ୱୟ ପୁଲିସକୁ ଦେଖି ପଳାଇ ଯାଉଥିବା ବେଳେ ପୁଲିସ ଉଭୟଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲା। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମରିଗଲା ମାନବିକତା: ଶବକୁ ମିଳିଲାନି ଶେଷ ସମ୍ମାନ

ପାଲଲହଡ଼ା, ୧୧।୬(ସମିସ)

ଟାଙ୍ଗିଆ ଚୋଟରେ ଜୀବନ ହରାଇଥିବା ପାଲଲହଡ଼ା ଥାନା ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଗୀତା ମୁଣ୍ଡାଙ୍କ ଶବକୁ ଶେଷ ସମ୍ମାନ ମିଳିଲା ନାହିଁ। ଅନ୍ତିମ ସଂସ୍କାର ପାଇଁ ନା କୌଣସି ଜ୍ଞାତିକୁଟୁମ୍ବ ଆଗକୁ ଆସିଲେ

- ସରପଞ୍ଚ, ସାମ୍ବାଦିକ ଓ ପୁଲିସ ଅଧିକାରୀଙ୍କ ଉଦ୍ୟମରେ ଗାତଖୋଳି ପୋତାଗଲା
- ଟାଙ୍ଗିଆ ଚୋଟରେ ଜୀବନ ହରାଇଥିଲେ ଗୀତା ମୁଣ୍ଡା

ନା ତଥାକଥିତ ସମାଜସେବୀ। ନେତାଙ୍କ ସହଯୋଗ ବି ମିଳିଲା ନାହିଁ। ଶେଷରେ ସରପଞ୍ଚ, ସାମ୍ବାଦିକ ଓ ପୁଲିସ ଅଧିକାରୀଙ୍କ ଉଦ୍ୟମରେ ଜେସିବି ମେସିନ



ସାହାଯ୍ୟରେ ଗାତଖୋଳି ମୃତଦେହକୁ ପୋତାଯାଇଛି। ଗୀତା ମୁଣ୍ଡା ଓ ତାଙ୍କ ସ୍ୱାମୀ ସିକ୍ସୁ ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହେବାରୁ ସିକ୍ସୁ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ଗୀତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରଥମେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଗୀତାଙ୍କ ମୃତ୍ୟୁ ହୋଇଥିଲା। ତେବେ ଗୀତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶବ ସତ୍କାର ପାଇଁ କେହି ଆଗକୁ ଆସି ନ ଥିଲେ। ସ୍ୱାମୀ ସିକ୍ସୁ ଫେରାର ଥିବା ବେଳେ ପରିବାର ଲୋକ ତଥା ପଡ଼ୋଶୀ ମଧ୍ୟ ସାମାଜିକ କଟକଣା ଭୟରେ ପଛଘୁଞ୍ଚା ଦେଇଥିଲେ। ଦୀର୍ଘ ୨୪ ଘଣ୍ଟା ପରେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ଥାନାଧିକାରୀ ପ୍ରଦୀପ ମହାନ୍ତ ଓ ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଜେସିବି ମେସିନ ସାହାଯ୍ୟରେ ଗାତଖୋଳି ଗୀତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ପଛରୁ ଧକ୍କାଦେଇ ଘୋଷାଡ଼ି ନେଲା ବସ୍; ବାଇକ ଆରୋହୀ ମୃତ

ଅନୁଗୋଳ, ୧୧।୬(ସମିସ): ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଶିମିଳିପଡ଼ାରୁ ପିଟିସି ଛକ ରାସ୍ତାରେ ଏକ ବସ୍ ଜଣେ ବାଇକ ଆରୋହୀଙ୍କୁ ପଛରୁ ଧକ୍କାଦେବା ସହ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଉପଖଣ୍ଡ ପାଟଲା ଗ୍ରାମର ଶିବରାମ ସାହୁ (୪୮)। ଶିବରାମ ଅନୁଗୋଳ ସୁସୁଡ଼ା ଅଞ୍ଚଳରେ ଭଡ଼ାଘରେ ରହୁଥିବା ବେଳେ ପିଟିସି ନିକଟରେ ଏକ ବ୍ୟାଟେରୀ ଦୋକାନ କରିଥିଲେ। କୌଣସି କାର୍ଯ୍ୟରେ ସେ ନିଜ ବାଇକ ଯୋଗେ ଶିମିଳିପଡ଼ା ଆସି ଦୋକାନକୁ ଫେରୁଥିବା ବେଳେ ଶିମିଳିପଡ଼ାରୁ ରାଜ୍ ହୋଟେଲ ଛକକୁ ପଡ଼ିଥିବା ରାସ୍ତାରେ ଏକ ଅଜଣା ବସ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଶିବରାମ ବାଇକରୁ ଖସିପଡ଼ି ବସ ଚକତଳେ ପଡ଼ିଯାଇଥିଲେ। ବସ୍ ତାଙ୍କୁ କିଛିଦୂର ଘୋଷାଡ଼ି ନେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ କଂଗ୍ରେସ ପକ୍ଷରୁ ବଳବୀର ସିଂ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ସଂକରଣ ସାହୁ, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ପହଞ୍ଚି ଶିବରାମଙ୍କ ପରିବାରକୁ କିପରି ସହାୟତା ମିଳିପାରିବ ସେ ନେଇ ପ୍ରଶାସନ ସହ ଆଲୋଚନା କରିଥିଲେ। ଏଥି ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପହଞ୍ଚି ପ୍ରଶାସନ, ବସ ଓ ଟ୍ରକ ମାଲିକ ସଂଘ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ଟ୍ରକ ଆସୋସିଏସନ ପକ୍ଷରୁ ୩୦ ହଜାର, ବସ ଆସୋସିଏସନ ପକ୍ଷରୁ ୪୦ ହଜାର, ରେଡକ୍ରସ ପକ୍ଷରୁ ୧୦ ହଜାର ଏବଂ ବିଧାୟକ ପ୍ରଧାନଙ୍କ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ଓଷ୍ଟା ପକ୍ଷରୁ ଶିକ୍ଷକଙ୍କ ଶୋକସଭା



ଖମାର, ୧୧।୬(ସମିସ): ଅନୁଗୋଳ ଜିଲ୍ଲା ଓଷ୍ଟା ତରଫରୁ ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ଖମାର ଥାନା ପରାଛାଟ ପଞ୍ଚାୟତ କଣ୍ଟିଆପଶି ଉଚ୍ଚ ବିଦ୍ୟାପୀଠରେ ବିଜ୍ଞାନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଜିଲ୍ଲା ଓଷ୍ଟା ଉପସଭାପତି ଶ୍ରୀକାନ୍ତ ମିଶ୍ର, ବ୍ଲକ ସଭାପତି ଅକ୍ଷୟ କୁମାର ପ୍ରଧାନ, ଉପସଭାପତି ବିଷ୍ଣୁଚରଣ ସାହୁ, ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ସାହୁ, ଶିକ୍ଷକ ହେମନ୍ତ କୁମାର ସାହୁ, ବିଦ୍ୟାଳୟ ସଭାପତି ଦେବରାଜ ଘଟୁଆରି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରାମନାଥ ରାଉଳ ଧନ୍ୟବାଦ ଦେଇଥିଲେ।

## ଟ୍ରକ ଧକ୍କାରେ ଯୁବକ ମୃତ

ପରଜଙ୍ଗ, ୧୧।୬(ସମିସ): ୫୩ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ମୁକ୍ତାପଶି ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ପରଜଙ୍ଗ ପଟୁ ବାଇକ ଯୋଗେ ଯୁବକ ଜଣକ କାମାକ୍ଷାନଗର ଆସୁଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଯୁବକଙ୍କ ବାଇକ ଓ ଖଣ୍ଡବିଖଣ୍ଡିତ ମୃତଦେହ ରାସ୍ତାରେ ପଡ଼ିରହିଥିବା ବେଳେ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକ ଜବତ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ରାଜପଥରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଶତାଧିକ ଯାନବାହାନ ଅଟକି ରହିଛି।

## ନାଲ୍‌କୋର ନୂତନ ନିର୍ଦ୍ଦେଶକ ଭାବେ ଅଭୟଙ୍କ ଦାୟିତ୍ୱ ଗ୍ରହଣ

ଅନୁଗୋଳ, ୧୧।୬(ସମିସ): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନାଲକୋର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବେ ବୁଧବାର ଅଭୟ କୁମାର ବେହୁରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ବେହୁରିଆ ଆର୍‌ଏସ୍‌ପିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷତା ଏବଂ ନେତୃତ୍ୱ ବଳରେ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା। ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ବେହୁରିଆଙ୍କର ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି



ଏବଂ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ (ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ସହ ସଂସ୍ଥାର ଆଡଭାନ୍ସଡ୍ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟ ମୂଲ୍ୟାଙ୍କନରେ ମଧ୍ୟ ଏକଜିକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି। ନାଲ୍‌କୋରେ ଦାୟିତ୍ୱ ଗ୍ରହଣ କରିବା ପରେ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ ନାଲକୋ ସିଏମଡି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଲେ ଯେ ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ତାଙ୍କର ବ୍ୟାପକ ଅଭିଜ୍ଞତା ନାଲକୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନ କରିବ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନ ଆଣିବ। ନିର୍ଦ୍ଦେଶକ (ଅର୍ଥ) ଭାବେ ତାଙ୍କ ଯୋଗଦାନ ନାଲକୋ ବୋର୍ଡକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ସେ ଆଶାବ୍ୟକ୍ତି କରିଛନ୍ତି।

## ୧୧ କେଭି ତାରଲାଗି ଗାଈ ମୃତ

■ ୨ ଦିନ ହେବ ଛିଣ୍ଡି କ୍ଷେତରେ ପଡ଼ିଥିଲା ଜୀବନ୍ତ ବିଦ୍ୟୁତ୍ ତାର

ଅନୁଗୋଳ, ୧୧।୬(ସମିସ): ବନ୍ତଲା ଥାନା ବଡ଼କନ୍ତକୁଳ ଗାଁରେ ୧୧କେଭି ବିଦ୍ୟୁତ ତାର ଲାଗି ଏକ ଗାଈର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗାଈ ମାଲିକ ଏ ନେଇ ବିଦ୍ୟୁତ ବିଭାଗ ପାଖରେ ଅଭିଯୋଗ କରିଥିବା ବେଳେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଏହାକୁ ଅଣଦେଖା କରୁଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ବଡ଼କନ୍ତକୁଳ ଗ୍ରାମ ସ୍କୁଲସାହିର ଗାଈ ମାଲିକ ଚିତ୍ତରଞ୍ଜନ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଝଡ଼ବତାସ ଯୋଗୁଁ ଘରଠାରୁ କିଛି ଦୂରରେ ଥିବା ୧୧ କେଭି ବିଦ୍ୟୁତ ତାର ଛିଣ୍ଡି ତଳେ ପଡ଼ିଥିଲା। ଏ ନେଇ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ମଧ୍ୟ କେହି ଆସି ନ ଥିଲେ। ବୁଧବାର ସକାଳେ ଚିତ୍ତରଞ୍ଜନଙ୍କ ଗାଈ ଚାରିବାକୁ ଯାଇଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଜୀବନ ଯାଇଥିଲା। ଏ ସମ୍ପର୍କରେ ଚିତ୍ତରଞ୍ଜନ ବନ୍ତଲା ଟିପିସିଓଡିଏଲ ଯନ୍ତ୍ରୀଙ୍କୁ ଫୋନ କରି କହିଥିଲେ ମଧ୍ୟ ସେ ଭ୍ରୂକ୍ଷେପ କରି ନ ଥିଲେ। ଖୋଲା ମେଲାରେ ଜୀବନ୍ତ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିବା ବେଳେ ବିଭାଗ କିପରି ଏଥିପ୍ରତି ସଜାଗ ହେଉନାହିଁ ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବନ୍ତଲା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପାଖେ ଏସଡିଓ ସିପକ ଦାସଙ୍କୁ ପଚାରିବାରୁ ସେ କହିଲେ, ବେଳେ ବେଳେ ସର୍ଟ ହେଲେ ସ୍ୱୟଂଚାଳିତ ଭାବେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଏ। ପରେ ପୁନର୍ବାର ଆମେ ଚାର୍ଜ କରିଥାଉ। କାରଣ ଅନେକ ସମୟରେ ପକ୍ଷୀ ବସି କିମ୍ବା ଗଛ ଡାଳ ଲାଗି ଫ୍ୟୁଜ ଉଡ଼ିଯାଇଥାଏ। ତେଣୁ ତାର ଛିଣ୍ଡିବା ପରେ ବିଦ୍ୟୁତ ସରବରାହ ବନ୍ଦ ନ ହୋଇ ଚାଲୁ ରହିଥିବା ନେଇ ସନ୍ଦେହ କରାଯାଉଛି। ଏପଟେ ଅତ୍ୟାଧୁନିକ ଯୁଗରେ ଏପରି ଖୋଲାମେଲାରେ କିପରି ବିଦ୍ୟୁତ ତାର ପଡ଼ି ରହୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ଶୈଳଶ୍ରୀକ୍ଷେତ୍ରରେ ଅଘଟଣ

## ବିଦ୍ୟୁତ୍ ଆଘାତରେ ସେବାୟତ ଗୁରୁତର

ଅନୁଗୋଳ, ୧୧।୬(ସମିସ): ବୁଧବାର ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଅଘଟଣ ଘଟିଛି। ବିଦ୍ୟୁତ୍ ଆଘାତରେ ଜଣେ ସେବାୟତ ଗୁରୁତର ଆହତ ହୋଇଛନ୍ତି। ଆହତ ସେବାୟତ ହେଲେ ସୌରୀ ରଞ୍ଜନ ପଣ୍ଡା। ବୁଧବାର ରୀତିନୀତି ଅନୁସାରେ ମହାପ୍ରଭୁଙ୍କ ସ୍ନାନନୀତି ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବ ସ୍ଥିରୀକୃତ ହୋଇଥିବା ସେବାୟତମାନେ ପ୍ରଭୁଙ୍କ ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ସ୍ନାନ ସରିବା ପରେ ବେଶ ଆରମ୍ଭ ହୋଇଥିଲା। ସେବା କାର୍ଯ୍ୟରେ ନିୟୋଜିତ ସୌରୀରଞ୍ଜନ ପାଖରେ ଥିବା ଲୁହା ବ୍ୟାରିକେଡ୍ ଉପରେ ହାତ ରଖିଦେଇଥିଲେ। ପୂର୍ବରୁ ଏହି ବ୍ୟାରିକେଡ୍‌ରେ କୌଣସି କାରଣରୁ ବିଦ୍ୟୁତ ଚାର୍ଜ ହୋଇଯାଇଥିଲା। ସୌରୀ ସେଥିରେ ହାତ ରଖିବା କ୍ଷଣି ତାଙ୍କୁ ଜୋରଦାର ବିଦ୍ୟୁତ ଝଟକା ଲାଗିଥିଲା। ଏଥିରେ ତାଙ୍କ ହାତର ଗୋଟିଏ ଆଙ୍ଗୁଠି ଫାଟି ଯାଇଥିବା ବେଳେ ଅନ୍ୟ ଦୁଇ ଆଙ୍ଗୁଠି ପୋଡ଼ିଯାଇଛି। ତୁରନ୍ତ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

## କପିଳାସବାବାଙ୍କ ଗର୍ଭଗୃହ ଫଟୋ ଭାଇରାଲ

ଗଁଦିଆ, ୧୧।୬(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକରେ ପୂଜିତ ବିଶ୍ୱପ୍ରସିଦ୍ଧ ବାବା ଚନ୍ଦ୍ରଶେଖରଜୀଉଙ୍କ କପିଳାସ ପୀଠର ଗର୍ଭଗୃହ ଫଟୋ ଭାଇରାଲ ହେବା ପରେ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାରେ ଗର୍ଭଗୃହକୁ ମୋବାଇଲ ନେବା ସମ୍ପୂର୍ଣ୍ଣ ବାରଣ ଥିବା ସ୍ଥଳେ କିପରି ମୋବାଇଲ (କ୍ୟାମେରା) ଗଲା ତାହା ଚିନ୍ତାର ବିଷୟ ହୋଇଛି। ଅପରପକ୍ଷରେ ଯେଉଁ ସେବକ ଠାକୁରଙ୍କୁ ଦର୍ଶନ କରାଉଛନ୍ତି ସେ ପ୍ରଭୁଙ୍କର ଶକ୍ତିପୀଠ ଉପରେ ନିଜ ପାଦ ରଖି ପୂଜା କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହି ଘଟଣା ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ଏହି ଶୈବପୀଠର ସମ୍ପୂର୍ଣ୍ଣ ପରିଚାଳନା ଭାର ଜିଲ୍ଲା ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଏହା ସତ୍ତ୍ୱେ କିପରି ଭାବେ ଏପରି ଅଶୋଭନୀୟ କାର୍ଯ୍ୟ ଏଠାରେ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିପୁଳ ମଦ ଜବତ; ଜଣେ ଗିରଫ

ଖଜୁରିଆକଟା, ୧୧।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ପୁଲିସ ବୁଧବାର ବିପୁଳ ମଦ ଜବତ କରିଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ବିଶେଷ ସୂତ୍ରରୁ ଖବରପାଇ ରାସୋଳ ଥାନା ବ୍ରହ୍ମପୁର ଅଞ୍ଚଳର ଜଙ୍ଗଲରେ ଚଢ଼ଉ କରି ୩୦ ଲିଟର ଦେଶୀ ରନ୍ଧାମଦ, ମଦ ରାନ୍ଧିବାରେ ବ୍ୟବହୃତ ଡେକଚି, କଡ଼େଇ ଆଦି ସାମଗ୍ରୀ ଜବତ କରିଛନ୍ତି। ଏଥିସହ ଶହେ ଲିଟର ମଦପୋଚ ନଷ୍ଟ କରିଛନ୍ତି। ମଦ ରାନ୍ଧୁଥିବା ବ୍ରହ୍ମପୁର ଗ୍ରାମର ବିଚିତ୍ର ନାଏକଙ୍କୁ ଗିରଫ କରିଛନ୍ତି। ଚଢ଼ଉରେ ରସୋଳ ଥାନା ଏସଆଇ ପ୍ରତାପ ଦଳେଇ ଓ ଥାନା କର୍ମଚାରୀ ସାମିଲ ହୋଇଥିଲେ।

## ବିଭିନ୍ନ ସ୍ଥାନରେ ସ୍ନାନପୂର୍ଣ୍ଣିମା ସମ୍ପନ୍ନ



କିଶୋରନଗର, ୧୧।୬(ସମିସ): କିଶୋରନଗର ବ୍ଲକ ଘୋଷର ଜଗନ୍ନାଥ ମନ୍ଦିରରେ ବୁଧବାର ତିନି ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଛି। ତିନି ଠାକୁରଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସେବାୟତ ରବିନାରାୟଣ ଶତପଥୀ, ବିକନ ପଣ୍ଡା, ଚନ୍ଦନ ପଣ୍ଡା, ଜିତୁ ପଣ୍ଡା, ଅଶୋକ ଶତପଥୀ, ଆଲୋକ ଶତପଥୀ, କାମ୍ପାଳ ଦାଶ ପ୍ରମୁଖଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ହୋଇଥିଲା।

**କିଶୋରନଗର/ବଇଣ୍ଡା:** କିଶୋରନଗର ବ୍ଲକ ବିଲେଇନାଳି, ଗୋବିନ୍ଦପୁର, ଉରୁକୁଳା, ସରିଗିପାଲି, ବାମୁର, ଇଚ୍ଛାପୁର, ଠାକୁରଗଡ଼ ଥାନା ପୋଡ଼ାପଦର, ଠାକୁରଗଡ଼, ପେଡ଼ିପଥର ଆଦି ଜଗନ୍ନାଥ ମନ୍ଦିରରେ ସ୍ନାନନୀତି ଅନୁଷ୍ଠିତ ହୋଇଛି। ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଏହି ଅହବସରରେ ବହୁ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ସମ୍ବିତ ପାତ୍ରଙ୍କ ବିରୋଧରେ ଥାନାରେ ଅଭିଯୋଗ, ଇସ୍ତଫା ଦାବି

କାମାକ୍ଷାନଗର, ୧୧।୬(ସମିସ): ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କଂଗ୍ରେସ କମିଟି ତରଫରୁ ବିଜେପି ସାଂସଦ ସମ୍ବିତ ପାତ୍ରଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଏଥିସହ ସମ୍ବିତଙ୍କ ଇସ୍ତଫା ଦାବି କରାଯାଇଛି। ଏହି ଅବସରରେ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ଯୋଗଦେଇ ସମ୍ବିତ ପାତ୍ରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ପରେ କଂଗ୍ରେସ



କର୍ମୀମାନେ କାମାକ୍ଷାନଗର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ କର୍ମୀ କାମାକ୍ଷାପ୍ରସାଦ ପଣ୍ଡା, ଦୁଃଶାସନ ସାହୁ, ସଞ୍ଜୀବ ବେହେରାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ସମ୍ବିତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେ ସାଂସଦ ପଦରୁ ଇସ୍ତଫା ଦେବାକୁ ଦାବି କରିଥିଲେ।

## ଶୈଳଶ୍ରୀକ୍ଷେତ୍ରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳିତ

ଅନୁଗୋଳ, ୧୧।୬(ସମିସ)

ଶୈଳଶ୍ରୀକ୍ଷେତ୍ର ଅନୁଗୋଳରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ନୀତି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପୂର୍ବ ରାତି ସାଢ଼େ ୩ଟାରେ ପହୁଡ଼ ଫିଟା, ଅଖଣ୍ଡ ପ୍ରଜ୍ୱଳନ ପରେ ସ୍ନାନମଣ୍ଡପକୁ ଯିବାପାଇଁ ପାବଚ୍ଛ ପ୍ରସ୍ତୁତ କରାଯାଇଥିଲା। ବୁଧବାର ସକାଳେ ଜୀଉମାନଙ୍କ ମଙ୍ଗଳାର୍ପଣ ନୀତି ହୋଇଥଲା। ସକାଳ ୮ଟାରେ ଶ୍ରୀଜୀଉମାନଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସେଠାରେ ମଙ୍ଗଳଆଳତି, ମଇଲମ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ଅନୁଷ୍ଠିତ ହୋଇଥଲା। ସକାଳ ୯ଟାରେ ସୁବାସିତ ଜଳରେ ଷୋଡ଼ଶ ଉପଚାରରେ ଶ୍ରୀଜିଉମାନଙ୍କୁ ସ୍ନାନ



କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଛେରାପହଁରା କରାଯାଇଥିଲା। ପରେ ଗଜାନନ ବେଶ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଆକର୍ଷଣୀୟ ଗଜାନନ ବେଶ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ପ୍ରାତଃ ଧୂପ ଓ ମଧ୍ୟାହ୍ନ ଧୂପ ଏକ ସାଙ୍ଗରେ କରାଯାଇ ମଧ୍ୟାହ୍ନ ୧୨ଟାରେ ପହୁଡ଼ ପଡ଼ିଥିଲା। ସନ୍ଧ୍ୟା ୭ଟାରେ ପହୁଡ଼ ଫିଟା, ସନ୍ଧ୍ୟା ଆଳତି, ସାହାଣ ମେଳା କରାଯାଇଥିଲା। ରାତି ସାଢ଼େ ୮ଟାରେ ଗଜାନନ ବେଶ ଉଲାଗୀ ପରେ ସେନାପଟା ଲାଗି କରାଯାଇ ବନ୍ଦାପନା କରାଯାଇ ଶ୍ରୀଜୀଉମାନଙ୍କୁ ଅଣସର ପିଣ୍ଡିକୁ ନିଆଯାଇଥିଲା। ସେଠାରେ ଶ୍ରୀଜୀଉମାନଙ୍କ ମଙ୍ଗଳାର୍ପଣନୀତି ଅନୁଷ୍ଠିତ ହୋଇଥଲା। ରାତି ୧୧ଟାରେ ଅଣସର ଘରେ ତାଟିବନ୍ଧା, ପଟିଦିଅଁଙ୍କ ପ୍ରତିଷ୍ଠା ଆଦି ନୀତି ସହ ପହୁଡ଼ ପଡ଼ିଥିଲା। ଦେବସ୍ନାନ ପୂର୍ଣ୍ଣିମା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।


## ଦଧିବାମନଜୀଉଙ୍କ ସ୍ନାନ ନୀତି ସମ୍ପନ୍ନ

ଢେଙ୍କାନାଳ, ୧୧।୬ (ସମିସ): ସ୍ଥାନୀୟ ମୀନାବଜାର ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ନୀତି ପାଳନ ହୋଇଛି। ପ୍ରାତଃ ୫ଟାରେ ଜୟବିଜୟ ଆଳତି କରାଯାଇ ଦ୍ୱାର ଫିଟାଯାଇଥିଲା। ପରେ ମଙ୍ଗଳ ଆଳତି ମଇଲମ ନୀତି କରାଯାଇଥିଲା। ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନବେଦିକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇ ୧୦୮ କଳସ ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରଯାଇଥିଲା। ନୂତନ ବସ୍ତ୍ର ପରିଧାନ କରାଇ ଚନ୍ଦନ ନୀତି ବେଶ କରାଯାଇଥିଲା। ତୁଳସୀ, ଫୁଲହାର ଲାଗି କରାଯାଇ ବଲ୍ଲଭ ଭୋଗ କରାଯାଇଥିଲା।



ମଧ୍ୟାହ୍ନରେ ଖେଚୁଡ଼ି, ଡାଲମା, ଖଟା, ଖିରି ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଆଳତି ସହ ବିଭିନ୍ନ ଫଳ ଭୋଗ କରାଯାଇଥିଲା। ରାତିରେ ପହଣ୍ଡି କରାଯାଇ ଅଣସର ପିଣ୍ଡିରେ ତିନି ଠାକୁରଙ୍କୁ ବିଜେ କରାଯାଇଥିଲା। ପୂଜକ ରବି ନାରାୟଣ ଦାସ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ଉପଦେଷ୍ଟା ପ୍ରତାପ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତି ଅନୁଷ୍ଠିତ ହୋଇଛି।

# ସମ୍ପାଦକୀୟ



ବୁଲେଟ୍(ଗୁଳି)ଠାରୁ ବାଲେଟ୍(ଭୋଟ) ଅଧିକ ଶକ୍ତିଶାଳୀ।
-ଆବ୍ରାହାମ୍ ଲିଙ୍କନ୍

ସକାଳ THE SAKALA

## ବିବାଦ ଓ ବିପଦ

ଦୁଇବର୍ଷରୁ ଊର୍ଦ୍ଧ୍ୱକାଳ ଧରି ମଣିପୁରରେ ଯେଉଁ ଜାତିଗତ ସଂଘର୍ଷ କ୍ରମାଗତ ଭାବେ ଲାଗି ରହିଛି, ତାହାର ରାଜନୈତିକ ସମାଧାନ ଜରୁରୀ ହୋଇଥିଲେ ମଧ୍ୟ କ୍ଷମତାସୀନ ରାଜ୍ୟ ସରକାରଙ୍କ ପକ୍ଷପାତିତା ଓ ଏକତରଫା ନୀତି ପ୍ରତି ଆଖିବୁଜି ଦିଆଯିବାରୁ ତାହା ଯେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଏ କଥା ସତ। ତିନିମାସ ତଳେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରି ସେବାନିବୃତ୍ତ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଜ୍ୟପାଳ ପଦରେ ଅବସ୍ଥାପିତ କରାଯାଇଛି। ତଥାପି ସେଠାରେ ବିବାଦ ଓ ସଂଘର୍ଷ ଥମି ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ସମସ୍ୟାର ରାଜନୈତିକ ସମାଧାନ ନ ହେବା ପର୍ଯ୍ୟନ୍ତ ମଣିପୁରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବପର ନୁହେଁ। ଗତ ମେ ମାସରେ ଉପୁଜିଥିବା ରକ୍ତାକ୍ତ ସଂଘର୍ଷ ପୁଣି ଦୁଇ ଦିନ ତଳେ ମୁଣ୍ଡ ଟେକିଛି। ସାନ୍ଧ୍ୟ ଆଇନ ଜାରି ଓ ବିଷ୍ଣୁପୁର ସମେତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ପ୍ରସାରଣ ବନ୍ଦ ରଖାଯାଇଛି। ସମଗ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଭୌଗୋଳିକ ସ୍ଥିତି ଏବଂ ପଡ଼ୋଶୀଙ୍କଠାରୁ ପରିବର୍ତ୍ତିତ କୂଟନୈତିକ ସମ୍ପର୍କକୁ ଅନୁଧ୍ୟାନ କଲେ ମନେ ହୁଏ ଆମେ ଆଗାମୀ ଦିନର ଗୁରୁତର ବିପଦର ସମ୍ମୁଖୀନ ହେବାକୁ ଯାଉଛେ। ଜାମ୍ମୁ-କାଶ୍ମୀର ଭଳି ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ସମ୍ବେଦନଶୀଳ ସ୍ଥିତିକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

ଶେଖ୍ ହସିନା କ୍ଷମତାଚ୍ୟୁତ ହେବା ପରେ ପଡ଼ୋଶୀ ବନ୍ଧୁ ରାଷ୍ଟ୍ର ବାଂଲାଦେଶର ଭାରତ ବିରୋଧୀ ମାନସିକତା ସ୍ପଷ୍ଟ ହୋଇଛି। ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ସହ ନିବିଡ଼ ସମ୍ପର୍କ ରକ୍ଷା କରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତଠାରୁ ବିଚ୍ଛିନ୍ନ କରିବାର ପ୍ରୟାସ ଚଳାଇଛନ୍ତି। ଏପରିକି 'ଅପରେସନ୍ ସିନ୍ଦୂର' ସମୟରେ ସେ ବାଂଲାଦେଶୀ ରାଇଫଲ୍ ବାହିନୀ ସହାୟତାରେ ଭାରତର ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ହିଂସା, ଅଶାନ୍ତି ଓ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ଦେଇ ସ୍ଥଳପଥରେ ଉତ୍ତର-ପୂର୍ବାଞ୍ଚଳକୁ ସଂଯୋଗ କରୁଥିବା ଚିକେନ୍ ନେକ୍ ଉପରେ ସେମାନଙ୍କ ଲୋଲୁପ ଦୃଷ୍ଟି ନିବଦ୍ଧ ରହିଛି। ମାତ୍ର ୨୦ ରୁ ୨୨ କିମି ପ୍ରଶସ୍ତ ଏହି ଗତିପଥର ଦକ୍ଷିଣ-ପଶ୍ଚିମାଞ୍ଚଳରେ ବାଂଲାଦେଶ, ଉତ୍ତର ପଶ୍ଚିମାଞ୍ଚଳରେ ନେପାଳ, ଉତ୍ତର ଦିଗରେ ଭୁଟାନ ସହ ସଂଯୋଗ ପଥ ରହିଛି। ସେହିଭଳି ସିକ୍କିମ ଓ ଭୁଟାନ୍ ମଧ୍ୟଭାଗରେ ରହିଛି ତିବ୍ବତର ଚୁମ୍ବି ଉପତ୍ୟକା। ତିନିସୀମା ସଂଲଗ୍ନ ଡୋକ୍‌ଲାମ୍ କରିଡରରକୁ ନେଇ ଚୀନ୍ ସହ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ବେଶ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ସର୍ବୋପରି ଅରୁଣାଚଳ ପ୍ରଦେଶକୁ ନେଇ ଚୀନ ସହ ଉପୁଜିଥିବା ବିବାଦର ଏ ଯାବତ୍ ସମାଧାନ ହୋଇନାହିଁ। ସେହି ରାଜ୍ୟର ସୀମାରେ ଏବେ ମଧ୍ୟ ଦୌରାତ୍ମ୍ୟ ଜାରି ରହିଛି। ତେଣୁ ମଣିପୁର ବିବାଦରୁ ରାଜନୈତିକ ସ୍ୱାର୍ଥ ହାସଲ ଅପେକ୍ଷା ସେଠାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହେବା ଜରୁରୀ। କ୍ଷମତା କୈନ୍ଦ୍ରିକ ବିଚାରରୁ ଊର୍ଦ୍ଧ୍ୱରେ ରହି ମଣିପୁରର ପାର୍ବତ୍ୟାଞ୍ଚଳରେ ଅବସ୍ଥାନ କରୁଥିବା କୁକିଙ୍କୁ ନ୍ୟାୟ ଦେବାର ସମୟ ଏବେ ଉପସ୍ଥିତ।

ମଣିପୁରରେ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଜାତିଆଣ ସଂଘର୍ଷକୁ ପ୍ରଶମିତ କରିବା ପରିବର୍ତ୍ତେ ମୈତେଇ ସମ୍ପ୍ରଦାୟକୁ ନେତୃତ୍ୱ ଦେଇ ଯେଉଁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କଲେ ତାହାକୁ ଆରମ୍ଭରୁ ରୋକିବାର ଥିଲା। ୨୦୨୩ ମେ ମାସରେ ଉପୁଜିଥିବା ସଂଘର୍ଷ ଓ ହିଂସାକାଣ୍ଡରେ ୨୭୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ବାସଚ୍ୟୁତ ହୋଇଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଏ ପର୍ଯ୍ୟନ୍ତ ନିଜ ଘରକୁ ଫେରିନାହାନ୍ତି। ସ୍ୱାଭାବିକ ଅବସ୍ଥା ନ ଫେରିବା ପର୍ଯ୍ୟନ୍ତ ସେମାନଙ୍କ ଥଇଥାନ କରାଯିବା ମଧ୍ୟ ସମ୍ଭବ ନୁହେଁ। ସରକାରୀ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଦୁଇ ସମ୍ପ୍ରଦାୟ ମଧ୍ୟରୁ କାହାକୁ ସନ୍ତୁଷ୍ଟ କରିପାରିନାହିଁ। ତେଣୁ କିଛିଦିନ ଅନ୍ତରରେ ସେମାନେ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଦୁଇ ସମ୍ପ୍ରଦାୟର ସଂଘର୍ଷର କେନ୍ଦ୍ରବିନ୍ଦୁ ଚୁରାଚାନ୍ଦପୁର ଅଞ୍ଚଳରୁ ଏହା କ୍ରମେ ଅନ୍ୟତ୍ର ବ୍ୟାପୁଥିବାରୁ ଅଗା।ମୀ ଦିନରେ ପରିସ୍ଥିତି ଆହୁରି ଉଦ୍‌ବେଗଜନକ ହୋଇପାରେ। ବିଷ୍ଣୁପୁର ଓ ଚୁରାଚାନ୍ଦପୁର ସୀମା ସଂଲଗ୍ନ ଅଞ୍ଚଳରେ କୁକି ସମ୍ପ୍ରଦାୟ ପକ୍ଷରୁ 'ଏକତା ସଂପ୍ରୀତି ଶୋଭାଯାତ୍ରା'ରୁ ଉତ୍ତେଜନା ମୁଣ୍ଡ ଟେକିଥିଲା। ମେ' ମାସର ଏହି ଘଟଣା ପ୍ରମଶିତ ହେବା ପରିବର୍ତ୍ତେ ମୈତେଇଙ୍କ ପକ୍ଷରୁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରାଯିବାରୁ ତୁହାକୁ ତୁହା ସଂଘର୍ଷ ଉପୁଜୁଥିବାର ପରିଲକ୍ଷିତ ହେଉଛି। ମୈତେଇ ନେତା ଅସମ୍ କାନନ୍ ସିଂହଙ୍କୁ ଗିରଫ କରାଯିବା ପରେ ଜୁନ୍ ୯ ତାରିଖରେ ପୂର୍ବ-ଇମ୍ଫାଲ୍ ଜିଲ୍ଲାରେ ସଂଘର୍ଷର ସୂତ୍ରପାତ ଘଟିଥିଲା। ନିରପତ୍ତା ବାହିନୀ ପକ୍ଷରୁ ଲୁହାବୁହା ବାଷ୍ପ ଓ ରବର ବୁଲେଟ୍ ମାଧ୍ୟମରେ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇ ଦିଆଯାଇଛି ସତ, କିନ୍ତୁ ଉତ୍ତେଜନା ବଳବତ୍ତର ରହିଛି।

ଏ କଥା ସତ ଯେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ସଂଘର୍ଷରତ ଦୁଇପକ୍ଷଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହିଂସାକାଣ୍ଡକୁ ଯଥାସମ୍ଭବ ନିୟନ୍ତ୍ରଣ କରାଯାଇଛି। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ରାଜନୈତିକ ସ୍ତରରେ ଯେଉଁ ଆଲୋଚନା ଜରୁରୀ ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ରାଜପଥକୁ ଅବରୋଧ ମୁକ୍ତ ଓ ଅସ୍ତ୍ରଶସ୍ତ୍ର ସମର୍ପଣ ସକାଶେ କୁକି ପ୍ରତିନିଧିଙ୍କ ସହ କେନ୍ଦ୍ର ସରକାର ଆରମ୍ଭ କରିଥିବା ଆଲୋଚନାରୁ ଆଶାନୁରୂପ ସଫଳତା ମିଳିନାହିଁ। ତେବେ ବିବାଦର ସୂତ୍ରପାତ କାହିଁକି, ତାହାର ମୂଳ କେନ୍ଦ୍ରବିନ୍ଦୁକୁ ଏ ପର୍ଯ୍ୟନ୍ତ ସରକାର ଛୁଇଁ ନାହାନ୍ତି। ରାଜ୍ୟର ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା କୁକି ସମ୍ପ୍ରଦାୟ କେବଳ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ନୁହନ୍ତି, ରାଜ୍ୟର କ୍ଷମତା କେନ୍ଦ୍ର ଓ ପ୍ରଭାବଶାଳୀଙ୍କ ଦ୍ୱାରା ଉତ୍ପୀଡ଼ିତ। ମଣିପୁରର ଉପତ୍ୟକା ଅଞ୍ଚଳରେ ବିକଶିତ ସହର ଓ ଗ୍ରାମାଞ୍ଚଳରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ସମସ୍ତ ଅଧିକରୀ ହେଲେ ମୈତେଇ ସମ୍ପ୍ରଦାୟର ଅଧିବାସୀ। ସେମାନଙ୍କୁ ହାଇକୋର୍ଟ ଅନୁସୂଚିତ ସମ୍ପ୍ରଦାୟର ମାନ୍ୟତା ଦେବା ପରେ ପରିସ୍ଥିତି ବିଗିଡ଼ି ଯାଇଛି। ଏମିତିରେ ସବୁ ସୁବିଧା ସୁଯୋଗରୁ ବଞ୍ଚିତ କୁକିଙ୍କ ସହ ମୈତେଇଙ୍କୁ ସମାନ ସଯୋଗ ଓ ଆଇନଗତ ଅଧିକାର ମିଳିଯିବାରୁ ସେମାନେ ନିଜର ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡ଼ିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ବିଚାର ପରିସରକୁ ଆସି ପାରିନାହିଁ।

ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତର ମୂଳ ଭୂଖଣ୍ଡରୁ ପୃଥକ୍ କରିନେବାରେ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି, ତାହା ଜାମ୍ମୁ-କାଶ୍ମୀର ସମସ୍ୟାଠାରୁ ଅଧିକ ଉଦ୍‌ବେଗଜନକ। 'ଅପରେସନ୍ ସିନ୍ଦୂର' ଚୀନ୍‌ର ମୁଖା ଖୋଲି ଦେଇଛି। ଅତ୍ୟାଧୁନିକ ବିମାନ, ଅସ୍ତ୍ରଶସ୍ତ୍ର ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ରାଂଶ ପାକିସ୍ତାନକୁ ଯୋଗାଇ ଭାରତ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଥିବା ଚୀନ୍‌ର ମୁକାବିଲା କରିବା ଏତେ ସହଜ ନୁହେଁ। ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ଘେରି ରହିଥିବା ପଡ଼ୋଶୀ ରାଷ୍ଟ୍ର ସହ ଆମର ସେଭଳି ସୁସମ୍ପର୍କ ନାହିଁ। ବରଂ ଚୀନ୍ ସେମାନଙ୍କୁ ସହାୟତା ଯୋଗାଉଥିବାରୁ ଭାରତ-ପାକ୍ ଯୁଦ୍ଧ ପ୍ରେକ୍ଷାପଟରୁ ସ୍ପଷ୍ଟ ହୋଇଛି। ତେଣୁ କ୍ଷମତା ଦଖଲ ଅପେକ୍ଷା ଉତ୍ତର-ପୂର୍ବାଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଜରୁରୀ।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ୫୦ ବର୍ଷ ତଳର ସେହି 'ଜୁନ୍ ୧୨'

**ପ୍ରହଲାଦ କୁମାର ସିଂହ**

ଭାରତର ଗଣତାନ୍ତ୍ରିକ ଓ ବିଚାର ବିଭାଗୀୟ ଇତିହାସରେ ଜୁନ୍, ୧୨ ତାରିଖ ଏକ ଅବିସ୍ମରଣୀୟ ଦିବସ। ଆଜିକୁ ଠିକ୍ ୫୦ବର୍ଷ ତଳେ ୧୯୭୫ ମସିହାର ଏହି ଦିନରେ ଆହ୍ଲାବାଦ୍ ହାଇକୋର୍ଟ ଦେଇଥିବା ଏକ ଯୁଗାନ୍ତକାରୀ ରାୟ ଦେଶର ଆତ୍ମାକୁ ଚହଲାଇ ଦେବା ସହିତ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା। 'ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଯିଏ ଯେତେ ଉଚ୍ଚ ପଦବୀରେ ଥାଉ ନା କାହିଁକି ନିର୍ଭୀକ ଓ ନିରପେକ୍ଷ ବିଚାର ବ୍ୟବସ୍ଥା ଆଗରେ ତାଙ୍କ ପାଇଁ କିଛି ସ୍ୱତନ୍ତ୍ର ସ୍ଥାନ ନଥାଏ' - ଏକଥା ପ୍ରମାଣିତ ହୋଇଥିଲା ଏହି ରାୟରେ। ସେତେବେଳର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ନେହରୁ ଗାନ୍ଧୀଙ୍କ ରାଏବରେଲି ଲୋକସଭା କ୍ଷେତ୍ରରୁ ଜିଣିଥିବା ନିର୍ବାଚନକୁ ଏହି ରାୟରେ ଅସିଦ୍ଧ ଘୋଷଣା କରାଯିବା ସହିତ ସେ ଆଉ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଭାରତୀୟ ଗଣତନ୍ତ୍ରରେ କଳା ଅଧ୍ୟାୟ ରୂପେ ଅଭିହିତ ଜରୁରୀ ପରିସ୍ଥିତି ମୂଳରେ ଥିଲା ଏହି ରାୟ।

କଂଗ୍ରେସ (ଆର) ପ୍ରାର୍ଥୀ ଭାବେ ଶ୍ରୀମତୀ ଗାନ୍ଧୀ ପୁଣିଥରେ ଉତ୍ତରପ୍ରଦେଶର ରାଏବରେଲି ଲୋକସଭା କ୍ଷେତ୍ରରୁ ୧୯୭୧ ସାଧାରଣ ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ନେତା ରାଜ ନାରାୟଣଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ରାଜ ନାରାୟଣ ଶ୍ରୀମତୀ ଗାନ୍ଧୀଙ୍କ ବିରୋଧରେ ଆହ୍ଲାବାଦ୍ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ଜଣେ ସରକାରୀ ଅଧିକାରୀ ଯଶପାଲ କାପୁରଙ୍କୁ ଶ୍ରୀମତୀ ଗାନ୍ଧୀ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିଥିବାରୁ ଲୋକପ୍ରତିନିଧି ଆଇନ୍‌ର ୧୨୩ (୭) ଧାରା ଅନୁଯାୟୀ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଲାଗି ଦାବି ହୋଇଥିଲା(ପରବର୍ତ୍ତୀ ସମୟରେ କାପୁରଙ୍କୁ କଂଗ୍ରେସ ରାଜ୍ୟସଭା ସଦସ୍ୟ କରିଥିଲା)। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାର ଦୀର୍ଘ ଶୁଣାଣି ହୋଇଥିଲା। ଏମିତିକି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ମଧ୍ୟ ଦୁଇଦିନ ଧରି ଜେରା କରାଯାଇଥିଲା। ଶେଷରେ ୧୯୭୫ ଜୁନ୍ ୧୨ ତାରିଖ ଦିନ ବିଚାରପତି ଜଗମୋହନ ଲାଲ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ସହିତ ନିର୍ବାଚନରେ ସେ ଅସତ ଉପାୟ ଅବଲମ୍ବନ କରିଥିବାରୁ ପରବର୍ତ୍ତୀ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି କହିଥିଲେ। ଇନ୍ଦିରା ସେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଥିବାରୁ କଂଗ୍ରେସ (ଆର୍) ଦଳ ତାଙ୍କର ବିକଳ୍ପ ବ୍ୟବସ୍ଥା କରିବା ଲାଗି ୨୦ ଦିନ ସମୟ ମଧ୍ୟ କୋର୍ଟ ଦେଇଥିଲେ। ଏହି ରାୟ ଏତେ ପ୍ରଭାବଶାଳୀ ଥିଲା ଯେ ସେଥିରୁ ବର୍ତ୍ତିବା ପାଇଁ କେନ୍ଦ୍ର ସରକାରଙ୍କୁ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିବାକୁ ହୋଇଥିଲା। ଏହାଛଡ଼ା ଶ୍ରୀମତୀ ଗାନ୍ଧୀ ନିର୍ବଚାନରେ ସୀମା ବହିର୍ଭୂତ ଅର୍ଥ ଖର୍ଚ୍ଚ କରିବା, କମ୍ବଳ, ମଦ ସମେତ ଅନ୍ୟାନ୍ୟ ସାମଗ୍ରୀ ତାଙ୍କ ପକ୍ଷରୁ ବଣ୍ଟନ କରାଯିବା, ମତଦାତାଙ୍କୁ ମାଗଣାରେ ମତଦାନ କେନ୍ଦ୍ରକୁ ଆଣିବା, ନିର୍ବାଚନ ପ୍ରଚାର ପାଇଁ ପ୍ରତିରକ୍ଷା ବାହିନୀର ହେଲିକପ୍ଟର ବ୍ୟବହାର କରିବା ଭଳି ଅନ୍ୟ ଅଭିଯୋଗଗୁଡ଼ିକୁ କିନ୍ତୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ୧୯୭୩ରେ ବହୁଚର୍ଚ୍ଚିତ କେଶବାନନ୍ଦ ଭାରତୀ ମାମଲାର ରାୟ ଶୁଣାଇବାର କିଛିଦିନ ଭିତରେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜୟଶଙ୍କର ମଣିଲାଲ ସେଲଟ୍, ଏ.ଏନ୍. ଗ୍ରୋଭର ଓ କେ.ଏସ୍. ହେଗଡ଼େଙ୍କୁ ଉପେକ୍ଷା କରାଯାଇ ସେମାନଙ୍କଠାରୁ କନିଷ୍ଠ ଜଷ୍ଟିସ ଏ.ଏନ୍. ରାୟଙ୍କୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କରାଯାଇଥିଲା। କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ସମ୍ବିଧାନର ମୌଳିକ ଢାଞ୍ଚାକୁ କେହି ପରିବର୍ତ୍ତନ କରିପାରିବେ ନାହିଁ। ଏହି ଘଟଣା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଇନ୍ଦିରା ଗାନ୍ଧୀଙ୍କ ତତ୍କାଳୀନ ପ୍ରଭୂତ କ୍ଷମତା, ଶାସନ ବ୍ୟବସ୍ଥାରେ ଏଭଳି ଅଖଣ୍ଡ ପ୍ରଭାବ ଓ ପ୍ରତିପତ୍ତି ସତ୍ତ୍ୱେ ଜଷ୍ଟିସ୍ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦକୁ ରଦ୍ଦ କରିବାର ସାହସ କରି ଇତିହାସ ସୃଷ୍ଟି କରିଥିଲେ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଆହ୍ଲାବାଦ୍ ହାଇକୋର୍ଟଙ୍କ ଏହି ରାୟକୁ ପ୍ରଶଂସା କରିବା ସହିତ ବିଚାରପତି ଶ୍ରୀସିହ୍ନା ଯେଭଳି ନିଷ୍ଠା ଓ ନିର୍ଭୀକତାର ସହ ଏହି ମାମଲାର ବିଚାର କରି ରାୟ ଶୁଣାଇଛନ୍ତି ତାହା ବର୍ଷବର୍ଷ ପାଇଁ ବିଚାରପତିମାନଙ୍କୁ ପ୍ରେରିତ କରିବ ବୋଲି ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ଭି.ଆର. କ୍ରିଷ୍ଣାଆୟାର, ଜଷ୍ଟିସ୍ ଭି.ଏମ୍. ତାରକୁଣ୍ଡେ, ଜଷ୍ଟିସ୍ ବନୱାରୀ ଲାଲ ହଂସାରିଆ, ଜଷ୍ଟିସ୍ ଜେ.ଏସ୍. ବର୍ମା, ଜଷ୍ଟିସ୍ କେ.ଏସ୍. ହେଗଡ଼େ, ଜଷ୍ଟିସ ହରିହର ମହାପାତ୍ରଙ୍କ ଭଳି ବହୁ ସ୍ୱନାମଧନ୍ୟ ବିଚାରପତି ଜଷ୍ଟିସ୍ ସିହ୍ନାଙ୍କୁ ବାରମ୍ବାର ପ୍ରଶଂସା କରିବାକୁ ଭୁଲି ନଥିଲେ।

ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟ ଉପରେ ପୂର୍ଣ୍ଣ ରହିତାଦେଶ ପାଇଁ ଶ୍ରୀମତୀ ଗାନ୍ଧୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କଲେ। ସେତେବେଳକୁ ସୁପ୍ରିମକୋର୍ଟର ଗ୍ରୀଷ୍ମାବକାଶ ଛୁଟି ଚାଲିଥାଏ। ମାମଲାଟି ବିଚାରପତି ଭି.ଆର. କ୍ରିଷ୍ଣାଆୟାରଙ୍କ ଇଜିଲାସରେ ବିଚାର ପାଇଁ ଆସିଲା। ଜୁନ୍ ୨୪ ତାରିଖରେ ଜଷ୍ଟିସ କ୍ରିଷ୍ଣାଆୟାର ସର୍ତ୍ତମୂଳକ ରହିତାଦେଶ ଦେବା ସହିତ ପରବର୍ତ୍ତୀ ଶୁଣାଣି ପାଇଁ ୧୯୭୫ ଅଗଷ୍ଟ ୧୧ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଇନ୍ଦିରା ଲୋକସଭା ସଦସ୍ୟ ଭାବେ ସଂସଦରେ ଉପସ୍ଥିତ ରହିପାରିବେ; କିନ୍ତୁ ସଂସଦର ବିତର୍କରେ ଓ ମତଦାନରେ ଭାଗ ନେଇପାରିବେ ନାହିଁ। ଏମିତିକି ସଂସଦର ସଦସ୍ୟ ଭାବରେ ମଧ୍ୟ ସେ ବେତନ ଓ ଭତ୍ତା ପାଇପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ କରିଦିଆଯାଇଥିଲା। ସର୍ତ୍ତମୂଳକ ରହିତାଦେଶ ବିରୋଧରେ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିପାରିବେ ବୋଲି ମଧ୍ୟ ଏଥିରେ ସୂଚନା ଥିଲା।

ଜଷ୍ଟିସ୍ କ୍ରିଷ୍ଣାଆୟାରଙ୍କ ରହିତାଦେଶର ଚବିଶ ଘଣ୍ଟା ନ ପୂରୁଣୁ ଜୁନ୍ ୨୫ ମଧ୍ୟରାତ୍ରରେ ଇନ୍ଦିରା ଗାନ୍ଧୀ ସାରା ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କଲେ। ସମ୍ବାଦପତ୍ର ଓ ବାକ୍ ସ୍ୱାଧୀନତା ଭଳି ଜନତାଙ୍କ ମୌଳିକ ଅଧିକାର ଉପରେ କଟକଣା ଜାରି କରାଗଲା। ସେତେବେଳକୁ ସାରା ଦେଶରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଚାଲିଥାଏ। ଏଥିରେ ଅଟଳ ବିହାରୀ ବାଜପେୟୀ, ବିଜୁ ପଟ୍ଟନାୟକ, ମୋରାରଜି ଦେଶାଇ, ଚରଣ ସିଂ, ମା' ରମାଦେବୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ନେତାମାନେ ସାମିଲ ଥା'ନ୍ତି। ଆହ୍ଲାବାଦ୍ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ତୁରନ୍ତ ହଟାଇବା ପାଇଁ ଦେଶର କୋଣ ଅନୁକୋଣରୁ ଦାବି ଉଠିଥିଲା। ଜରୁରୀ ପରିସ୍ଥିତି ଘୋଷଣା ସହିତ ଜୟପ୍ରକାଶ, ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ସମେତ ବହୁ ନେତା ଏବଂ ହଜାର ହଜାର ଯୁବକ ଓ ଛାତ୍ରଙ୍କୁ କାରାରୁଦ୍ଧ କରାଗଲା। ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରସନ୍ନ ଆଚାର୍ଯ୍ୟ, ଲକ୍ଷ୍ମୀ ମହାପାତ୍ର, ଅଶୋକ ଦାସ, ସୁରେନ୍ଦ୍ର ନାଥ ନାୟକ, ବିଶ୍ୱଭୂଷଣ ହରିଚନ୍ଦନ, ଭାଗବତ ବେହେରା, ଶିବାଜୀ ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି, ପଦ୍ମଚରଣ ସାମନ୍ତସିଂହାରଙ୍କ ଭଳି ଓଡ଼ିଶାର ଅନେକ ନେତା କାରାଗାରରେ ଅକଥନୀୟ ନିର୍ଯାତନାର ଶିକାର ହେଲେ। ଏମିତିକି କଂଗ୍ରେସର କ୍ରାନ୍ତିକାରୀ ନେତା ଚନ୍ଦ୍ରଶେଖର, ମୋହନ ଧାରିଆ, କୃଷ୍ଣକାନ୍ତ, ରାମଧନ, ପ୍ରଦ୍ୟୁମ୍ନ ବଳ ପ୍ରମୁଖ ବ୍ୟବସ୍ଥାର ବିରୋଧ କରି ଜେଲ୍ ଗଲେ। କିଏ କେଉଁଠି ଗିରଫ ହୋଇ ରହିଲେ ତାହାର ପତ୍ତା ପରିବାରକୁ ମିଳିଲା ନାହିଁ। କାରାରୁଦ୍ଧ ଅବସ୍ଥାରେ ଚିକିତ୍ସା ଅଭାବରୁ ଜୟପ୍ରକାଶ, ନବକୃଷ୍ଣ ଚୌଧୁରୀଙ୍କ ଭଳି ବହୁ ଅଗ୍ରଗଣ୍ୟ ନେତାଙ୍କ ସ୍ୱାସ୍ଥ୍ୟହାନି ଘଟିଲା।

ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବା ପୂର୍ବରୁ ଇନ୍ଦିରାଙ୍କ ପରାମର୍ଶକ୍ରମେ ସେତେବେଳର ରାଷ୍ଟ୍ରପତି ଫକୀର ଉଦ୍ଦିନ ଅଲ୍ଲୀ ଅହମ୍ମଦ ୧୯୭୫ ଅଗଷ୍ଟ ୧୦ ତାରିଖରେ ସମ୍ବିଧାନର ସଂଶୋଧନ ଘୋଷଣା କରିଥିଲେ, ଯେଉଁଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି ଓ ଲୋକସଭା ବାଚସ୍ପତି ଆଦିଙ୍କ ସଂପର୍କରେ ଆଇନ୍ ଅଦାଲତରେ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରାଯାଇ ସମ୍ବିଧାନରେ ୩୨୯ (କ) ଧାରା ବ୍ୟବସ୍ଥା କରାଗଲା। ଏହା ବିରୋଧରେ ବି ରାଜନାରାୟଣ ଅନ୍ୟ ଏକ ମାମଲା ରୁଜୁ କରିଥିଲେ। ଉଭୟ ମାମଲାର ମିଳିତ ଶୁଣାଣି କରି ସୁପ୍ରିମକୋର୍ଟ ୧୯୭୫ ନଭେମ୍ବର ୭ ତାରିଖରେ ଦେଇଥିବା ଏକ ସୁଦୀର୍ଘ ରାୟରେ ୩୯ତମ ସଂଶୋଧନ ଆଇନ୍ ମୁତାବକ ବ୍ୟବସ୍ଥା କରାଯାଇଥିବା ୩୨୯ (କ) ଧାରାର କେତେକ ବ୍ୟବସ୍ଥାକୁ ଖାରଜ କରିଦେଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ଜନତା ପାର୍ଟି ସରକାର ଅମଳରେ ଏହି ସମ୍ବିଧାନ ସଂଶୋଧନ ବ୍ୟବସ୍ଥାକୁ ରଦ୍ଦ କରାଯାଇଥିଲା। ଜରୁରୀ ପରିସ୍ଥିତି ସମୟରେ ବି ୪୨ତମ ସମ୍ବିଧାନ ସଂଶୋଧନ ଅଣାଯାଇଥିଲା ଓ ୧୯୭୬ରେ ହେବାକୁ ଥିବା ଲୋକସଭା ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ୧୯୭୫ ନଭେମ୍ବର ୭ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏ.ଏନ୍. ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ଜଣିଆ ଖଣ୍ଡପୀଠ ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ।

ଏହି ମାମଲାରେ ଇନ୍ଦିରାଙ୍କ ଓକିଲ ଥିବା ଏନ୍. ପାଲଖିୱାଲା ଜରୁରୀ ପରିସ୍ଥିତି ଘୋଷଣାର ପ୍ରତିବାଦ କରି ମାମଲାରୁ ଓହରି ଯାଇଥିଲେ। ତାଙ୍କ ବିରୋଧରେ ଏହି ମାମଲା ଲଢୁଥିଲେ ଶାନ୍ତି ଭୂଷଣ ଯିଏ ପରେ ଦେଶର ଆଇନ୍ ମନ୍ତ୍ରୀ ହୋଇଥିଲେ। ଏକଦା ଅପରାଜେୟ ମନେ ହେଉଥିବା ଇନ୍ଦିରା ଗାନ୍ଧୀଙ୍କ ଶାସନର ଅବସାନ ଘଟାଇବା ପାଇଁ କାରାକକ୍ଷରେ ଜରୁରୀ ପରିସ୍ଥିତି ବେଳେ ଜନ୍ମ ନେଇଥିଲା ଜନତା ପାର୍ଟି। ଜୟପ୍ରକାଶଙ୍କ ତତ୍ତ୍ୱାବଧାନରେ ଗଠିତ ଏହି ନୂତନ ଜାତୀୟ ରାଜନୈତିକ ଦଳ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଚରଣ ସିଂ, ମଧୁ ଦଣ୍ଡବତେ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ଜାତୀୟ ସ୍ତରର ତୁଙ୍ଗ ନେତାମାନେ। ଶେଷରେ ୧୯୭୭ର ସାଧାରଣ ନିର୍ବାଚନରେ କଂଗ୍ରେସକୁ ପରାଜିତ କରି ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିଲା। ତେବେ ଅଂଶୀଦାର ଦଳଗୁଡ଼ିକର ନେତାମାନଙ୍କ ଭିତରେ ମନାନ୍ତର ଓ ମତାନ୍ତର ଯୋଗୁଁ ସ୍ୱାଧୀନ ଭାରତର ପ୍ରଥମ ଅଣକଂଗ୍ରେସ ସରକାର ୩ବର୍ଷ ଭିତରେ ଭୁଶୁଡ଼ି ପଡ଼ିଲା ଏବଂ ପରେ ପୁଣି ଇନ୍ଦିରା ଗାନ୍ଧୀ ୧୯୮୦ ନିର୍ବାଚନରେ ତାଙ୍କ ଦଳକୁ ଜିଣାଇ ଶେଷଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ।

ଆଇନ ଅଦାଲତର ରାୟ କେତେ ପ୍ରଭାବଶାଳୀ ହୋଇପାରେ ଏବଂ ପରିଣାମକୁ ଖାତିର ନକରି ନିରପେକ୍ଷତା, ନିର୍ଭୀକତା ଓ ନିଷ୍ଠାର ସହିତ ଜଣେ ବିଚାରପତି କିଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇପାରନ୍ତି ତାହାର ପ୍ରତୀକ ହେଉଛନ୍ତି ଜଷ୍ଟିସ୍ ସିହ୍ନା। ପବିତ୍ର ସମ୍ବିଧାନର ସୁରକ୍ଷା ସହ ଆଇନର ଶାସନକୁ ବଜାୟ ରଖି ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭ- କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ନିଜ ନିଜର ଲକ୍ଷ୍ମଣରେଖା ମଧ୍ୟରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଏହି ରାୟର ନିଷ୍କର୍ଷ ୫୦ ବର୍ଷ ପରେ ବି ଡାକି ଡାକି କହୁଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ମୋହନ ଶାସନରେ ନବୀନଙ୍କ ଜୟଗାନ

**ମିହିର ରାୟ**

୨୦୨୪ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ହାସଲ କରିବା ପରେ ଜୁନ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଥିଲା। ଇତିମଧ୍ୟରେ ମୋହନ ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହୋଇଛି। ବିଗତ ଏକ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ତର୍ଜମା କରିବା ବେଳେ ଜାତୀୟସ୍ତରୀୟ ରିପୋର୍ଟରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ହୋଇଥିବା ନଜରକୁ ଆସୁଛି। କିନ୍ତୁ ଏହି ସମସ୍ତ ଉପଲବ୍ଧି ନବୀନ ସରକାରଙ୍କ ସମୟରେ କରାଯାଇଥିବା କାର୍ଯ୍ୟ ଯୋଗୁଁ ମିଳିପାରିଛି। ଯଦିଓ ଏହା ଓଡ଼ିଶା ପାଇଁ ଗୌରବର ବିଷୟ, ତଥାପି ଏହା ବିଜେପି ପାଇଁ ଆନନ୍ଦଦାୟକ ହୋଇ ପାରିନାହିଁ।

ଗତ ନିର୍ବାଚନରେ ଚବିଶ ବର୍ଷ ଧରି କ୍ଷମତାରେ ଥିବା ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ବିଜେପି ତରଫରୁ ବିଭିନ୍ନ ଅଭିଯୋଗ ଅଣା ଯାଇଥିଲା। ଏହାଭିତରୁ 'ଚବିଶ ବର୍ଷରେ ରାଜ୍ୟରେ କୌଣସି ବିକାଶ ହୋଇନାହିଁ' ଥିଲା ଏକ ପ୍ରମୁଖ ଅଭିଯୋଗ। ନିର୍ବାଚନରେ ବିଜେଡି ଅପ୍ରତ୍ୟାଶିତ ପରାଜୟର କାରଣ ଖୋଜିବା ବେଳେ ବିଜେପି ଦ୍ୱାରା ଅଣାଯାଇଥିବା ବିଭିନ୍ନ ମିଛ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିବାରେ ବିଫଳ ହେବା ପରାଜୟର ପ୍ରମୁଖ କାରଣ ବୋଲି କୁହାଯାଇଥିଲା। ଗତ ଏକବର୍ଷରେ ଆସିଥିବା ବିଭିନ୍ନ ରିପୋର୍ଟରେ ଓଡ଼ିଶାର ଉପଲବ୍ଧି 'ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାର କୌଣସି ବିକାଶ ହୋଇନାହିଁ' ବୋଲି ବିଜେପିର ଅଭିଯୋଗ ମିଥ୍ୟା ଥିଲା ବୋଲି ପ୍ରମାଣିତ ହେଉଛି। ଏବେ ଆସନ୍ତୁ ନଜର ପକାଇବା, ଗତ ଏକ ବର୍ଷ ଭିତରେ ଓଡ଼ିଶା କେଉଁ କେଉଁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ମୋହନ ସରକାର ରାଜ୍ୟର ଶାସନ ଦାୟିତ୍ୱ ନେବା ପରେ ସାରା ଦେଶରେ ବିଭିନ୍ନ ରାଜ୍ୟରେ ପୁଞ୍ଜି ନିବେଶ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଥିଲା। ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷିତ କରିବା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରିଥିଲେ। ନୂତନ ଭାବେ ରାଜ୍ୟର ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ସମ୍ପଦ ସ୍ୱାଇଁ ରାଜ୍ୟ ସରକାରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ନବୀନଙ୍କ ଶାସନ କାଳରେ ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାରେ ଗତ କିଛିବର୍ଷ ଧରି ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିଲା। ଏହି କ୍ରମରେ, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ସେହିପରି ନିକଟରେ ପ୍ରକାଶିତ ହୋଇଥିବା ଆଇସିଆରଏ ରିପୋର୍ଟରେ ୨୦୧୫ ରୁ ୨୦୨୪ ଆର୍ଥିକ ବର୍ଷ ଭିତରେ ଓଡ଼ିଶାର ଶିଳ୍ପ ଜିଏସଭିଏ (ଗ୍ରସ ଷ୍ଟେଟ ଭ୍ୟାଲ୍ୟୁ ଆଡେଡ) ବାର୍ଷିକ ଚକ୍ରବୃଦ୍ଧି ବିକାଶ ହାର ୧୦% ରହିଥିଲା, ଯାହା ଦେଶର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ଥିଲା। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏହି ଅଭିବୃଦ୍ଧି ମୁଖ୍ୟତଃ ମାନୁଫାକଚରିଙ୍ଗ କ୍ଷେତ୍ରରେ ହୋଇଥିଲା। ଓଡ଼ିଶାର ଏହି ଉପଲବ୍ଧି ଜାତୀୟ ସ୍ତରରେ ଅନ୍ୟ ବିକଶିତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଆଗକୁ ବଢୁଛି ବୋଲି ପ୍ରମାଣିତ କରିବା ସହିତ ନବୀନ ସରକାରଙ୍କ ସଫଳତାକୁ ମଧ୍ୟ ଦର୍ଶାଉଛି।

ଦେଶର ସମସ୍ତ ରାଜ୍ୟମାନଙ୍କ ଆର୍ଥିକ ସ୍ଥିତିକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ହୋଇଥିବା ସିଏଜି ରିପୋର୍ଟରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୩-୨୪ ବର୍ଷ ଭିତରେ, ଓଡ଼ିଶାର ଜିଏସଡିପି ୧୨% ହାରରେ ଅଭିବୃଦ୍ଧି ହୋଇଥିଲା, ଯାହା ଦେଶର ଆଗ ଧାଡ଼ିର ରାଜ୍ୟମାନଙ୍କ ସହିତ ସମକକ୍ଷ ଥିଲା। ଏହାଛଡ଼ା, ଏହି ସମୟରେ ଓଡ଼ିଶାର ବଳକା ରାଜସ୍ୱ ପ୍ରାୟ ୫୮% ହାରରେ ବୃଦ୍ଧି ହୋଇଥିଲା। ଦୁର୍ବଳ ଆର୍ଥିକ ସ୍ଥିତି, ବିଶାଳ ଋଣ ବୋଝ, ବିକାଶ କାମ ପାଇଁ ଉତ୍କଟ ଆର୍ଥିକ ଅଭାବ ଭଳି ସମସ୍ୟା ସହିତ ନିୟମିତ ଭାବେ ଲଢ଼େଇ କରି ଆସୁଥିବା ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟ ପାଇଁ ଏହି ଉପଲବ୍ଧି ଥିଲା ଅମୂଲ ମୂଲ।

ସେପ୍ଟେମ୍ବର ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ପରାମର୍ଶଦାତା କମିଟିର ରିପୋର୍ଟରେ ଓଡ଼ିଶା ମୁଣ୍ଡପିଛା ଆୟ କ୍ଷେତ୍ରରେ ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ଭିତରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ଆପେକ୍ଷିକ ମୁଣ୍ଡପିଛା ଆୟ, ଯାହା ୨୦୦୦ ମସିହା ବେଳକୁ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଥିଲା। ଏହି ସମୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତର ଭାବେ ବୃଦ୍ଧି ପାଇଥିଲା ବୋଲି ରିପୋର୍ଟରେ କୁହାଯାଇଛି। ୨୦୦୦-୦୧ ମସିହା ବେଳକୁ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ଥିଲା, ଯାହା ୨୦୨୩-୨୪ ବେଳକୁ ୨.୮% କୁ ବୃଦ୍ଧି ପାଇଥିଲା। ନିତି ଆୟୋଗଙ୍କ ଆର୍ଥିକ ସୂଚକାଙ୍କ ରିପୋର୍ଟ ୨୦୨୫ରେ ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଏକନମ୍ବର ସ୍ଥାନ ହାସଲ କରିଥିଲା। ଏହି ରିପୋର୍ଟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜାରି କରାଯାଇଥିବା ସୂଚୀରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି 'ଆଚିଭର୍ସ' ବର୍ଗରେ ସ୍ଥାନ ପାଇଛି। ୨୦୧୪-୧୫ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲଗାତର ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଆସୁଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଲଗାତର ଭାବେ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଋଣ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ପ୍ରଦାନ କରାଯାଇଥିବା ଏକ ରିପୋର୍ଟରେ ସବୁଜ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଜଙ୍ଗଲ ଓ ବୃକ୍ଷ ଆବରଣ ବୃଦ୍ଧି କ୍ଷେତ୍ରରେ କେବଳ ଜଙ୍ଗଲ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଯଥାକ୍ରମେ ତୃତୀୟ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସେହିପରି ଏଏସଇଆର(ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେଶନାଲ୍ ରିପୋର୍ଟ) ୨୦୨୪ରେ ଜାତୀୟସ୍ତରର ଏକ ସର୍ବେକ୍ଷଣରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିଲା। ଏକ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଆନେମିଆ ମୁକ୍ତ ଭାରତ ସୂଚକାଙ୍କରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ଚତୁର୍ଥ ଶ୍ରେଷ୍ଠ ରାଜ୍ୟ ଭାବେ ସ୍ଥାନ ପାଇଥିଲା।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ପୂର୍ବ ସରକାରଙ୍କ ବିଫଳତାକୁ ବାରମ୍ବାର ଉଲ୍ଲେଖ କରା ଯାଉଥିଲା ବେଳେ ଜାତୀୟ ସ୍ତରରେ ଗତ ଏକବର୍ଷ ଭିତରେ ଗୋଟିଏ ପରେ ଗୋଟିଏ ରିପୋର୍ଟ ପ୍ରକାଶିତ ହେଉଥିଲା, ଯେଉଁଥିରେ ନବୀନଙ୍କ ସମୟରେ ଓଡ଼ିଶାର ସଫଳତାକୁ ବର୍ଣ୍ଣନା କରୁଥିଲା। ନବୀନଙ୍କ ଶାସନ କାଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ତାଙ୍କର ବକ୍ତବ୍ୟରେ ନିଜ ସରକାରଙ୍କ ଉପଲବ୍ଧି ଅପେକ୍ଷା ପୂର୍ବ ସରକାରଙ୍କ ବିଫଳତା ବିଷୟରେ ଟିପଣୀ ଦେବାକୁ ଅଧିକ ପସନ୍ଦ କରିଥା'ନ୍ତି। କିନ୍ତୁ ମୁମ୍ବାଇରେ ଅନୁଷ୍ଠିତ ହେଉଥିବା ସ୍ୱଦେଶୀ କ୍ରୀଡ଼ା ଉପରେ ହେଉଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ା 'ଖୋକୋ'ର ବିକାଶ ପାଇଁ 'ହାଇ ପରଫରମ୍ୟାନ୍ସ ସେଣ୍ଟର' ସ୍ଥାପନରେ ଦେଶର ପ୍ରଥମ ରାଜ୍ୟ ବୋଲି ଗର୍ବର ସହିତ କହିଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମାଝୀ ଉଲ୍ଲେଖ କରିଥିବା ଏହି ସେଣ୍ଟର ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଓ ଏଏନଏଏସ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହେବା ପରେ ନିର୍ମାଣ ହୋଇଥିଲା। ଏଠାରେ କୁହାଯାଇ ପାରିବ ଯେ ସବୁସମୟରେ ପୂର୍ବ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରି ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନବୀନଙ୍କ ଶାସନ କାଳରେ ପ୍ରଶଂସାଯୋଗ୍ୟ କାର୍ଯ୍ୟକୁ ପରୋକ୍ଷରେ ସ୍ୱୀକାର କରିଥିଲେ।

ସେହିପରି 'ଉତ୍କର୍ଷ ଓଡ଼ିଶା' କାର୍ଯ୍ୟକ୍ରମରେ ଶିଳ୍ପ ଅନୁଷ୍ଠାନମାନଙ୍କୁ ଆକର୍ଷିତ କରିବା ପାଇଁ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ପୁସ୍ତିକାରେ ରାଜ୍ୟ ସରକାରଙ୍କ 'ଫାଇଭ ଟି' ପ୍ରଶାସନିକ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହି 'ଫାଇଭ ଟି' ବ୍ୟବସ୍ଥା ମାଧ୍ୟମରେ ରାଜ୍ୟରେ ପ୍ରତିଷ୍ଠା କରୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ବିନା ଦ୍ୱନ୍ଦ୍ୱରେ ଶିଳ୍ପ ପ୍ରତିଷ୍ଠା କରିବାରେ ସକ୍ଷମ ହେଉଛନ୍ତି ବୋଲି ଉଲ୍ଲେଖ କରା ଯାଇଛି। ସରକାର ଗଠନ ପୂର୍ବରୁ ବିଜେପି ତରଫରୁ 'ଫାଇଭ ଟି' କୁ ତୀବ୍ର ସମାଲୋଚନା କରା ଯାଉଥିବା ବେଳେ ସରକାରକୁ ଆସିବା ପରେ 'ଫାଇଭ ଟି' କୁ ପ୍ରଶଂସା କରିବା ସ୍ୱାଭାବିକ ଭାବେ ବିଭିନ୍ନ ମହଲରେ ଭୃକୁଞ୍ଚନ ସୃଷ୍ଟି କରିଛି।

ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ତରଫରୁ ସାରା ରାଜ୍ୟକୁ ଉତ୍ସବ ମୁଖରିତ କରିବା ପାଇଁ ଆୟୋଜନ କରାଯାଉଛି। ଏହି ସମୟରେ ଗତ ଏକବର୍ଷ ଭିତରେ ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ନବୀନଙ୍କ ଶାସନ କାଳରେ ଓଡ଼ିଶାର ଉପଲବ୍ଧି 'ମୋହନଙ୍କ ଶାସନରେ ନବୀନଙ୍କ ଜୟଗାନ' ସଦୃଶ୍ୟ ଉଭା ହୋଇଛି।



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନାଲ୍‌କୋ ନୂଆ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅଭୟ ବେହୁରିଆ



ଭୁବନେଶ୍ୱର,୧୧।୬(ଏଜେନ୍ସି): ଅଭୟ କୁମାର ବେହୁରିଆ ନ୍ୟାସ୍‌ନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ନୂଆ ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସ୍‌ପି)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷତା ଓ ନେତୃତ୍ୱ ବଳରେ କମ୍ପାନୀ ରେକର୍ଡ ଆର୍ଥିକ ସଫଳତା ହାସଲ କରିଥିଲା। ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଓ ଡିଜିଟାଲ ରୂପାନ୍ତର କ୍ଷେତ୍ରରେ ତାଙ୍କର ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି। ସେ ମଧ୍ୟ ଭାରତୀୟ କଷ୍ଟ ଏକାଉଣ୍ଟସ ପ୍ରତିଷ୍ଠାନ (ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ହେବା ସହ ଆଡଭାନ୍ସ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟିକ ମୂଲ୍ୟାଙ୍କନରେ ଏକଜୁକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି। ସେ ଆରଏସ୍‌ପିରେ ଏକାଧିକ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଅଭିଜ୍ଞତାରୁ ନାଲକୋ ଲାଭବାନ ହେବେ। ତାଙ୍କର ଯୋଗଦାନ ନାଲକୋ ବୋର୍ଡକୁ ଆହୁରି ଦୃଢ଼ିଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ପୁଣି ୫୧ ଓଏଏସ୍‌ଙ୍କ ବଦଳି

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ବିଭିନ୍ନ ସ୍ଥାନରେ ବିଡିଓ, ତହସିଲ୍‌ଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓଏଏସ୍‌ମାନଙ୍କ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ମୋଟ୍ ୫୧ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗ ଗତ ୬ ତାରିଖ ଦିନ ୨୯ଜଣ ଓଏଏସ୍‌ଙ୍କ ବଦଳି କରିଥିବା ବେଳେ ମଙ୍ଗଳବାର ୮୩ ଜଣ ଓଏଏସ୍‌ଙ୍କ ବଦଳି କରିଛି।

# ଟ୍ରେନରୁ ପଡ଼ି ଯାତ୍ରୀ ଗୁରୁତର

ବେତନଟୀ,୧୧।୬(ସମିସ): ବୁଧବାର ରାତି ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଜଣେ ଯାତ୍ରୀ ଚଢ଼ିବାକୁ ଚେଷ୍ଟା କରୁଥିବାବେଳେ ଖସି ପଡିବାରୁ ତାଙ୍କ ଗୋଡ ଉପରେ ଟ୍ରେନ ମାଡିଯାଇଛି। ଫଳରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଶୁଳିଆପଦା ଥାନା ଅଧୀନ ଅନ୍ଧାରିଶୋଳ ଗ୍ରାମର ହରିଶ୍ଚନ୍ଦ୍ର ଧଳ (୫୫)।

■ ବନ୍ଧୁ ଘରେ ଅଘଟଣ

# ପୋଖରୀରେ ବୁଡ଼ିଗଲେ ପିଉସୀ, ଝିଆରୀ





ବାଲେଶ୍ୱର/ରାସଗୋବିନ୍ଦପୁର, ୧୧।୬(ସମିସ): ଗାଁରେ ଚାଲିଥିଲା ମାଆ ଭଗବତୀଙ୍କ ବାର୍ଷିକ ପୂଜା। ଘରେ ଘରେ ବନ୍ଧୁବାନ୍ଧବ ଭର୍ତ୍ତି । ଏମିତି ଏକ ଭକ୍ତିମୟ ପରିବେଶ ମଧ୍ୟରେ ପୋଖରୀରେ ବୁଡ଼ି ଦୁଇ ଝିଅଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ଦିନ ବେଳେ ଘର ପଛରେ ଥିବା ପୋଖରୀକୁ ଗାଧୋଇବା ବେଳେ ବୁଡି ସମ୍ପର୍କୀୟ ପିଉସୀ ଓ ଝିଆରୀଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ପୂର୍ଣ୍ଣଚନ୍ଦ୍ରପୁର ଭାଲିଆଗଡ଼ିଆରେ ଘଟିଛି ଏଭଳି ଦୁଃଖଦ ଘଟଣା। ଭାଲିଆଗଡ଼ିଆରେ ମାଆ ଭଗବତୀଙ୍କ ବାର୍ଷିକ ପୂଜା ଚାଲିଛି । ଉକ୍ତ ଗ୍ରାମର ନବ କୁମାର ଜେନାଙ୍କ ଘରେ ବନ୍ଧୁ ବାନ୍ଧବ ପହଞ୍ଚି ଥିଲେ। ଆଜି ମଧ୍ୟାହ୍ନରେ ତାଙ୍କ ଘର ପଛପଟେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ଦୁଇ ଝିଅ। ଘର ଲୋକ ଖୋଜା ଖୋଜି କରିବା ପରେ ଦୁହେଁ ନମିଳିବାରୁ ସ୍ଥାନୀୟ ଲୋକ ପୋଖରୀ ଭିତରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ଦୁଇ ଝିଅ ମଧ୍ୟରେ ଜଣେ ନବଙ୍କ ଝିଆରୀ ଓ ଆଉ ଜଣେ ନାତୁଣୀ । ନବଙ୍କ ଝିଆରୀ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଥାନା ପଞ୍ଚୁପାଲି ପଞ୍ଚାୟତର କାଳସିମୁଳି ଗ୍ରାମର ଲକ୍ଷ୍ମଣ ପଡିଆରୀଙ୍କ ଝିଅ ପ୍ରତିମା ପଡ଼ିଆରୀ (୧୮) ଓ ନବଙ୍କ ନାତୁଣୀ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖଣାବଡ ଗ୍ରାମର ସେଲିନା ସ୍ମୃତିରେଖା ବେହେରା(୧୪) । ସ୍ଥାନୀୟ ଲୋକ ଦୁଇ ଝିଅଙ୍କୁ ପୋଖରୀ ପାଣି ଭିତରୁ ଉଦ୍ଧାର କରି ପ୍ରଥମେ ଅମରଦା ହସ୍ପିଟାଲରୁ ଜଳେଶ୍ୱର ହସ୍ପିଟାଲକୁ ନିଆଯାଇଛି। ଭଗବତୀ ପୂଜା କମିଟିର ସଦସ୍ୟମାନେ ଆଜି ସନ୍ଧ୍ୟାରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରିଛନ୍ତି।

■ ପୁଲିସ- ମାଓବାଦୀ ଗୁଳି ବିନିମୟ

# ଦୁଇ ମାଓବାଦୀ ନିହତ

ମାଲକାନଗିରି,୧୧।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା କୁକାନାର ଥାନା ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ ଏଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଆଇଡି ବିସ୍ଫୋରଣରେ ସହିଦ ହୋଇଥିବା ବେଳେ ଏହାର ଜବାବରେ ଡିଆରଜି ବାହିନୀ କୁକାନାର ଥାନା ଅଞ୍ଚଳରେ କୁମ୍ବିଂ ଅପରେସନ ଆରମ୍ଭ କରିଛନ୍ତି। ଏହି କମ୍ବିଂ ଅପରେସନ ସମୟରେ ମାଓବାଦୀ ମାନେ ଯବାନଙ୍କୁ ଦେଖି ଗୁଳି ଚଳାଣ କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ଯବାନଙ୍କ ଆକ୍ରମଣର ସାମ୍ନା କରି ନ ପାରି ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଗୁଳି ବିନିମୟରେ ଦୁଇଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ନାନ ପୂର୍ଣ୍ଣିମାରେ...

ଜଗନ୍ନାଥଙ୍କ ପ୍ରେମୀଙ୍କ ନଜର ରହିଛି ଶ୍ରୀକ୍ଷେତ୍ର ଉପରେ। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନେକ ନେତା, ମନ୍ତ୍ରୀ ପୁରୀ ଆସିଛନ୍ତି। ପଞ୍ଚସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର ରହିଥିବାବେଳେ ଆଇନଶୃଙ୍ଖଳାର ଧଜିଆ ଉଡ଼ିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେବାଭଳି ଘଟଣା ଘଟିଛି ଗୁଡ଼ିଆସାହିରେ। ସ୍ୱଷ୍ଟ ଦିବାଲୋକରେ ମହାପ୍ରଭୁଙ୍କ ଜଣେ ବୟୋଜ୍ୟେଷ୍ଠ ସେବକଙ୍କୁ ଘରେ ହତ୍ୟା କରି ଆଣି ରାସ୍ତାରେ ଫିଙ୍ଗି ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ସେବାୟତଙ୍କୁ ହତ୍ୟା କରାଯିବା ଘଟଣା ପାଇଁ ଲଜ୍ଜିତ ହୋଇଛି ପୁରୀ। ଟାଉନ ଥାନା ପୁଲିସର ସୂଚନା ଅନୁଯାୟୀ, ଗୁଡ଼ିଆସାହି ରାବେଣୀ ଚୌରାରେ ଘଟିଛି ଏହି ଘଟଣା। ମୃତ ଜଗନ୍ନାଥଙ୍କ ଘର ମହାସୁଆର ସାହିରେ। ସେ କୌଣସି କାମରେ ବୁଧବାର ଅପରାହ୍ଣରେ ଗୁଡ଼ିଆସାହିର ନାରାୟଣ ପାଟ୍ଟଯୋଶୀଙ୍କ ଘରକୁ ଯାଇଥିଲେ। କୌଣସି ଏକ ପ୍ରସଙ୍ଗକୁ ନେଇ ଘର ଭିତରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଘର ବାହାରେ ରକ୍ତାକ୍ତ ଅବସ୍ଥାରେ ଜଗନ୍ନାଥଙ୍କ ମୃତଦେହ ଠାବ ହୋଇଥିଲା। ଖବର ପାଇ ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଏବଂ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହା ମଧ୍ୟରେ ସିସିଟିଭିରେ କଏଦ ଏକ ଦୃଶ୍ୟ ସାମ୍ନାକୁ ଆସିଛି। ଏଥିରେ ଜଗନ୍ନାଥଙ୍କ ମୃତଦେହ ଘର ବାହାରେ ଆଣି ପକାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ଘଟଣା ପରଠାରୁ ଫେରାର୍ ଥିବା ନାରାୟଣଙ୍କୁ ତାଙ୍କ ଶଶୁର ଘରୁ ପୁଲିସ ଗିରଫ କରିଛି। ପୁଲିସ ସମ୍ପୂର୍ଣ୍ଣ ଘଟଣାକୁ ପରଖି ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଚଳାଇବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ହାତୀବେଶରେ ଶ୍ରୀଜୀଉ...

ଓ ବଡ଼ଦାଣ୍ଡ। ଆରମ୍ଭରୁ ନୀତିକାନ୍ତି ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ହାତୀବେଶ ବେଳକୁ ପ୍ରାୟ ନିର୍ଘଣ୍ଟ ସମୟରେ ଚାଲିଥିଲା। ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ।

ଆରମ୍ଭରୁ ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ସାଢ଼େ ୫ଟାରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବିଜେ କାହାଳୀ ବାଜି ଭୋର୍ ୫ଟା ୪୫ରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ୧ ଘଣ୍ଟା ୪୦ ମିନିଟ୍ ବିଳମ୍ବ ଅର୍ଥାତ୍ ୮ଟା ୪୦ରେ ପହଣ୍ଡି ସରିଥିଲା। ୮ଟା ୫୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୯ଟାରେ ବିଜେ କରିଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୯ଟା ୩୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ନ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷହୋମ ବଢ଼ି ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା।

ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁର, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୪୦ରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ। ୧୦୮ ଗଡୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ଜଳଲାଗି ପୂଜା ବଢ଼ିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡୁ, ଦେବୀ ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିଥିଲେ। ନୂଆ ଲୁଗା ଲାଗି ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବାବେଳେ ଅପରାହ୍ଣ ୪ଟା ୪୦ରେ ଛେରାପହଁରା ନୀତି ସରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ଅପରାହ୍ଣ ସାଢ଼େ ୪ଟାରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବାବେଳେ ୪ଟା ୫୫ରେ ବେଶ ଆରମ୍ଭ ହୋଇଥିଲା। ପ୍ରାୟ ୫୦ ମିନିଟ୍ ଧରି ଏହି ବେଶ ଚାଲି ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବେଶ ଥାଇ ଘଣ୍ଟଛତା ସକାଳଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏଥର ହିଁ ଭୋଗ ହୋଇଥାଏ।

ସନ୍ଧ୍ୟା ସାଢ଼େ ୭ଟା ପରେ ଆରମ୍ଭ ହୋଇଥିଲା ସାହାଣମେଲା ଦର୍ଶନ। ଏହା ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ସାହାଣମେଲାରେ ଶ୍ରଦ୍ଧାଳୁମାନେ ସ୍ନାନବେଦୀରେ ଠାକୁରଙ୍କ ଗଜାନନ ବେଶ ଦର୍ଶନ କରିଥିଲେ। ରାତି ୧୧ଟା ପରେ ହାତୀବେଶ ଓଲାଗି ପରେ ଗୋଟିପହଣ୍ଡିରେ ଠାକୁର ବାହୁଡ଼ି ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ସୁନାଚିତା ଓ ରାହୁରେଖା ଓଲାଗି ହୋଇଥିଲା।

### ■ ଆଜିଠୁ ଦର୍ଶନ ଦେବେ ପଟି ଦିଅଁ

ପୁରୀ,୧୧।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ଗୁରୁବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ବୁଧବାର ସ୍ନାନବେଦୀରେ ସ୍ନାନ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଥିଲେ ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧିବେ। ତାଟିରେ ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

## ଯାଜପୁରରେ ବେକାବୁ...

ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ(୨୬)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ସୁଦର୍ଶନଙ୍କ ମୃତ୍ୟୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ବେଳେ ବସନ୍ତଙ୍କ ମୃତ୍ୟୁ କଟକ ବଡ଼ ଡାକ୍ତରଖାନାରେ ହୋଇଛି। ସେହିଭଳି ଜାନକୀଙ୍କ ମୃତ୍ୟୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ମୃତ୍ୟୁ ସଂଖ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଭଳି ପରିସ୍ଥିତିକୁ ଦେଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

ଅନ୍ୟପକ୍ଷରେ ଡାଇରିଆର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାଇକ୍ରୋବାୟୋଲୋଜି ଟିମ୍ ଜିଲ୍ଲାରେ ପହଞ୍ଚି କାରଣ ଖୋଜୁଥିବା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ସ୍ଥାନରେ ହୋଇଥିବା ଭୋଜିରେ ଖାଦ୍ୟ ସହିତ ମାଛି ବସୁଥିବା ଦୂଷିତ ଖାଦ୍ୟ ବ୍ୟବହାର ଯୋଗୁଁ ଏଭଳି ଡାଇରିଆ ହୋଇଥିବା ସନ୍ଦେହ କରାଯାଉଛି। ଆଜି ଅପରାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭି. ପରମେଶ୍ୱରଣମ୍ ଜିଲ୍ଲାପାଳଙ୍କ ସହିତ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଛନ୍ତି। ଏହାର ମୁକାବିଲା ନେଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଥିବା ସେ କହିଛନ୍ତି।

ଝାଡ଼ାବାନ୍ତି ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି। ସଂକ୍ରମିତ ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଟିମ୍ କ୍ଷେତ୍ରସ୍ତରରେ ସମସ୍ତ ପାନୀୟ ଜଳ ସ୍ରୋତ ଓ ଜଳ ଉତ୍ସକୁ ବିଶୋଧିତ କରୁଛନ୍ତି। ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗୱାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓଆରଏସ୍ ପ୍ୟାକେଟ, ଔଷଧ ଓ ସଚେତନତା ବାର୍ତ୍ତା ସମନ୍ୱିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି ବୋଲି ବିଭାଗ କହିଛି ।

## ସରକାରଙ୍କ ଉପରେ...

ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ପ୍ରଦାନ କରି ଅନ୍ୟମାନଙ୍କ ସହ ସରକାର ପ୍ରତାରିତ କରିଛନ୍ତି ବୋଲି ହିତାଧିକାରୀ ଅଭିଯୋଗ କରୁଛନ୍ତି। ଧାନର ଇନପୁଟ ସହାୟତା ବାବଦରେ ୮୦୦ ଟଙ୍କା ଦେଉଥିଲେ ହେଁ ଅତ୍ୟଧିକ କଟନୀ ଛଟନୀ ଏବଂ ମିଲରଙ୍କ ମାମଲାତି ଯୋଗୁଁ ଚାଷୀକୁଳ ଏକ ପ୍ରକାର ଅସହାୟ । ପୁନଶ୍ଚ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି ଫମ୍ପା ଘୋଷଣାରେ ପରିଣତ ହୋଇଛି। ଯାହାକୁ ନେଇ ସରକାର ବ୍ୟାକଫୁଟ୍‌ରେ ରହିଛନ୍ତି।

ତେବେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି ପ୍ରଶାସନିକ ସ୍ଥାଣୁତା। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏକ ନୋଟସିଟରେ ଏହାକୁ ସ୍ୱୀକାର କରିଛନ୍ତି। ତୃଣମୂଳସ୍ତରରୁ ଶୀର୍ଷ ପ୍ରଶାସନ ଯାଏଁ, ପ୍ରଶାସନ ଉପରେ ସରକାରଙ୍କ ନିୟନ୍ତ୍ରଣ ଏକପ୍ରକାର ହୁଗୁଳା ହୋଇପଡ଼ିଛି ବୋଲି କୁହାଯାଇପାରେ। ଫଳସ୍ୱରୂପ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ସରକାର ନିଜ ପ୍ରଥମ ବର୍ଷରୁ ହିଁ ରାଜ୍ୟ ଅର୍ଥନୀତି ପରିଚାଳନାରେ ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇ ପଡ଼ିଥିବା ବେଳେ ଏହା ରାଜ୍ୟର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଅର୍ଥନୈତିକ ମହଲରେ ମତ ପ୍ରକାଶ ପାଇଛି। ପୁନଶ୍ଚ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ବିରୋଧୀ ହିଂସା, ପୋଲାଭରମ ଏବଂ ମହାନଦୀ ବିବାଦ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିରବତା ମଧ୍ୟ ସାଧାରଣରେ ସରକାରଙ୍କ ଛବିକୁ ମଳିନ କରିଛି। ପୁନଶ୍ଚ ନିର୍ବାଚନ ସମୟରେ ସରକାର ଦେଇଥିବା ଢେର ପ୍ରତିଶ୍ରୁତିକୁ ପୂରଣ କରିବା ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ପ୍ରମୁଖ ଆହ୍ୱାନ ସାଜିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ ୧୭ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ଦାବି ତେଜିବାରେ ଲାଗିଛି। ସେହିପରି ଶିଳ୍ପାୟନକୁ ନେଇ ରାଜ୍ୟ ସରକାର ନିୟମିତ ଦମ୍ଭୋକ୍ତି ପ୍ରକାଶ କରୁଥିବା ବେଳେ ସେଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି। କଟକରେ ଜେଏସଡବ୍ଲ୍ୟୁର ଇଭି କାରଖାନା ଏବଂ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ପ୍ରକଳ୍ପ ଏଯାଏଁ ଅନ୍ଧାର ମଧ୍ୟରେ ଥିବା ବେଳେ ଏହାକୁ ଆସନ୍ତା ବର୍ଷରେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ସମ୍ମାନର ପ୍ରଶ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଅତ୍ୟନ୍ତ ସତର୍କତାର ସହ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ଶାସନକଳକୁ ଅପେକ୍ଷାକୃତ ଶୃଙ୍ଖଳିତ ଏବଂ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବିଶେଷକରି ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ଏବଂ ସମାନ ସମୟରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସରକାରଙ୍କ ସାମ୍ନାରେ ଆହ୍ୱାନ ସୃଷ୍ଟି କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**GOVERNMENT OF ODISHA, DEPARTMENT OF WATER RESOURCES**
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
A-282
e-Procurement Notice – Bid Identification No.: ACEM/MDL-21/2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-21/2025-26 |
| 5. | Estimated Cost | : Rs. 18,70,407/- |
| 6. | Period of Completion | : 01 (One) calendar months. |
| 7. | Date & time of availability of bid documents in the Portal | : From dt.12.06.2025(10.00 AM) to dt.20.06.2025(5.30 PM) |
| 8. | Last date/ time for receipt of bid In the Portal | : dt.20.06.2025 (up to 5.30 PM) |
| 9. | Date and Place of opening of Bid | : dt.21.06.2025(12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar
OIPR-32405/11/0074/2526

**AFFIDAVIT**
By virtue of an affidavit before the Executive Magistrate, Phulbani on 05.06.2025. I, Rajib Kanhar, residing at At-Upper Tamtangia, PO-Sripalli, PS-Phiringia, Dist.: Kandhamal, Odisha, Pin-762011 do hereby declare that I have changed my minor daughter's name from Subhasmita Kanhar to Katharina Kanhar. Henceforth she will be known as Katharina Kanhar for all purposes.
Sd/- Rajib Kanhar

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**ହଜିଯାଇଛି**
ମୁଁ ଅନୁରାଗ ଜେନା, ବାପା- ଅଞ୍ଜନ ଜେନା, ଠିକଣା- ଯାଜଲେିବର ଚାଉବଟିଆ, ମୋର ବିଟେକ୍ ଡିଗ୍ରୀ ପରୀକ୍ଷା ପ୍ରମାଣପତ୍ର ଓ ସମସ୍ତ ସେମିଷ୍ଟାର ମାର୍କସିଟ୍, ରିଗଣି ରେଜିଷ୍ଟ୍ରେସନ୍ ନମ୍ବର ୦୯୦୧୩୩୫୧୨୨ ଯାହାକି ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୩ ମସିହାରେ ପ୍ରଦତ୍ତ। ତା.୦୧/୦୫/୨୦୨୫ରିଖ ଦିନ ସନ୍ଧ୍ୟା ସମୟରେ ଗାନ୍ଧି ଛକ, ଚୌଦ୍ୱାର ଠାରୁ ମୋ ଘର ଠିକଣା ମଧ୍ୟରେ ଯାଉଥିବା ସମୟରେ ଡକ୍ୟୁମେଣ୍ଟଗୁଡ଼ିକ ହଜିଯାଇଛି। ମୁଁ ମଧ୍ୟ ଏହାର ନକଲ କାଗଜପତ୍ର ଆବେଦନ କରିଛି। ଯଦି ଏହା କାହାକୁ ମିଳେ, ଦୟାକରି ମୋତେ ୯୩୩୭୩୦୮୦୧୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**
BY VIRTUE OF an affidavit sworn before the Executive Magistrate, Machhkund, dated 15.04.2025, I, Smt. Raila Ayal resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Raila Tayal**. In my Voter Identity card my name has been correctly mentioned as **Raila Ayal, W/o- Sanya Ayal**. Henceforth I will be known as **Raila Ayal, W/o- Sanya Ayal** for all purposes.

**AFFIDAVIT**
By virtue of an affidavit before the Executive Magistrate, Phulbani on 06.06.2025. I, Tamburudhar Kanhar, S/o Sunapa Kanhar, resident of At-Dudupanga, PO-Pahiraju, PS-Gochhapada, Dist-Kandhamal, Odisha, Pin-762002, do hereby declare that I have changed my minor daughter's name from Sumati Kanhar to Suchitra Kanhar. Henceforth she will be known as Suchitra Kanhar for all purposes.
Sd/- Tamburudhar Kanhar

**NOTICE**
(above 18 years of age)
By virtue of an affidavit sworn before Executive Magistrate, Bhadrak, Dtd. 11.06.2025, I Masterkaushik Behera, Address, At: Randia, P.O-Randiahat, Dist: Bhadrak, declare that I have changed my name from Masterkaushik to Masterkaushik Behera Henceforth, I shall be know as Masterkaushik Behera. for all purpose.
Masterkaushik Behera

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, No.2602 dated 25.05.2025, I, **SRI RAGHUNATH PADAL**, S/o- Sri. ADIA PADAL resident of Vill.- Upapada, PO- Guniepada, Ps.- Machhkund, Dist.- Koraput declare that, I have changed my daughter's name from **SHASHMITA PADAL** to **SUSHMITA PADAL**. Henceforth she will be known as **SUSHMITA PADAL** for all purposes.

**AFFIDAVIT**
I Surendra Marandi of village Rangamatia, Po- Baripal, Ps- Ghasipura, Dist.: Keonjhar, Pin 758025, by virtue of an affidavit sworn before the Executive Magistrate, Hatadihi, bearing sl no 06, date 09.06.2025, i have changed the name of my minor daughter from Salama Marndi to Hemalata Marndi. Henceforth, she shall be known as HEMALATA MARNDI for all purpose.
Hemalata Marndi

**AFFIDAVIT**
I, Dillip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 141, dtd- 09/06/2025 that now onwards I shall be known as **DILIP KUMAR AGARWALLA** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, No.2634 dated 20.06.2025, I, Sri Dhanapati Khara, S/o- Sri Laikana Khara resident of Vill.- Kodri, Po.- Dabuguda, Ps.- Machhkund, Dist.- Koraput declare that, I have changed my daughter's name from **NIKITA KHARA** to **USHARANI KHARA**. Henceforth she will be known as **USHARANI KHARA** for all purposes.

**AFFIDAVIT**
BY VIRTUE OF an affidavit sworn before the Executive Magistrate, Machhkund dated 10.04.2025, I, **Sri. Sania Ayal**, S/o- Late Mangala Ayal, resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Sania Tayal, S/o- Mangala Tayal**. In my voter Identity Card my name has been correctly mentioned as **Sania Ayal, S/o- Mangala Ayal**. Henceforth I will be known as **Sania Ayal, S/o- Mangala Ayal** for all purposes.

**AFFIDAVIT**
By virtue of an affidavit sworn before The Notary Public, Swampatna on dated-10/06/2025. I **Judhisthira Sethy,** S/o- Muralidhar Sethy, resident of At/Po- Mushakhori, Via- Swampatna, Ps- Patana, Pin-758030 declare that I have changed my minor daughter's name from **Swatapadma Sethy** (old name) to **Kritika Sethy** (New name). Henceforth, she shall be known as **Kritika Sethy** for all future purposes.
S/d Judhisthira Sethy

**AFFIDAVIT**
By virtue of an affidavit No.6315, Dtd.20.05.2025 sworn before the Executive Magistrate, Balasore I, Gitashree Nayak, W/o. Manas Ranjan Nayak, At/Po. Attapur, PS. Soro, Dist. Balasore, Odisha, declare that in my Adhar card vide no. 356106211083 my name has been mentioned as Gitashree Sahu as prior to my marriage I was named as Gitashree Sahu, D/o. Gangadhar Sahu as per my educational qualification certificate. Hence, I hereby declare that the name of GITASHREE NAYAK and GITASHREE SAHU is the name of one and same person.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda, No. 2635 dated 10.06.2025, I, Sri. SANJITH SWABI, S/o- Sri Bhadra Swabi, resident of Vill.- Chalanput, Po.- Godihanjar, Ps.- Machhkund, Dist.- Koraput, declare that, I have changed my name from **SANJITH SWABI** to **SANJEET SWABI**. Henceforth I will be known as **SANJEET SWABI** for all purposes.

**AFFIDAVIT**
I, Nitu Agarwalla, aged about 46 years, W/o- Dilip Kumar Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 142, dtd- 09/06/2025 that now onwards I shall be known as **NITU AGRAWALLA** for all future purposes.

**ପୂର୍ବ ତଟ ରେଳପଥ**
ଟାଇଲ୍ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ
ଟେଣ୍ଡର ନଂ.e-tender-EASTKUR-55-2025,ତା.28.05.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରେ ପ୍ରଭାବିତ ... (Plants), ... ଇତ୍ୟାଦି ... କରାଯିବ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 57.72 ଲକ୍ଷ, EMD (ଟଙ୍କାରେ) : 1,15,500/-, ... : 06 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2025 ରିଖ 1500 ଘଣ୍ଟିକାରେ।
... ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ... www.ireps.gov.in ରେ ଉପଲବ୍ଧ ଅଛେ।
...
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-221/Q/25-26

**AFFIDAVIT**
By virtue of an affidavit No. 933, dtd. 10.06.2025 in the court of the Executive Magistrate, Boudh, I, Satyaban Mahakhud, have changed my minor daughter's name from Srutirani Mahakhud to Smutirani Mahakhud. Henceforth she will be known as Smutirani Mahakhud for all purposes.
Sd/- Satyaban Mahakhud

**AFFIDAVIT**
I, Rajani Kanta Mohanty, S/o.: Ramesh Chandra Mohanty, Resident of Vill: Nausira, PO./P.S.: Tirtol, Dist.: Jagatsinghpur, PIN-754137 Odisha, declare by this affidavit No.: 445, dated-29/01/2025, that now onwards I shall be known as RAJANIKANT MOHANTY for all future purposes.

**AFFIDAVIT**
I, Pravati Mohanty, aged about 55 years, W/o- Amiya Kumar Mohanty, resident of At- Balisahi, Madhupatana, Cuttack Sadar, Madhupatana, Dist- Cuttack, PIN-753010, Odisha declared by this affidavit No. 189, dtd- 10/05/2025 that now onwards I shall be known as **PRAVABATI MOHANTY** for all future purposes.

# ସମ୍ବିଧାନ ବଞ୍ଚାଅ ପଦଯାତ୍ରା



ରାଜନଗର, ୧୧।୬(ସମିସ): ରାଜନଗର ବ୍ଲକ୍ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ନେତା ଅଶୋକ ପ୍ରତିହାରୀଙ୍କ ନେତୃତ୍ୱରେ ପଦଯାତ୍ରା ରାଜନଗର ଗାଁ, ବଜାର, ତ୍ରିନାଥ ବଜାର, ସାନବଡ଼ ଗୋପାଳପୁର ପରିକ୍ରମା କରି ନୀଳାଦ୍ରି ମଣ୍ଡପରେ ପହଞ୍ଚି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ଓବିସି ସେଲ ନେତା ମଳୟ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ଜିଲ୍ଲା ଉପସଭାପତି ରମାକାନ୍ତ ଦାସ , ପୂର୍ବତନ ଦଳିତ ସେଲ ସଭାପତି ଭାସ୍କର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ବନମାଳି ସ୍ୱାଇଁ ରାଜନଗର ବଣିକ ସଂଘର ବ୍ୟବସାୟୀଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତୁଷାରକାନ୍ତ ବେହେରା ଅନ୍ନପୂର୍ଣ୍ଣା ଥିଏଟରର ଭାରତ ଜସ୍ୱଶି ସମ୍ମାନ ପ୍ରଦାନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

# ବଜରଙ୍ଗ ଦଳର ସେବାକାର୍ଯ୍ୟ



କେନ୍ଦ୍ରାପଡ଼ା,୧୧।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀ ଶ୍ରୀସିଦ୍ଧବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ନଗର ତରଫରୁ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ହଜାର ହଜାର ଭକ୍ତଙ୍କ ଉଦ୍ଦେଶ୍ୟରେ ଥଣ୍ଡା ଦହି ସର୍ବତ ବଣ୍ଟନ କରାଯାଇଛି। ଏଥିସହ ମନ୍ଦିର ସମ୍ମୁଖ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଶପାଲ ସୁତାର, ନୀଳକଣ୍ଠ ସ୍ୱାଇଁ, ପ୍ରସନଜିତ ଦାସ, ଚନ୍ଦନ ମହାନ୍ତି, ଭଜନ ସୁତାର, ପ୍ରଶାନ୍ତ ଦାସ, ବିଶ୍ୱଜିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ସ୍ତରରେ ଶିକ୍ଷାଶ୍ରୀ ସମ୍ମାନରେ ସମ୍ମାନିତ ହେଲେ ଡା. ଡମ୍ବରୁଧର ପତି



କେନ୍ଦ୍ରାପଡ଼ା,୧୧।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଭାଗବତପୁର ପଞ୍ଚାୟତର ବାଲିଆର ଏକ ସାଧାରଣ ବ୍ରାହ୍ମଣ ପରିବାରର ଛାତ୍ର ଡ. ଡମ୍ବରୁଧର ପତିଙ୍କୁ ବର୍ତ୍ତମାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ (ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ)ର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡି ଶିକ୍ଷାଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ସେ ଜଣେ ଉତ୍କୃଷ୍ଟ ସମାଜସେବୀ। ତିରୁପତି, ଦିଲ୍ଲୀ, ରାଜସ୍ଥାନ ଏବଂ ଜମ୍ମୁ ଆଦି ସ୍ଥାନରେ ଶିକ୍ଷା ବିଭାଗର ପ୍ରଫେସର ରହିଛନ୍ତି। ବର୍ତ୍ତମାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଶିକ୍ଷାଦାନ ଶୈଳୀକୁ ଛାତ୍ରଛାତ୍ରୀ ପସନ୍ଦ କରିଥାନ୍ତି। ନବସୃଜନ ମାଧ୍ୟମରେ ଶିକ୍ଷାଦାନ କରିଥାନ୍ତି। ତାଙ୍କୁ ମହାରାଷ୍ଟ୍ରର ପୁଣ୍ୟ କୁମ୍ଭ ନାସିକରେ ଉତ୍କର୍ଷ ମହୋତ୍ସବ (୮-୧୦ ଜୁନ୍ ୨୦୨୫)ରେ ଶିକ୍ଷାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ସହିତ, ସମ୍ମାନ ସ୍ୱରୂପ ୫୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଏଥିରୁ ପ୍ରେରଣା ପାଇ ଡକ୍ଟର ପତି କହିଛନ୍ତି ଯେ ସେ ପୁଣି ଥରେ ଭଲ ଭାବରେ ଶିକ୍ଷାଦାନ କରିବେ ଏବଂ ସମାଜସେବା ପାଇଁ ପ୍ରସ୍ତୁତ ରହିବେ।

# ସାହିତ୍ୟିକା ମନୋରମା ମହାପାତ୍ରଙ୍କ ଜୟନ୍ତୀ



ଜଗତସିଂହପୁର,୧୧।୬(ସମିସ): ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟା ତଥା ସୁସାହିତ୍ୟିକା ମନୋରମା ମହାପାତ୍ରଙ୍କ ୯୧ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ଼ସ୍ଥିତ ପ୍ରଫୁଲ ପାଠାଗାରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଏହି ସ୍ମୃତିଚାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ସ୍ୱର୍ଗତା ମନୋରମା ମହାପାତ୍ର ଜଣେ ସୁଲେଖିକା, ସୁବକ୍ତା, ସମାଜସେବୀ ଏବଂ ଉଚ୍ଚକୋଟିର ଅଧ୍ୟାପିକା ଭାବେ ସୁପରିଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ସଞ୍ଜୟ କୁମାର ସାମନ୍ତସିଂହାର, ଅଜୟ କୁମାର ପତି ଓ ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଲୋଚନାରେ ସ୍ୱର୍ଗତା ମହାପାତ୍ର ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ବୋଲି କହିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋରମ ରାସ୍ତାରେ ମାଟି ପକାଇବାକୁ ଦିଆଯାଇଛି ୫ ଲକ୍ଷ ୧୯ ହଜାର

# ମାଟି ନ ପକାଇ ପଡ଼ିଲାଣି ମେଟାଲ୍

ରାଜନଗର, ୧୧।୬(ସମିସ):



ବର୍ଷାଦିନ ପୂର୍ବରୁ ଲୁଣା ଘେରିବନ୍ଧଗୁଡ଼ିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବୈଠକ ପରେ ବୈଠକ କରୁଛନ୍ତି। ବର୍ଷାଦିନ ପୂର୍ବରୁ ଘେରିବନ୍ଧ ନିର୍ମାଣ ଓ ପୁନଃନିର୍ମାଣ କାର୍ଯ୍ୟ ଶେଷ କରିବା ନିମନ୍ତେ ତାଗିଦା କରାଯାଉଛି। ମାତ୍ର ରାଜନଗର ବ୍ଲକ୍‌ର ବ୍ରାହ୍ମଣୀ ନଦୀକୂଳରେ ଥିବା ବାରଗାଁ ସାଲାଇନ୍ ଘେରିବନ୍ଧ ସୁଦୃଢ଼ୀକରଣ ନାଁରେ ସରକାରୀ ଟଙ୍କା ଲୁଟିବାକୁ ବଡ଼ଧରଣର ମସୁଧା ହୋଇଥିବା ଅଭିଯୋଗ ହୋଇଛି। ଏହି ଘେରିବନ୍ଧ ଦୁଇପାର୍ଶ୍ୱରେ ମାଟି ପକାଇବା ପାଇଁ ୫ଲକ୍ଷ ୧୯ ହଜାର ଟଙ୍କା ଦିଆଯାଇଛି। ମାତ୍ର ଝୁଡ଼ିଏ ମାଟି ନ ପକାଇ ରାସ୍ତାରେ ମେଟାଲ୍ ଓ ମୋରମ ବିଛାକାମ ଆରମ୍ଭ ହୋଇଯାଇଛି। ଏହି ଘେରିବନ୍ଧ ସୁଦୃଢ଼ୀକରଣ ନାଁରେ ବଡ଼ଧରଣର ଦୁର୍ନୀତି ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିବା ସହ ଏଭଳି ନିମ୍ନମାନର କାମ ଜନସାଧାରଣଙ୍କୁ କିପରି ସୁରକ୍ଷା ଦେବ ବୋଲି ପ୍ରଶ୍ନ କରିଛନ୍ତି।

ରାଜନଗର ବ୍ଲକ୍‌ର ବ୍ରାହ୍ମଣୀ ନଦୀ କୂଳେକୂଳେ ଯାଇଛି ବାରଗାଁ ସାଲାଇନ୍ ଘେରିବନ୍ଧ। ବନ୍ୟା ଓ ବାତ୍ୟା ସମୟରେ ବ୍ରାହ୍ମଣୀ ନଦୀରୁ ଉଠୁଥିବା ଉଚ୍ଚ ଜୁଆର କବଳରୁ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଏହି ଘେରିବନ୍ଧକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ହେଲେ, ସୁଦୃଢ଼ୀକରଣ ନାଁରେ ତିନିବର୍ଷ ତଳେ ୨୦ ଲକ୍ଷରୁ ଅଧିକ ଟଙ୍କା ଲୁଟି ନିଆଯାଇଥିବା ଏବଂ ବର୍ତ୍ତମାନ ପୁଣି ସରକାରୀ ଅର୍ଥ ଲୁଟିବାକୁ ମସୁଧା ଟଙ୍କା ଦେଇଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ୨୩୧୦ ସେଣ୍ଟିମିଟର୍ ମାଟି ପକାଇବା ଲାଗି ୫ ଲକ୍ଷ ୧୯ ହଜାର ୧୦ ଟଙ୍କା, ମାଟି ଉପରେ ଉନ୍ନତମାନର ବାରଗାଁ ସାଲାଇନ୍ ଘେରିବନ୍ଧ ସୁଦୃଢ଼ୀକରଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘେରିବନ୍ଧର ୩ କିଲୋମିଟର ୧୫୦ ମିଟରରୁ ୫ କିଲୋମିଟର ଯାଏ ୧୮୫୦ ମିଟର ଘେରିବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ୩୭ଲକ୍ଷ ୬୪ହଜାର ୩୮.୬୭୭.୧୦ ସେଣ୍ଟିମିଟର୍ ମୋରମ୍ ପାଇଁ ୧୧ଲକ୍ଷ ୬୬ହଜାର ୫୬୫ଟଙ୍କା, ମୋରମ୍ ଉପରେ ୫୦୭.୮୩ ସେଣ୍ଟିମିଟର୍? ମେଟାଲ୍ ପକାଇବାକୁ ୨୦ଲକ୍ଷ ୭୮ହଜାର ୮୦୨ ଟଙ୍କା ଦିଆଯାଇଛି। ହେଲେ, ରାସ୍ତାରେ ଆଦୌ ଝୁଡ଼ିଏ ମାଟି ପଡ଼ିନାହିଁ। ଏଥିସହ ପୁରୁଣା ମୋରମ୍ ଉପରେ କେବଳ ଗୋଟିଏ ଗୋଟିଏ କରି ମେଟାଲ୍ ବିଛାଇ ତା' ଉପରେ ମୋରମ୍ ବିଛା ଯାଉଥିବା ଅଭିଯୋଗ ହୋଇଛି। ମାଟି କାମ ହୋଇ ନ ଥିଲା ବେଳେ ରାସ୍ତାରେ କିପରି ମେଟାଲ୍ ଓ ମୋରମ କାମ ଆରମ୍ଭ ହେଲା ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି।

## ■ ଧସିଛି ପିଚୁ ରାସ୍ତା

# ମୃତ୍ୟୁକୁ ଡାକୁଛି ରାସ୍ତାକଡ଼ ଗାତ



ଗରଦପୁର,୧୧।୬(ସମିସ): ରାସ୍ତାକଡ଼ରେ ସୃଷ୍ଟି ହୋଇଛି ବିରାଟ କାୟ ଗାତ। ଟିକେ ବେହୁସିଆର ହେଲେ ନିଶ୍ଚିତ ଜୀବନ ଯିବ। ଏହି ରାସ୍ତାରେ ଦେଇ ଯାଉଥିବା ଯାତ୍ରୀ ନିଜ ଜୀବନକୁ ପାଣି ଛଡ଼େଇ ଯାଉଛନ୍ତି। କେବେ କାହା ସହିତ କଣ ଘଟିବ କେହି କିଛି କହିପାରିବେ ନାହିଁ। ଏହିଭଳି ଏକ ଦୃଶ୍ୟ ଗରଦପୁର ବ୍ଲକ ଅଧୀନ ଗରଦପୁର ପୋଲ ମୁଣ୍ଡ ନିକଟରୁ ପହଣା ଯିବା ରାସ୍ତାରେ ଦେଖିବାକୁ ମିଳିଛି। ଏକ ବର୍ଷ ତଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ପିଚୁ ରାସ୍ତା ତିଆରି ହୋଇଥିଲା; ହେଲେ ରାସ୍ତାକଡ଼ରେ ମାଟି ନପଡ଼ିବାରୁ ଏହି ରାସ୍ତା ଏବେ ଧସିବାରେ ଲାଗିଛି। ଏତେବଡ଼ ଗାତକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି।

# ପାଣି ଟାଙ୍କି କାମ ନିମ୍ନମାନର ଅଭିଯୋଗ



ଗରଦପୁର,୧୧।୬(ସମିସ): କୋଟି କୋଟି ଟଙ୍କାରେ ଗରଦପୁର ପଞ୍ଚାୟତର ପତିସାହି ତାରେଣୀ ମନ୍ଦିର ନିକଟରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ନିର୍ମାଣ ହେଉଛି ଓଭରହେଡ୍ ପାଣି ଟାଙ୍କି। ଏହି ଟାଙ୍କି କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। କାମ ଅଧା ହେବା ଉପରେ ପହଞ୍ଚିଲାଣି। ଅତି ନିମ୍ନମାନର କାମ ହେଉଥିବାରୁ ଅଞ୍ଚଳବାସୀ ବାରମ୍ବାର ବିରୋଧ କରିଆସୁଛନ୍ତି। ତେବେ ଠିକାଦାର ଉତ୍ତମମାନର କାର୍ଯ୍ୟ କରିବା ପ୍ରତିଶ୍ରୁତି ଦେଇ ଅତି ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି। ଅଳ୍ପ ଦିନରେ ଏହି ଓଭରହେଡ ପାଣି ଟାଙ୍କି କାର୍ଯ୍ୟ କରିବା ବନ୍ଦ କରିଦେବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଛନ୍ତି। ଏବେ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କାର ଓଭରହେଡ୍ ଟାଙ୍କି ନିର୍ମାଣ ହେଉଛି କାହା ସ୍ୱାର୍ଥରେ? ଟାଙ୍କିର ଏଭଳି ନିମ୍ନମାନର ନିର୍ମାଣ ପାଇଁ ଦାୟୀ କିଏ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି।

# ପଟ୍ଟାମୁଣ୍ଡାଇ-ଗଣ୍ଡକୁଳ ରାସ୍ତାରେ ଜମୁଛି ପାଣି

ପଟ୍ଟାମୁଣ୍ଡାଇ୧୧।୬(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ-ଗଣ୍ଡକୁଳ ରାସ୍ତାରେ ଆଣ୍ଠୁଏ ପାଣି। କଟକ-ଚାନ୍ଦବାଲି ମୁଖ୍ୟରାସ୍ତାର ଚୂନଡ଼ିଆଠାରୁ ବାହାରିଥିବା ଏହି ରାସ୍ତାଟି ଡିହାପଡା ପଞ୍ଚାୟତକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ପାର୍ଶ୍ୱରେ ରାଧାରମଣ ଆଇଟିଆଇ, ମାର୍କଫେଡ ସାର ଗୋଦାମ, ବିବାହ ମଣ୍ଡପ ଆଦି ରହିଛି। ରାସ୍ତାର ପ୍ରବେଶପଥରେ ପ୍ରାୟ ଦୁଇଶହ ଫୁଟ ପରିମିତରେ ପାଣିରେ ବୁଡି ରହିଛି। ସାମାନ୍ୟ ବର୍ଷା ହେଲେ ଏଠାରେ ପାଣିଜମିରହୁଥିବା ଦେଖିବାକୁ ମିଳୁଛି। ଏହିବାଟ ଦେଇ ଗାଡିମୋଟର ଯାତାୟତ ସମୟରେ ଦୈନିକ ଦୁର୍ଘଟଣାମାନ ଘଟୁଛି। ପାଣିରେ ବୁଡି ରହିବା ଫଳରେ ପିଚୁ ଉଠିଯାଇ ଆଣ୍ଠୁଏ ଲେଖାଏଁ ଗାତ ସୃଷ୍ଟି ହୋଇଛି। ଗ୍ରାମ୍ୟଉନ୍ନୟନ ବିଭାଗ ରାସ୍ତାର ଉଚ୍ଚତା ବୃଦ୍ଧି କରୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି।

# ଗଡ଼ମେକର୍ 'ଗୋପାଳ ସଙ୍ଗୀତ' ଆଲ୍‌ବମ୍ ଲୋକାର୍ପିତ

ପଟ୍ଟାମୁଣ୍ଡାଇ,୧୧।୬(ସମିସ): ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ପ୍ରସ୍ତୁତ 'ଗୋପାଳ ସଙ୍ଗୀତ' ଆଲବମ୍ ଲୋକାର୍ପଣ କରାଯାଇଛି। ଗଣକବି ଗୋପାଳ ଦାଶଙ୍କ ରଚନାବଳୀରୁ ସଂଗୃହୀତ ସୁଲଳିତ ସଙ୍ଗୀତ ଏଥିରେ ସ୍ଥାନ ପାଇଛି। ଚଳିତ ମାସ ୨୫ରୁ ଆସନ୍ତା ବର୍ଷ ମେ' ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ରବିବାର ଗଡମେକର ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବ "ଗୋପାଳ ସଙ୍ଗୀତ'। ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନାରେ ୫୨ଟି "ଗୋପାଳ ସଙ୍ଗୀତ' ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନର ସ୍ୱନାମଧନ୍ୟ ଆକାଶବାଣୀ/ ଦୂରଦର୍ଶନ ଶିଳ୍ପୀ ସୁପ୍ରିୟା ଦାଶ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ପ୍ରିୟଙ୍କା ବେହେରା, ଅମୃତମୟ ସାମଲଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ସୁଶାନ୍ତ ପାଣି ମଧ୍ୟ କଣ୍ଠଦାନ କରିଛନ୍ତି। ଗଣକବି ଗୋପାଳ ଦାଶଙ୍କ ୭୨ ଖଣ୍ଡ ଗୀତିନାଟ୍ୟରୁ ସଂଗୃହୀତ ୫୨ଟି ଓଡ଼ିଶୀ, ଭଜନ, ଜଣାଣ, ଛାନ୍ଦ, ସୁଆଙ୍ଗ ଗୀତ 'ଗୋପାଳ ସଙ୍ଗୀତ'ରେ ସ୍ଥାନ ପାଇଛି।



# ଏନ୍‌ସିସି ବାଟାଲିୟନ୍‌ର ବାର୍ଷିକ ତାଲିମ ଶିବିର



ଜଗତସିଂହପୁର,୧୧।୬(ସମିସ): କଟକ ଗ୍ରୁପ ଏନସିସି ଅଧୀନରେ ଥିବା ୧, ଓଡ଼ିଶା ଏନସିସି ବାଟାଲିୟନ ପକ୍ଷରୁ ଜଗତସିଂହପୁରର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଚଳିତ ମାସ ୩ ତାରିଖରୁ ବାର୍ଷିକ ତାଲିମ ଶିବିର ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୬୦୦ ଜଣ କ୍ୟାଡେଟ ଯୋଗଦେଇଛନ୍ତି। ଆଜି କଟକ ଗ୍ରୁପର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ପ୍ରଶିକ୍ଷଣ ଶିବିରକୁ ପରିଦର୍ଶନ କରି ପ୍ରତ୍ୟକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏନସିସି କ୍ୟାଡେଟମାନଙ୍କ ବଳିଷ୍ଠ ନେତୃତ୍ୱ ଦେଶର ପ୍ରଗତିରେ ସହାୟକ ବୋଲି ମତବ୍ୟକ୍ତ କରିବା ସହିତ ଶୃଙ୍ଖଳା, ସଂଯମ ଓ ସଦାଚାର ପ୍ରଭୃତି ଗୁଣ କ୍ୟାଡଟମାନଙ୍କ ପାଇଁ ଆବଶ୍ୟକ ବୋଲି ମାର୍ଗଦର୍ଶନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ୧୦ଦିନ ଧରି ଚାଲୁଥିବା ଶିବିରର ପ୍ରତ୍ୟକ କାର୍ଯ୍ୟକ୍ରମ ୧, ଓଡ଼ିଶା ଏନସିସି କଟକର କମାଣ୍ଡିଂ ଅଫିସର ଏବଂ ଆଡାମ ଅଫିସରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା। ସୁବେଦାର ମେଜର, ଗାର୍ଲସ କ୍ୟାଡଟ ଇନଷ୍ଟ୍ରକ୍ଟର, ଆସୋସେଟ ଏନସିସି ଅଫିସର, ପରମାନେଣ୍ଟ ଇନଷ୍ଟ୍ରକଟର ଓ କାର୍ଯ୍ୟାଳୟର କର୍ମଚାରୀ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ବରିଷ୍ଠ ବ୍ୟବସାୟୀ ନିରଞ୍ଜନ ପ୍ରଧାନଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୧୧।୬(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବଡ଼ଲତଳ ଗ୍ରାମର ପୁରାତନ ବ୍ୟବସାୟୀ ନିରଞ୍ଜନ ପ୍ରଧାନଙ୍କର ୮୧ ବର୍ଷ ବୟସରେ ପରଲୋକ ଘଟିଛି। ଶ୍ରୀ ପ୍ରଧାନ ପଟ୍ଟାମୁଣ୍ଡାଇ ସହର ଏମ୍ଆରଏଫ୍ କମ୍ପାନୀର ଡିଲର ତଥା ଗ୍ରାମ୍ୟ କମିଟିର ସଭାପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କାଉନସିଲର ଗୋପୀବଲ୍ଲଭ ନାୟକ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯୁବନେତା ଅବିନାଶ ଲେଙ୍କା ଓ ସନାତନ ବିଶ୍ୱାଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପ୍ରଧାନଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହରପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ରବିରଞ୍ଜନ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ପୂର୍ବତନ କାଉନ୍‌ସିଲର ସେକ ତାଜଉଦ୍ଦିନଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୧୧।୬(ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ୧୧ନଂ ୱାର୍ଡର ପୂର୍ବତନ କାଉନସିଲର ବରିଷ୍ଠ ବିଜେଡି ନେତା ଶେଖ ତାଜଉଦ୍ଦିନ (ତାଜୁ ମିଆଁ)ଙ୍କ ୬୭ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ୧୯୯୬ରୁ ୨୦୦୧ପର୍ଯ୍ୟନ୍ତ ସେ ୧୧ନଂ ୱାର୍ଡର କାଉନସିଲର ଥିବା ସହିତ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ଭାବେ ୧୦ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ପଟ୍ଟାମୁଣ୍ଡାଇ ବାସଭବନରେ ବହୁ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୌରାଧ୍ୟକ୍ଷ ହେମନ୍ତ ସାହୁ, କାଉନସିଲର ସାନିଆ ପରମିନ, ପୂର୍ବତନ କାଉନସିଲର ଶେଖ ଅମରୁଲ, କେଶବ ସେଠୀ ଯୁବନେତା ମହମ୍ମଦ ପପୁ, ଅବିନାଶ ଲେଙ୍କା, ଅମୂଲ୍ୟ ପ୍ରଧାନ, ମିଟୁ ମନୋଜ ନାୟକ, ଅବଦୁଲ ବାରି, ଶେଖ ମୋଇଉଦ୍ଦିନ, ଶେଖ ଇସଲାମ, ବରକତ ଖାଁ, ଅଫସାର ଖାଁ, ଶେଖ ଜାକିର ହୁସେନ, ଶେଖ ଇସ୍ମାଇଲ, ଶେଖ ସାରାତୁଲ୍ଲା ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି। କବରସ୍ଥାନରେ ତାଙ୍କୁ କବର ଦିଆ ଯାଇଥିଲା।



# ବ୍ୟବସାୟୀ ପବିତ୍ର ରାଉତଙ୍କ ପରଲୋକ

ରାଜନଗର, ୧୧।୬(ସମିସ): ରାଜନଗର ବଜାରରେ ବ୍ୟବସାୟ କରୁଥିବା, ମହିଷାସୁର ପଞ୍ଚାୟତ ମଙ୍ଗରାଜପୁର ଗାଁର ଯୁବ ବ୍ୟବସାୟୀ ପବିତ୍ର କୁମାର ରାଉତ (୫୬)ଙ୍କ ୫ ମାସ ତଳେ ବ୍ରେନଷ୍ଟ୍ରୋକ ହୋଇଥିଲା। ସେ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲା ବେଳେ ଦିନ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ରାଜନଗର ବଜାର ପରିକ୍ରମା କରାଯିବା ସହ ବଣିକ ସଙ୍ଘ ପକ୍ଷରୁ ତାଙ୍କ ମୃତ୍ୟୁରେ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ କରାଯାଇଛି। ବଣିକ ସଙ୍ଘ ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଚିତ୍ର ମଲିକ, ଅନିରୁଦ୍ଧ ପରିଡ଼ା, ସତ୍ୟବାନ ସେଠୀ, ପ୍ରେମାନନ୍ଦ ଲେଙ୍କା ପ୍ରମୁଖ ବ୍ୟବସାୟୀ ଶବାଧାରରେ ସାମିଲ ହୋଇ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ତିନି ପୁଅ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ପ୍ରହ୍ଲାଦ ମୁଖାଗ୍ନି ଦେଇଛନ୍ତି।





## ■ ରାଜନଗର ପାନୀୟଜଳ ଯୋଗାଣ ପ୍ରକଳ୍ପର ଯାନ୍ତ୍ରିକ ତ୍ରୁଟି

# ଦଳିତସାହିର ୩୦ ପରିବାର 'ବସୁଧା' ପାଣିରୁ ବଞ୍ଚିତ

ପଞ୍ଚୁପାଣ୍ଡବ, ୧୧।୬(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମ ମଙ୍ଗଳା ମନ୍ଦିର ନିକଟରେ ହୋଇଥିବା ବସୁଧା ପାନୀୟଜଳ ଯୋଗାଣ ପ୍ରକଳ୍ପର ଯାନ୍ତ୍ରିକ ତ୍ରୁଟି ପାଇଁ କେତେକ ଜାଗାକୁ ପାଣି ପହଞ୍ଚୁନଥିବା ଅଭିଯୋଗ ହେଉଛି। ଏହି ଗ୍ରାମରେ ବସୁଧା ଯୋଜନାରେ ୫୦,୦୦୦ ଲିଟର କ୍ଷମତା ବିଶିଷ୍ଟ ଉଚ୍ଚ ପାଣିଟାଙ୍କି ହୋଇଥିଲେ ସୁଦ୍ଧା ଶେଷ ମୁଣ୍ଡକୁ ସଠିକ୍ ଭାବରେ ପାଣି ପହଞ୍ଚି ପାରୁନାହିଁ। ରାଜନଗର ଗ୍ରାମର ଦଳିତ ସାହିରେ ବସବାସ କରୁଥିବା ପ୍ରାୟ ୩୦ ଘର ପରିବାର ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ପାଣିର ସମସ୍ୟା ଦୂର ହେଉ ନଥିବା ବେଳେ ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ବାବଦରେ ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଆଜି-କାଲି କହି ଯାନ୍ତ୍ରିକ ତ୍ରୁଟିର ସମସ୍ୟାକୁ ସମାଧାନ କରାଯାଉ ନାହିଁ। ସବୁ ଘରକୁ ଘର ପାଣି ପହଞ୍ଚିବ ବୋଲି ସରକାର କହୁଥିବା ବେଳେ ଏଠି ପ୍ରଶାସନ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଲୋକେ ପାଣି ସମସ୍ୟା ଭୋଗିବାକୁ ପଡୁଛି। କେତେକ ଜାଗାରେ ଲାଗିଥିବା ଟ୍ୟାପ ଖୁଣ୍ଟ ଶୋଇ ପଡ଼ିଥିବା ବେଳେ କେତେକ ଜାଗାରେ ଟ୍ୟାପ୍ ଖୋଲା ଥିବାରୁ ରାସ୍ତାରେ ପାଣି ଭାସୁଥିବାର ଦେଖିବାକୁ ମିଳୁଛି। ଏବେ ଉତ୍ତପ୍ତ ଖରାର ପ୍ରକୋପ ଥିବାରୁ ଲୋକମାନେ ପାଣି ପାଇଁ ତହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା କାହାରି ଦୃଷ୍ଟି ଆଢୁଆଳରେ ପଡୁନାହିଁ। ଏହି ପ୍ରକଳ୍ପଟି ଯେବେଠୁ ହେଲାଣି ସେବେଠାରୁ ଶେଷ ମୁଣ୍ଡରେ ଥିବା କେତେକ ଗ୍ରାମକୁ ପାଣି ପହଞ୍ଚି ନଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଶୀଘ୍ର ପାଣିର ସମସ୍ୟାକୁ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଭିନ୍ନ ପୀଠରେ ଶ୍ରୀଜୀଉମାନଙ୍କ ସ୍ନାନଯାତ୍ରା

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ଜଗତସିଂହପୁର,୧୧।୬(ସମିସ)



ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଅଧୀନ ହାଜିପୁରସ୍ଥିତ ପଞ୍ଚସଖା ଯୁଗର ଧାନକୁଦ ପୀଠ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ପବିତ୍ର ସ୍ନାନଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ବୁଧବାର ପ୍ରାତଃରୁ ମଙ୍ଗଳଆଳତି ଓ ନୀତିକାନ୍ତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରୁ ପହଣ୍ଡିରେ ସ୍ନାନ ବେଦୀକୁ ନିଆଯିବା ପରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପାଠାଧିଶ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜଙ୍କ ଆଳତି ପରେ ଶ୍ରୀଜଗନ୍ନାଥ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀ ଛେରାପହଁରା କରିଥିଲେ। ଦଇତାପତି ସେବାୟତଙ୍କ ଦ୍ୱାରା ୧୦୮ କୁମ୍ଭ ଜଳରେ ଶ୍ରୀଜିଉମାନଙ୍କ ମହାସ୍ନାନ ସମ୍ପନ୍ନ ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଧାନକୁଦ ପୀଠର ବିଶ୍ୱାବସୁ ବିଭୁଦତ୍ତ ସାହୁ, ବିଦ୍ୟାପତି ବିଷ୍ଣୁ ଚରଣ ମିଶ୍ର, ପାଟରାଜା ପ୍ରଭାତ କୁମାର ନନ୍ଦୀ, ମୁଦିରସ୍ତ ବିଜୟ କୁମାର ମିଶ୍ର, ରାଜଗୁରୁ ତାର୍ଥାନନ୍ଦ ଦାଶ, ଦଇତାପତି ବିଷ୍ଣୁପ୍ରସାଦ କର, ଜମ୍ବେଶ୍ୱର ବେହେରା, କୋଠକରଣ ବାମଦେବ ସ୍ୱାଇଁ, ଅକ୍ଷୟ କୁମାର ଜେନା, ପରେଶ କୁମାର ନନ୍ଦୀ, ବନବିହାରୀ ବରାଳ, ଅଶୋକ ଜେନା, ଦେବେନ୍ଦ୍ର ଦାସ, ବାସୁଦେବ ବାହାଲିଆ, ଅଜୟ କର, ରାମଚନ୍ଦ୍ର ମିଶ୍ର, ନୀଳମାଧବ ଜେନା, ନିରାମୟ ଜେନା, ବାଡ଼ଗ୍ରାହୀ ନିରଞ୍ଜନ ସ୍ୱାଇଁ, ସୁରେଶ ଚନ୍ଦ୍ର ବେହେରା, ସନ୍ତୋଷ ମହାନ୍ତି, ବେବେନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ସେବାୟତଙ୍କ ସହଯୋଗରେ ନୀତିକାନ୍ତି ସମାପନ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିରିଡ଼ି ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

**ରଘୁନାଥପୁର:** ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ପୀଠରେ ଚକିଆର ଭୁଜ ମହାବାହୁଙ୍କ ସ୍ନାନଯାତ୍ରା ଆଧ୍ୟାତ୍ମିକ ଭାବାବେଗରେ ପାଳିତ ହୋଇଯାଇଛି। ରଘୁନାଥପୁର ଜଗନ୍ନାଥଚୋକା ବଡ଼ଦାଣ୍ଡ ସ୍ଥିତ ୨୩୬ ବର୍ଷ ପ୍ରାଚୀନ ଶ୍ରୀ



ପତିତପାବନଙ୍କ ସ୍ନାନଯାତ୍ରା ରୀତିନୀତି ଅନୁଯାୟୀ ପାଳିତ ହୋଇଛି। ବଡ଼ପଣ୍ଡା ଦେବାଶିଷ ଚାଟାର୍ଜୀ ଓ ହରିଶ୍ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ୧୦୮ ଗରା ପାଣିରେ ପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ପରେ ପତିତପାବନଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରି ସେବାନୀତି କରାଯାଇଥିଲା। ସନ୍ଧ୍ୟାରେ ଆଳତି କରାଯିବା ସହ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୭୮୯ ମସିହାରେ ବାସୁ ହଜାରୀ ନାମକ ଜଣେ ପାନ ବିକାଳି ସ୍ଥାନୀୟ ପାଇକା ନଦୀରୁ ପ୍ରଭୁଙ୍କୁ ପାଇ ସାହାଡ଼ା ଗଛମୂଳେ ରଖି ପୂଜାକରି ଆସୁଥିଲେ। ପରେ ମିତ୍ର ବଂଶଧରମାନେ ମହାପ୍ରଭୁଙ୍କ ନିତୀକାନ୍ତି ଓ ବାରମାସରେ ତେରଯାତ୍ରା କରି ଆସୁଛନ୍ତି। ବର୍ତ୍ତମାନ ଶିବେନ ମିତ୍ର ଓ ଶ୍ରୀଦେବ ସରକାର ଯଥାରୀତି ଅନୁଯାୟୀ ପ୍ରଭୁଙ୍କ ସେବା ଦାୟିତ୍ୱରେ ଅଛନ୍ତି। ଏହି ବ୍ଲକ ଅଞ୍ଚଳର ଜଗନ୍ନାଥପୁର ମଦନମୋହନ ମଠ, ତେଜୁଆ ବିଚିତ୍ର ବାବା ମଠ, ଜଇପୁର ଜଗନ୍ନାଥ ମନ୍ଦିର, ଶିଳୋ ଧାଧୁବଟ ଗୋମତୀ ଆଶ୍ରମ, ତାରପୁର, ଗୋକୁଳପୁର ଓ ଖଣ୍ଡତରି ଜଗନ୍ନାଥ ମନ୍ଦିରରେ କାଳିଆ ଠାକୁରଙ୍କ ସ୍ନାନଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ଏହି ଯାତ୍ରା ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା।

**କୁଜଙ୍ଗ:** କୁଜଙ୍ଗର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଥୁଲିଆ ସ୍ଥିତ ପ୍ରଭୁ ମନବିହାରୀଙ୍କ ସ୍ନାନଯାତ୍ରା ନୀତିକାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ରାଜାରାଜୁଡ଼ା ଅମଳରୁ ତିନିଠାକୁର ତିନୋଟି ବଡ଼ମଣ୍ଡରେ ବସେଷ୍ଟ ଥିବାବେଳେ ସ୍ନାନମଣ୍ଡପକୁ ହରିନାମ ଓ ହୁଳହୁଳିରେ ଅଣାଯାଇଥିଲା। ପରେ ବୁଧବାର ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ କୁଜଙ୍ଗ ବ୍ଲକର ପ୍ରଭୁ ମନବିହାରୀ ମହାପ୍ରଭୁଙ୍କ ପାରମ୍ପରିକ ରୀତିରେ ଦେବସ୍ନାନ ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଏହି ୧୦୮ ଗରାଜଳରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ,



ବାହାଡ଼ା, ଆମଳକୀ, ସଞ୍ଜିଷା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧ୍ର ଆଦି ମିଶ୍ରିତ କରାଯାଇ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ମହାପ୍ରଭୁଙ୍କ ପାଖରେ ଭଜନ ପରିବେଷଣ କରାଯାଇଥିଲା ତା ସହ ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ମନବିହାରୀ ଠାକୁରଙ୍କୁ ଗଜାନନ ବେଶରେ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କ ଭିଡ଼ ଜମିଥିଲା। ମନବିହାରୀଙ୍କ ପୁରୋହିତ ସୁରେନ୍ଦ୍ର ନାଥ ଶତପଥୀ, ପୂଜକ ବାମଦେବ ପଣ୍ଡା, ମାନବିହାରୀ ବିଶ୍ୱନାଥ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଡା. ଶରତ ଚନ୍ଦ୍ର ମହାପାତ୍ର, ଅନନ୍ତ ଚରଣ ଦାଶ, ବିଜୟ କୁମାର ରାୟ, ପଦ୍ମନାଭ ଶତପଥୀ, ବିଶିକେଶନ ମହାପାତ୍ର, ସରୋଜ କୁମାର ମହାନ୍ତିଙ୍କ ସହ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମହାପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ରମେଶ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ଅରୁଣ କୁମାର ବେହେରା, ସରପଞ୍ଚ ବିପିନ କୁମାର ବିଶାଳ ପ୍ରମୁଖ ମାଙ୍ଗଳିକ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି କୁଜଙ୍ଗ ପ୍ରସିଦ୍ଧ ଶ୍ରୀ ବଳଦେବଜିଉ, ରଘୁନାଥ ଜିଉ ଓ ଗୋପୀନାଥ ଜିଉଙ୍କ ସ୍ନାନ ଯାତ୍ରା, ରାହାମା ଓ କାଳିଆପାଟରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## କୃଷକ ତାଲିମ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୧୧।୬(ସମିସ): କୃଷକମାନଙ୍କ ପାଇଁ ସମନ୍ୱିତ କୃଷି ପ୍ରଣାଳୀ ଏବଂ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କଟକର ଜୈବସାର ମଡେଲର ଅନୁକୂଳନ ଉପରେ କ୍ଷେତ୍ର ଦିବସ ସହିତ କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ବ୍ଲକ ଅଧୀନ ପିପଳମାଧବ ପଞ୍ଚାୟତ ମହମ୍ମଦାବାଦ ଗ୍ରାମର ଦାପେ ଏବଂ ଓଡ଼ିଶା ସରକାରଙ୍କ ପାଣ୍ଠିରେ ଉଦ୍ଭାବନ ପ୍ରକଳ୍ପ ଜୈବ-ପୋଷକ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କଟକର ବରିଷ୍ଠ ବୈଜ୍ଞାନିକ ଡ. ଉପେନ୍ଦ୍ର କୁମାର ପ୍ରକଳ୍ପର ପ୍ରମୁଖ ଅନୁସନ୍ଧାନକାରୀ ରହିଥିବା ବେଳେ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଆନି ପୁନମ୍ କାର୍ଯ୍ୟକ୍ରମର ସଂଯୋଜକ ରହିଛନ୍ତି। ଡ. ଆନି ପୁନମ୍ ପ୍ରକଳ୍ପର ଉଦ୍ଦେଶ୍ୟ ତଥା କୃଷି ପ୍ରଣାଳୀ ଓ ଜୈବସାର ପ୍ରୟୋଗ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ବୈଜ୍ଞାନିକ ଡ. ସସ୍ମିତା ପୁରୋହିତ ଜୈବ କୃଷିରେ ଜୈବସାର ପ୍ରୟୋଗର ସାମଗ୍ରିକ ଆଭିମୁଖ୍ୟ ବ୍ୟାଖ୍ୟା କରିଥିଲେ। ତିର୍ତ୍ତୋଲ ବ୍ଲକ କୃଷି ଜିଲ୍ଲା ଅଧିକାରୀ ବିଭୁଦତ୍ତ ସାହୁ ସମନ୍ୱିତ କୃଷି ପ୍ରଣାଳୀ ଗ୍ରହଣ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ମାଟିର ଉର୍ବରତା ଉନ୍ନତ କରିବା ପାଇଁ ଜୈବସାର ପ୍ରୟୋଗ ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପର ଗବେଷଣା ସହଯୋଗୀ ଡ. ସାଇକୃଷ୍ଣ ରେପାଲିଙ୍କ ଦ୍ୱାରା ଆଜୋଲା ସହିତ କେନ୍ଦ୍ରୀୟ ଧାନ ଗବେଷଣା ଉତ୍ପାଦ ଏଣ୍ଡୋ ଏନ, ଏଣ୍ଡୋ ଏନପିକେ ଓ ଟେକ୍ ଡିକମ୍ପୋଜରର ପ୍ରୟୋଗ ପ୍ରଦର୍ଶନ କରାଯାଇଥିଲା। ଚାଷୀ ଆଶିଷ ନାୟକଙ୍କ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦ଜଣ ପୁରୁଷ ଓ ୯ ଜଣ ମହିଳା ଚାଷୀଙ୍କ ସମେତ ମୋଟ ୩୯ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ।

## ୧୬ ଲକ୍ଷ ଟଙ୍କା ବାକି ରଖିଥିବା ଅଭିଯୋଗ

● କାଳିଆ ଟ୍ରେଡର୍ସ ନାମରେ ମାମଲା

ଜଗତସିଂହପୁର,୧୧।୬(ସମିସ): ଜଗତସିଂହପୁର ସଦର ଥାନା ଅଧୀନ ଗାଲୁପଡ଼ାର ମନୋରଜ ଦାସଙ୍କ ମାଲିକାନାରେ ଚାଲୁଥିବା କାଳିଆ ଟ୍ରେଡର୍ସ ୧୬ ଲକ୍ଷ ୫୭ ହଜାର ଟଙ୍କା ହଡ଼ପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ କାଳିଆ ଟ୍ରେଡର୍ସ ଯାଜପୁର ଜିଲ୍ଲାର ପାଣିକୋଇଲି ଥାନା ଅଧୀନ ଅଳତିରିରେ ଥିବା ଆଶୀର୍ବାଦ ଫୁଡ୍ ପ୍ରୋସେସିଂ ପ୍ରାଇଭେଟ ଲିମିଟେଡରୁ ଅଟା, ମଇଦା, ସୁଜି ଏବଂ ଚୋକଡ଼ ପ୍ରଭୃତି ଆଣି ଜଗତସିଂହପୁରରେ ବ୍ୟବସାୟ କରୁଥିଲେ। ତେବେ ୨୦୨୫ ମେ' ୩୧ ତାରିଖ ପର୍ଯ୍ୟନ୍ତ ଏହିସବୁ ଖାଦ୍ୟ ସାମଗ୍ରୀ ବାବଦରେ ହୋଇଥିବା ୧୬ ଲକ୍ଷ ୫୭ ହଜାର ୭୮୩ ଟଙ୍କାର ବିଲ୍ ଦେଇନଥିବାରୁ ଉକ୍ତ ଫୁଡ୍ ତରଫରୁ କାଳିଆ ଟ୍ରେଡର୍ସ ମାଲିକଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଥିଲା। କିନ୍ତୁ ଟଙ୍କା ନମିଳିବାରୁ ଆଶୀର୍ବାଦ ଫୁଡ୍ର ପରିଚାଳକ ପ୍ରସନ୍ନ କୁମାର ସ୍ୱାଇଁ ଏନେଇ ଜଗତସିଂହପୁର ସଦର ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ବାଲିକୁଦା,୧୧।୬(ସମିସ): ବାଲିକୁଦା ବ୍ଲକର ପୁରାତନ ଶିକ୍ଷାନୁଷ୍ଠାନ ବୋରିକିନା ଉଚ୍ଚ ବିଦ୍ୟାଳୟ ୨୦୨୧ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭାସ୍କର ମହାନ୍ତି, ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବନ୍ଧୁମିଳନ ଉପଲକ୍ଷେ ସଭା ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ତର୍ଯ୍ୟାମୀ ନାୟକ, ସୁକାନ୍ତ ଦାସ, ଜ୍ଞାନରଞ୍ଜନ ସାହୁ, ସଞ୍ଜୀବ ବିଶ୍ୱାଳ, ରମାକାନ୍ତ ମୁଦୁଲି, ସର୍ବେଶ୍ୱର ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ସାହୁ ଓ ସସ୍ମିତା କାନୁନଗୋ ଯୋଗଦେଇ ଅନୁଭୂତି ଏବଂ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୂର୍ବତନ ଛାତ୍ର ନିହାର ରଞ୍ଜନ ସାମଲ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱପ୍ରକାଶ, ପାର୍ଥସାରଥୀ, ମାନସ, ସୂର୍ଯ୍ୟକାନ୍ତ, ଶୁଭଶ୍ରୀ, ଦୀପାଞ୍ଜଳି, ସ୍ୱପ୍ନା, ରୂପାଲି, ଅନୁସୂୟା, ସ୍ୱପ୍ନଜିତ, ସୌମ୍ୟ, ପାପୁନ, ରାକେଶ, ସନ୍ତୋଷ, ରାଣୀ, ଚିନ୍ମୟୀ, ପୂଜା, ଶର୍ମିଷ୍ଠା, ସଂଘମିତ୍ରା, ଗାୟତ୍ରୀ, ମୋନାଲିସା, ସନ୍ଦୀପ ଯୋଗଦେଇଥିଲେ। ଲିଜାରାଣୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ଗଡ଼ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପାରାଦୀପ,୧୧।୬(ସମିସ): ପାରାଦୀପ ଗଡ଼ ପଞ୍ଚାୟତ ପକ୍ଷରୁ ଆୟୋଜିତ ୪ର୍ଥ ବାର୍ଷିକ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବହୁ ଜନଗହଳି ରହିଥିଲା। ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମୀରଞ୍ଜନ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ରଜପର୍ବ ବିଷୟରେ ବକ୍ତବ୍ୟ ରଖିଥିଲେ। ଅକ୍ଷୟ ମହାନ୍ତିଙ୍କ ରଚିତ ନାଚଗୀତରେ ମଞ୍ଚ କମ୍ପି ଉଠିଥିଲା। ତ୍ରିରଙ୍ଗା ଡ୍ୟାନ୍ସ ଗ୍ରୁପ୍ ଓ ପରମ ଜ୍ୟୋତି କଳାକ୍ଷେତ୍ର, ପାରାଦୀପର କଳାକାରଙ୍କ ନାଚରେ ଦର୍ଶକମାନେ ଝୁମିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସରପଞ୍ଚ ସସ୍ମିତା ବେହେରା ପୁରସ୍କୃତ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଦେବଦୁର୍ଲ୍ଲଭ କର, ଜୟନ୍ତ ସେନାପତି, ମନୋଜ ରାଉତ, ସଂଗ୍ରାମ ବେହେରା, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଅଲେଖ ମହରଥା, ରମେଶ ବେହେରା, ଚନ୍ଦ୍ରକାନ୍ତ ସ୍ୱାଇଁ, ଅନନ୍ତ ବିଶ୍ୱାଳ, ବିଚିତ୍ର ପ୍ରଧାନ, ଶାରଦା ପ୍ରସନ୍ନ ସ୍ୱାଇଁ, ଧର୍ମପଦ ସାହୁ, ପ୍ରକାଶ ଦଳାଇ, ରାକେଶ ମଙ୍ଗରାଜ, ପ୍ରଭାତ ସାହୁ, ବିଷ୍ଣୁ ଚରଣ ସାହୁ, କଳ୍ପନା ମହାପାତ୍ର, ଦୀପକ ପଣ୍ଡା, ସୁବାସ ସେନାପତି, ଉଲ୍ଲାସ ମହାରଥା, ଶୁଭସ୍ମିତା ମଙ୍ଗରାଜ, ରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତୀୟ ତଟରକ୍ଷକ ବାହିନୀ ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ,୧୧।୬(ସମିସ): ବିଶ୍ୱ ରକ୍ତଦାନ ଦିବସ ଅବସରରେ ଭାରତୀୟ ତଟରକ୍ଷକ ବାହିନୀ ଓ ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) ପକ୍ଷରୁ ମେଗା ରକ୍ତଦାନ ଶିବିରର ଆୟୋଜନ ହୋଇଯାଇଛି। ୯୦ ଜଣ ତଟରକ୍ଷକ ବାହିନୀର ସଦସ୍ୟ ଓ ତାଙ୍କର ପରିବାର ସଦସ୍ୟ ଅଂଶଗ୍ରହଣ କରି ୯୦ ୟୁନିଟ ରକ୍ତଦାନ କରିଥିଲେ। ଚଳିତ ବର୍ଷର ବିଶ୍ୱ ରକ୍ତଦାନ ଦିବସର ଥିମ୍ ହେଉଛି "ଗିଭ ବ୍ଲଡ, ଗିଭ ହୋପ : ଟୁଗେଦର ୱି ସେଭ୍ ଲାଇଭସ' ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ (ଓଡ଼ିଶା) କମାଣ୍ଡର ପ୍ରଥମ ରକ୍ତଦାନକାରୀ ଭାବରେ ଅଂଶଗ୍ରହଣ କରି, ଏହି ମହତ୍ କାର୍ଯ୍ୟରେ ସମ୍ମିଳିତ ସମସ୍ତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିବିର ବ୍ୟବସ୍ଥାପନାରେ ସାହାଯ୍ୟ କରିଥିବା ଜଗତସିଂହପୁର




ଜିଲ୍ଲା ଚିକିତ୍ସାଳୟର ଚିକିତ୍ସକ ଓ କର୍ମଚାରୀଙ୍କ ପ୍ରତି ମଧ୍ୟ ସେ କୃତଜ୍ଞତା ପ୍ରକାଶ କରିଥିଲେ। ଶିବିରରେ ସମସ୍ତ ସ୍ୱେଚ୍ଛାସେବକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସାଧାରଣ ଚିକିତ୍ସା ଯାଞ୍ଚ ଦ୍ୱାରା ତାଙ୍କ ରକ୍ତଦାନ ଯୋଗ୍ୟତା ନିଶ୍ଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତଟରକ୍ଷକ ବାହିନୀର କର୍ମଚାରୀ ଓ ପରିବାର ସଦସ୍ୟମାନେ ଉତ୍ସାହ ଓ ଦୃଢ଼ ସମର୍ପଣର ସହିତ ଅଂଶଗ୍ରହଣ କରି ଜୀବନ ରକ୍ଷା ପ୍ରତି ସାମୂହିକ ଅଙ୍ଗୀକାରକୁ ପ୍ରମାଣିତ କରିଛନ୍ତି।

## ବରିଷ୍ଠ ସାମ୍ବାଦିକ ସୁଶୀଲ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ସଭା

ଏରସମା,୧୧।୬(ସମିସ): ଏରସମା, ତିର୍ତ୍ତୋଲ ତଥା ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ସାମ୍ବାଦିକ ଥିଲେ ସ୍ୱର୍ଗତ ସୁଶୀଲ କୁମାର ମହାନ୍ତି। ତାଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ସଭା ମଙ୍ଗଳବାର ପୂର୍ବାହ୍ନରେ ଏରସମା ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏରସମା ସାମ୍ବାଦିକ ସଂଘ ସଭାପତି ଚନ୍ଦ୍ରଜିତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଡିଓ ଦାସରଥୀ ଜେନା, ବିଜେପି ଓବିସି ମୋର୍ଚ୍ଚା ସଭାପତି ନୃସିଂହ ସାହୁ, ସିପିଆଇ ନେତା ଶଶୀଭୂଷଣ ସ୍ୱାଇଁ, ଆଡଭୋକେଟ/ଡ. ବିରାନାରାୟଣ ପାତ୍ର, ପୂର୍ବତନ ଉଚ୍ଚଶିକ୍ଷା ବିଭାଗ ଆଡଭାଇଜର ଶିଶିର ପରିଜା, ଆଡଭୋକେଟ ମଞ୍ଜୁଲତା ରାଉତ, ଜ୍ଞାନରଞ୍ଜନ ବାରିକ, ବିଜେପି ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଇଂ.ପ୍ରେମଚାରଣ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଗୁଣଗାନ କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲା। ସ୍ୱର୍ଗତ



ମହାନ୍ତିଙ୍କ ପୁତ୍ର ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡ଼ଭୋକେଟ ବିରାନାରାୟଣ ପାତ୍ର କହିଲେ ଜଣେ ସାମ୍ବାଦିକ ଅନେକ ବାଧାବିଘ୍ନ ଦେଇ ଖବର ସଂଗ୍ରହ କରେ ଓ ପ୍ରସାରଣ କରେ। ବିଡିଓ ଦାସରଥୀ ଜେନା ମଧ୍ୟ ସାମ୍ବାଦିକଙ୍କ ନିରପେକ୍ଷ ସମ୍ବାଦ ପରିବେଷଣ ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ମତ ଦେଇଥିଲେ। ଶେଷରେ ମୁଖ୍ୟଅତିଥି ଶ୍ରୀ ଜେନାଙ୍କ ଦ୍ୱାରା ସୁଶୀଲ ମହାନ୍ତି ସ୍ମାରକ ଫଳକ ଏରସମାର ସାମ୍ବାଦିକ, ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ, ବଡ଼ଦେଉଳ ପଞ୍ଚାୟତ ମହାସଂଘକୁ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ମହାପାତ୍ର, କାର୍ତ୍ତିକଚନ୍ଦ୍ର ବେହେରା, ଦୀପ୍ତି ଖଣ୍ଡୁଆଳ, ଜନ ରାଉତ, ତନ୍ମୟ କୁମାର ସେଠୀ, ଅରୁଣ କୁମାର ବେହେରା, ସତ୍ୟ ସାମଲ, ଅମୂଲ୍ୟ ବିଶ୍ୱାଳ, ଆଇନଜୀବୀ ମଞ୍ଜୁଲତା ରାଉତ, ପଏଦା ପଞ୍ଚାୟତ ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ଯଜାତି ସାମନ୍ତରାୟ, ସାହିତ୍ୟଘରର ସଭାପତି ମହେଶ୍ୱର ସ୍ୱାଇଁ, ସମ୍ପାଦକ ହୃଷିକେଶ ଜେନା, ପଣ୍ଡିତ ନାଗୁଚରଣ ଦେବତା, ଅରୁଣ କୁମାର ବେହେରା, କୈଳାସ ପ୍ରଧାନ, ଅଂଶୁମାନ ମିଶ୍ର, ରାକେଶ ସୁତାର ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଗିରଫ; ବନ୍ଧୁକ ସହ କାର୍ ଜବତ

● ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିଲେ

କୁଜଙ୍ଗ,୧୧।୬(ସମିସ): କୁଜଙ୍ଗ ଥାନା ଅଧୀନ ପଙ୍କପାଳ ବଜାରରେ ୨ଯୁବକ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଓ ବ୍ୟବସାୟୀଙ୍କୁ ଭୟଭୀତ କରିବା ଅଭିଯୋଗରେ ଗିରଫ ହୋଇଥିବା ଜଣାପଡ଼ିଛି। ଗତ କିଛିଦିନ ହେବ ମନୋଜ ଦାସ ଓରଫ ମିଟୁ ଓ ଅନ୍ୟ ଜଣେ ତପନ ପରିଡ଼ା ଏହି ଅପରାଧିକ କାଣ୍ଡ ପାଇଁ କୁଜଙ୍ଗ ପୁଲିସ ଗିରଫ କରିବା ସହ ଅଦାଲତ ଚାଲାଣ କରିଛି। ସେମାନଙ୍କ ନିକଟରୁ ଓଡି ୩୩ ଏକେ ୭୮୧୦ ନମ୍ବର ଯୁକ୍ତ କାର୍, ୨ଟି ମୋବାଇଲ, ୩ ଖୋକା ଏବଂ ୧୪ଟା ଜୀବନ୍ତ ଗୁଳି ଜବତ କରିଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ ସୂଚନା ଦେଇଛନ୍ତି। କୌଣସି ସୂତ୍ରରୁ କୁଜଙ୍ଗ ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୩ଟା ଫୁଟନ୍ତା ଖୋକା ଜବତ କରିବାସହ ସଙ୍ଗେ ସଙ୍ଗେ ମନୋଜର ସହଯୋଗୀକୁ ଗିରଫ କରିଥିଲା। ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ମନୋଜକୁ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଧୀନ ପ୍ରହରାଜପୁରରୁ ଗିରଫ କରିବାକୁ ସକ୍ଷମ ହୋଇଥିବା ବେଳେ ତାପାଖରୁ ଦେଶୀ ପିସ୍ତଲ ସମେତ ୧୪ଟା ଜୀବନ୍ତ ଗୁଳି, କାର ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିବା ଜଣାପଡ଼ିଛି। ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ ଓ ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି। ମନୋଜ ନାମରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ, ପାରାଦୀପ ଲକ୍, ଅଭୟଚାନ୍ଦପୁର ଓ ପାରାଦୀପ ଆଦି ଥାନାରେ ପୂର୍ବରୁ ୧୨ଟି ମାମଲା ରହିଛି। ମାରଣାସ୍ତ୍ର ବ୍ୟବହାର ଦଫାରେ ମୋକଦ୍ଦମା ରୁଜୁକରି ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

## ନାବାଳିକାକୁ ନିର୍ଯାତନା ଅଭିଯୋଗ; ଯୁବକ ଗିରଫ

ତିର୍ତ୍ତୋଲ,୧୧।୬(ସମିସ): ଜନୈକା ନାବାଳିକାକୁ ଯୌନ ନିର୍ଯାତନା ଦେଇ ଆସୁଥିବା ଘଟଣାରେ ତିର୍ତ୍ତୋଲ ପୁଲିସ ରାହାମା ଅଞ୍ଚଳର ଯୁବକ ଦେବାଶିଷ ରାଉତ(ଦୀପକ)କୁ ବୁଧବାର ଗିରଫ କରିଛି। ନାବାଳିକା ପରିବାର ତରଫରୁ ଘଟଣା ବିଷୟରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଦେବାଶିଷକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି।

## ଜିଲ୍ଲା ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

ବାଲିକୁଦା,୧୧।୬(ସମିସ): ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଇଣ୍ଡିଆ ପୋଷ୍ଟ ବ୍ୟାଙ୍କ ଜଗତସିଂହପୁର ମ୍ୟାନେଜର ବିକାଶ ମୁଦୁଲି, ଅତିରିକ୍ତ ସୁପରିଟେଣ୍ଡ ପୋଷ୍ଟ ଅଫିସ କଟକ ଦକ୍ଷିଣ ବିଭାଗର ପରମାନନ୍ଦ ସାହୁ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମୌସୁମୀ ମଧୁସ୍ମିତା ଓ ଶାରଦା ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇ ନିଜ ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳର ମହିଳା ସ୍ୱଳ୍ପ ସଞ୍ଚୟ ପ୍ରତି ଆକୃଷ୍ଟ ହେବା ସହ ଅଳ୍ପଅଳ୍ପ ସଞ୍ଚୟ କଲେ ତାହା ତାଙ୍କ ଭବିଷ୍ୟତ ଜୀବନରେ ଏକ ବୃହତ କାର୍ଯ୍ୟରେ ଲାଗି ପାରିବା ସହ ସେମାନେ ଏହାର ଲାଭ ଉଠାଇ ପାରିବେ ବୋଲି କହିଥିଲେ। ସେହିପରି ଅନଲାଇନ ଠକେଇରୁ ଦୁରେଇ ରହିବା ସହ କୌଣସି ଅଜଣା ଫୋନ ଆସିଲେ ନିଜର ସବିଶେଷ ତଥ୍ୟ ପ୍ରଦାନ କେବେ କରିବେ ନାହିଁ ବୋଲି ବୁଝାଇଥିଲେ। ଏପରିକି ବ୍ୟାଙ୍କ ସମ୍ପର୍କରେ କହିଲେ ନିକଟସ୍ଥ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ବୁଝିବାକୁ କହିଥିଲେ। ଏପରିକି କୌଣସି ପାସୱାର୍ଡ କିମ୍ବା ଓଟିପି ମାଗିଲେ କେବେବି ପ୍ରଦାନ କରିବେ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହିବା ସହ ଏହି ସମ୍ପର୍କରେ ତାଙ୍କ ଅଧୀନରେ ଥିବା କେନ୍ଦ୍ରର ମହିଳା ମାନଙ୍କୁ ବୁଝାଇବା ପାଇଁ ତାଲିମ ନେଇଥିଲେ।


ପ୍ରଶାସନର ଅବହେଳା


# 'ଆବାସ'ରୁ ବଞ୍ଚିତ ସ୍ୱର୍ଣ୍ଣଲତା, ବାସନ୍ତୀ, ସୁଷମା

ବାଲିକୁଦା,୧୧।୬(ସମିସ)

ବାଲିକୁଦା ପଞ୍ଚାୟତର ବହୁ ଅସହାୟ ବ୍ୟକ୍ତି ବ୍ଲକ୍ ପ୍ରଶାସନର ଅବହେଳା କାରଣରୁ ଆବାସ ଯୋଜନାରେ ସାମିଲ ହୋଇ ନପାରି ଦୟନୀୟ ଅବସ୍ଥାରେ ଭଙ୍ଗା ଚାଳଛପର ଘରେ ଦିନ କାଟୁଛନ୍ତି। ଏନେଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅସହାୟ ବ୍ୟକ୍ତିଙ୍କ ସମସ୍ୟା ସମ୍ପର୍କରେ ସେ ବାରମ୍ବାର ବ୍ଲକ୍ ପ୍ରଶାସନ ନିକଟରେ ଦାବି କରିବା ସହ ସଠିକ ତଦନ୍ତ କରି ସେମାନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବାକୁ କହିଛନ୍ତି। ନିକଟରେ ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ଯୋଜନାରେ ଏସବୁ ପରିବାରଙ୍କ ସର୍ଭେ କରାଯାଇଥିଲା। ଗୃହ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଶେଷ ସମୟରେ ପ୍ରଦାନ କରାଯାଇଥିବା ତାଲିକାରୁ ଏମାନଙ୍କ ନାମ ବାଦ ପଡ଼ିବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ସରପଞ୍ଚ। ଏହାର ବିଚାର କରିବାକୁ ସେ ବିଡିଓଙ୍କ ସମେତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସ୍ୱର୍ଣ୍ଣଲତା ରାଉତ, ବାସନ୍ତୀ ରାଉତ ଓ ସୁଷମା ସାହୁଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି। ସୂଚନା ମୁତାବକ, ବାଲିକୁଦା ବ୍ଲକ୍ ବାଲିକୁଦା ପଞ୍ଚାୟତର ୧୭ଟି ୱାର୍ଡ ମଧ୍ୟରୁ କେବଳ ବାଲିସାହି ଗ୍ରାମରେ ୧୨ଟି ୱାର୍ଡ ରହିଛି। ପଞ୍ଚାୟତରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଓ ଦିବ୍ୟାଙ୍ଗ ହୋଇଥିବା କିଛି ପରିବାର ସରକାରୀ ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ଆସିଛି। ବିଧବା ସ୍ୱର୍ଣ୍ଣଲତା ରାଉତଙ୍କ ସ୍ୱାମୀ ୬ ମାସରୁ ଊର୍ଦ୍ଧ୍ୱ ହେବ ମୃତ୍ୟୁ ଘଟିଥିଲେ ସୁଦ୍ଧା ବ୍ଲକ୍ ପ୍ରଶାସନର ଅବହେଳା କାରଣରୁ ସେ ଏପର୍ଯ୍ୟନ୍ତ ବିଧବା ଭତ୍ତା ଓ ଆବାସ ପାଇପାରିନାହାନ୍ତି। ଭଙ୍ଗା ଚାଳଛପର ଘରେ ୫ କେଜି ଚାଉଳରେ ନିଜ ଜୀବନ ଅତିବାହିତ କରୁଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ପକ୍କାଘର ଖଣ୍ଡିଏ ପାଇଁ ଆବେଦନ କରିଥିଲେ ସୁଦ୍ଧା ସ୍ୱାମୀଙ୍କ ଶେଷ ଆଶା ପୂରଣ ହେବା ପୂର୍ବରୁ ସେ ଶେଷ ନିଶ୍ୱାସ







ତ୍ୟାଗ କରିଥିଲେ। ସେହିପରି ବିଧବା ବାସନ୍ତୀ ରାଉତଙ୍କୁ ଘର ଖଣ୍ଡିଏ ମିଳିପାରିନାହିଁ। ଭଙ୍ଗା ଚାଳଛପର ଘରେ ବିଧବା ଭତ୍ତା ହଜାରେ ଟଙ୍କାରେ ଜୀବନ ବିତାଉଛନ୍ତି। ଶେଷ ଜୀବନ କାଟିବା ପାଇଁ ଘର ଖଣ୍ଡିଏ ପାଇଁ ନିବେଦନ କରି ସେ ଅସହାୟ ହୋଇପଡ଼ିଛନ୍ତି। ବାଲିସାହି ଗ୍ରାମର ନିରଞ୍ଜନ ମହାନ୍ତି ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରନ୍ତି। ଅସହାୟ ପରିବାର ବାରମ୍ବାର ବ୍ଲକ ପ୍ରଶାସନ ନିକଟକୁ ଘର ଖଣ୍ଡିଏ ପାଇଁ ଦୌଡ଼ି ଦୌଡ଼ି ନିରାଶ ହୋଇ ଭଙ୍ଗା ଚାଳଛପର ଘରେ ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଅନ୍ୟପକ୍ଷରେ ବାଲିସାହି ଗ୍ରାମର ଅହମ୍ମଦ ଖାଁ ଜନ୍ମରୁ ଦିବ୍ୟାଙ୍ଗ। ପରିବାର ପ୍ରତିପୋଷଣ କରିବା ପାଇଁ ଦିବ୍ୟାଙ୍ଗ ଭତ୍ତା ହିଁ ସାହା ଭରସା। ପକ୍କାଘର ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ବ୍ଲକ ପ୍ରଶାସନର ସର୍ଭେ ପରେ ପ୍ରତିଶ୍ରୁତି ପାଇ ସୁଦ୍ଧା ବିଫଳ ହୋଇଥିବା କାରଣରୁ ନିରାଶ ହୋଇଛନ୍ତି ଅହମ୍ମଦ। ଅନ୍ତ୍ୟୋଦୟ ଯୋଜନାରେ ପୂର୍ବରୁ ପିତା ପାଇଥିଲେ ଓ ଅସହାୟତା ଦୃଷ୍ଟିରୁ ପୁତ୍ରଙ୍କୁ ଘର ମିଳିବା ନେଇ ସରକାରୀ ଗାଇଡ୍‌ଲାଇନ ଆସିଥିଲା। ଫଳରେ ବାଲିସାହି ଗ୍ରାମର ଦଳିତ ପରିବାରର ବଟକୃଷ୍ଣ ଗୋଚ୍ଛାୟତ ଓ ରବୀନ୍ଦ୍ର ଗୋଚ୍ଛାୟତ ଆଶାବାଦୀ ହେବା ସହ କୋଠା ଘରେ ରହିବା ସ୍ୱପ୍ନ ଦେଖି ଆବେଦନ କରିଥିଲେ। ଆବେଦନ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଘର ମିଳିବା ଆଶା ଦିଆଯାଇଥିଲା। ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ବାଲିସାହି ଗ୍ରାମର ୭୫ ବର୍ଷୀୟ ବୃଦ୍ଧ ହରେକୃଷ୍ଣ ସାହୁ ବର୍ଷ ବର୍ଷ ଧରି ଘର ପାଇଁ ଆବେଦନ କରିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ବାରମ୍ବାର ତଦନ୍ତ କରି ନିରାଶ କରିଥିବା ଅଭିଯୋଗ କରିଛନ୍ତି ହରେକୃଷ୍ଣ। ଭାରିଓଦା ଗ୍ରାମର ସୁଷମା ସାହୁଙ୍କ ଘର ପାଇବାକୁ ସମସ୍ତ ଯୋଗ୍ୟତା ଥାଇ ସୁଦ୍ଧା ବ୍ଲକ ପ୍ରଶାସନର ଅବହେଳା ପାଇଁ ଘର ପାଇବାରୁ ବଞ୍ଚିତ ଅଛନ୍ତି। ସ୍ୱାମୀ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ଓଳିଏ ଖାଇ ଉପବାସ ରହୁଥିବା ଦୁଃଖରେ ପ୍ରକାଶ କରିଛନ୍ତି ଏହି ପରିବାର। ବ୍ଲକ୍ ପ୍ରଶାସନର ପ୍ରତିଶ୍ରୁତି ପ୍ରତାରଣା ପାଲଟିଥିବା ଅଭିଯୋଗ କରିବା ସହ ପୁନଃତଦନ୍ତ କରି ଗୃହ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ଏହି ପରିବାର।



# ସୁପରହିରୋ ଭୂମିକାରେ ଅମିର୍

ଦୀର୍ଘଦିନର ବ୍ରେକ୍ ପରେ ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ ପର' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏହି ଫିଲ୍ମକୁ ହିଟ୍ କରାଇବା ପାଇଁ ଅମିର୍ ଜୋରସୋରରେ ପ୍ରଚାର ମଧ୍ୟ କରୁଛନ୍ତି। ଜୁନ୍ ୨୦ରେ ଏହା ରିଲିଜ୍ ହେବ। ଅମିର୍‌ଙ୍କ ଗୋଟିଏ ଫିଲ୍ମ ଏବେ ରିଲିଜ୍ ହେବାକୁ ବସିଥିବାବେଳେ ଇତିମଧ୍ୟରେ ତାଙ୍କର ଆଉ ଏକ ଫିଲ୍ମ ମଧ୍ୟ ଘୋଷଣା ହୋଇ ସାରିଛି। ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରାଯାଉଛି। ଏଥିରେ ଅମିର୍ ଦାଦା ସାହେବ ଫାଲ୍‌କେଙ୍କ ଭୂମିକାରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜ୍ କୁମାର ହିରାନୀ ଅଛନ୍ତି। ଅମିର୍ ସାଉଥ୍‌ର ଲୋକପ୍ରିୟ ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କ ସହ ମଧ୍ୟ ଏକ ସୁପର୍‌ହିରୋଙ୍କ ଫିଲ୍ମରେ କାମ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ଅମିର୍ କହିଛନ୍ତି ଯେ, 'ଲୋକେଶ ଓ ମୁଁ ଗୋଟିଏ ଫିଲ୍ମରେ କାମ କରୁଛୁ। ଏହା ସୁପର୍‌ହିରୋ ଉପରେ ଆଧାରିତ ହେବ। ୨୦୨୬ ମଝି ଆଡ଼କୁ ଏହା ମୁକ୍ତିଲାଭ କରିବ।' ଏହାବାଦ୍ ସେ 'ମହାଭାରତ' ଉପରେ ଏକ ଫିଲ୍ମ ନିର୍ମାଣ କରିବେ ବୋଲି କହିଥିଲେ।

# କ୍ୟାଣ୍ଟିନ୍ ମ୍ୟାନେଜର ହେବା ପାଇଁ ପିଏଚ୍‌ଡି ଡିଗ୍ରୀ



ଚୀନ୍‌ର ଏକ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍ ମ୍ୟାନେଜର ପଦବୀ ଲାଗି ପିଏଚ୍‌ଡି ଡିଗ୍ରୀ ଅନିବାର୍ଯ୍ୟ କରି ଏବେ ସମାଲୋଚନାର ଶିକାର ହୋଇଛି। ନାନ୍‌ଜିଙ୍ଗ ସହର ସ୍ଥିତ ସାଉଥ୍‌ଇଷ୍ଟ ବିଶ୍ୱବିଦ୍ୟାଳୟରେ କ୍ୟାଣ୍ଟିନ ମ୍ୟାନେଜର ପଦବୀ ଖାଲି ଅଛି। ଏହି ପଦବୀ ଲାଗି ବିଜ୍ଞାପନ ପ୍ରକାଶ ପାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଦବୀ ଲାଗି ପ୍ରାର୍ଥୀଙ୍କୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଦରକାର। କେବଳ ସେତିକି ନୁହେଁ, ଆବେଦନକାରୀଙ୍କର ଇଂରାଜୀରେ ଭଲ ଦକ୍ଷତା ଥିବା ସହ ଅଫିସ୍ ସଫ୍ଟୱେର ଜାଣିଥିବା ଆବଶ୍ୟକ। ଏହାସହ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇଥିଲେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ମେ ୨୨ରେ ଏହାର ୱେବ୍‌ସାଇଟ୍‌ରେ ଏହି ବିଜ୍ଞାପନ ଜାରି କରାଯାଇଥିଲା। ସେହିପରି ଏହି ପଦବୀ ଲାଗି ଖାଦ୍ୟ ପ୍ରସ୍ତୁତି ନେଇ ତଦାରଖ, କ୍ୟାଣ୍ଟିନ ଠିକାଦାରମାନଙ୍କ କାର୍ଯ୍ୟକୁ ତଦାରଖ କରିବା, ସୁରକ୍ଷିତ ଖାଦ୍ୟ ସୁନିଶ୍ଚିତ କରିବା ତଥା ପ୍ରଶାସନିକ କାର୍ଯ୍ୟର ତଦାରଖ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଏହାବାଦ୍ ଖାଦ୍ୟ ସମ୍ବନ୍ଧିତ କ୍ଷେତ୍ରରେ ଅଭିଜ୍ଞତା କିମ୍ବା ରୋଷେଇ ପ୍ରମାଣପତ୍ର ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଛି। ସେହିପରି ଏହି ପଦ ଲାଗି ବର୍ଷକୁ ଦରମା ୨୦ ଲକ୍ଷ ଅଛି। ହେଲେ ଏ ପଦବୀ ଲାଗି ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ଦେଖି ବିବାଦ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବାରୁ କିଛି ଲୋକ ବିଶ୍ୱବିଦ୍ୟାଳୟର ଏଭଳି ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

# ୬୧୦ କେଜିରୁ ୬୩ କେଜି



ଆଜିକାଲି ମେଦବୃଦ୍ଧି ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ଅନିୟନ୍ତ୍ରିତ ଜୀବନଚର୍ଯ୍ୟା ଓ ଅସନ୍ତୁଳିତ ଖାଦ୍ୟ ଗ୍ରହଣ ଯୋଗୁଁ ଅଧିକାଂଶ ଲୋକେ ମେଦବୃଦ୍ଧିରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି। ଥରେ ଓଜନ ବୃଦ୍ଧି ହେଲେ ଏହାକୁ ହ୍ରାସ କରିବା ମଧ୍ୟ ଏକ କଷ୍ଟକର ବ୍ୟାପାର। କିଛି ଲୋକ ଶୀଘ୍ର ଓଜନ ହ୍ରାସ ପାଇଁ ଔଷଧ ଏବଂ ଇଞ୍ଜେକ୍ସନର ସାହାରା ନେଇ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବାର ମଧ୍ୟ ନଜିର ରହିଛି। ସେହିଭଳି କିଛି ଲୋକ ସର୍ଜରୀ ମାଧ୍ୟମରେ ୧୦୦, ୧୫୦ କିଲୋ ହ୍ରାସ କରି ମଧ୍ୟ ଚର୍ଚ୍ଚାକୁ ଆସିଛନ୍ତି। ହେଲେ ୫୪୭ କିଲୋ ଓଜନ କମ୍ କରିବାର ଯାତ୍ରା ଆଦୌ ସହଜ ନୁହେଁ। ଅବଶ୍ୟ ଏ ଲାଗି କେବଳ ଜୀବନଶୈଳୀରେ ପରିବର୍ତ୍ତନ ନୁହେଁ, ବରଂ ଆହୁରି ଅନେକ କିଛି କରିବାକୁ ପଡ଼ିଥିବ, ଯାହା ଅନେକେ ଜାଣି ନ ଥିବେ। ଏକଦା ବିଶ୍ୱର ସବୁଠୁ ଓଜନିଆ ବା ମୋଟା ବ୍ୟକ୍ତି ଭାବେ ପରିଚିତ ଥିଲେ ସାଉଦି ଆରବର ଖାଲିଦ୍ ବିନ୍ ମୋହସେନ। ୨୦୧୩ ମସିହାରେ ତାଙ୍କ ଓଜନ ଥିଲା ୬୧୦ କେଜି। ସେତେବେଳେ ସେ କୌଣସି କାର୍ଯ୍ୟ କରିପାରୁ ନ ଥିଲେ। ଏପରିକି ଛୋଟ ଛୋଟ କାର୍ଯ୍ୟ ପାଇଁ ତାଙ୍କୁ ପରିବାର ଲୋକଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ସେତେବେଳେ ସାଉଦି ଆରବର ପୂର୍ବତନ ରାଜା ଅବଦୁଲ୍ଲା, ଖାଲିଦ୍ ଅତ୍ୟଧିକ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇ ବିଛଣାରେ ଜୀବନ କାଟୁଥିବା କଥା ଜାଣିବାକୁ ପାଇଥିଲେ। ରାଜା ଖାଲିଦ୍‌ଙ୍କୁ ସ୍ୱାଭାବିକ ଜୀବନ ଦେବାକୁ ନିଷ୍ପତ୍ତି ନେଲେ। ଖାଲିଦ୍‌ଙ୍କ ପାଇଁ ଡାକ୍ତରଙ୍କ ସମେତ ୩୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ କରାଗଲା। ଏହି ଟିମ୍‌ରେ ସର୍ଜନ, ପୋଷଣ ବିଶେଷଜ୍ଞ ଏବଂ ଫିଟନେସ୍ ଟ୍ରେନର ସାମିଲ ଥିଲେ। ଖାଲିଦ୍ ଏତେ ବେଶି ମୋଟା ଥିଲେ ଯେ, ଚଲାବୁଲା କରିପାରୁ ନ ଥିଲେ। କେବଳ ଖଟରେ ହିଁ ଶୋଇ ରହୁଥିଲେ। ଏପରିକି ତାଙ୍କୁ ନେବା ଲାଗି ୫ ଜଣ ଲୋକ ଦରକାର ପଡ଼ନ୍ତି। ବହୁ କଷ୍ଟରେ ଖାଲିଦ୍‌ଙ୍କୁ ତାଙ୍କ ଘର ରିଆଦରୁ କିଙ୍ଗ୍ ଫହଦ ମେଡିକାଲ ସିଟି ନିଆଯାଇଥିଲା। ସେଠାରେ ତାଙ୍କ ପାଇଁ ଓଜନ ହ୍ରାସ ପାଇଁ ଡାକ୍ତରୀ ଟିମ୍ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କଲେ। ବିଶେଷକରି ଗ୍ୟାଷ୍ଟ୍ରିକ୍ ବାଇପାସ୍ ସର୍ଜରି ସମେତ ତାଙ୍କର ସ୍ୱତନ୍ତ୍ର ଡାଏଟ୍ ଚାର୍ଟ୍ ପ୍ରସ୍ତୁତ କରାଗଲା। ପ୍ରତ୍ୟେକ ଦିନ ସେ ବ୍ୟାୟାମ କଲେ। ୨୦୧୬ ମସିହାରେ ସେ ଆଶାବାଡ଼ି ଧରି ଚାଲିବା ଆରମ୍ଭ କଲେ। ୨୦୧୮ ମସିହାରେ ତାଙ୍କର ଅନେକ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ୨୦୨୩ ମସିହା ଶେଷ ଆଡ଼କୁ ତାଙ୍କ ଓଜନ ୬୩.୫ କେଜିରେ ପହଞ୍ଚିଗଲା। ଏକଦା ବିନେ ସାଙ୍ଗ ଓ ପରିବାର ଉପରେ ନିର୍ଭରଶୀଳ ଥିବା ଖାଲିଦ୍ ଏବେ ଆତ୍ମନିର୍ଭର ହୋଇପାରିଛନ୍ତି। ତା'ସହ ତାଙ୍କୁ 'ଦ ସ୍ମାଇଲିଂ ମ୍ୟାନ୍'ର ପରିଚୟ ମିଳିଛି। ଏହି ଟ୍ୟାଗ୍ ତାଙ୍କୁ ଚିକିତ୍ସା କରିଥିବା ମେଡିକାଲ କର୍ମଚାରୀମାନେ ଦେଇଥିଲେ, ଯେଉଁମାନେ ତାଙ୍କ ଓଜନ ୬୧୦ କେଜିରୁ ୬୩ କେଜି ହେବା ଯାତ୍ରା ଦେଖିଥିଲେ।

# ଏହି ଦ୍ୱୀପରେ ମହିଳାଙ୍କ ପ୍ରବେଶ ନିଷେଧ




ବିଶ୍ୱରେ ଏପରି ଅନେକ ସ୍ଥାନ ରହିଛି, ଯାହା ବିଭିନ୍ନ କାରଣ ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏହି କ୍ରମରେ ଜାପାନରେ ଥିବା ଓକିନୋସୀମା ଦ୍ୱୀପକୁ ମହିଳାଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଏଠାରେ ପୁରୁଷଙ୍କ ପ୍ରବେଶ ପାଇଁ ମଧ୍ୟ କଡ଼ା ନିୟମ ଲାଗୁ କରାଯାଇଛି। ଏହି ଦ୍ୱୀପକୁ ୟୁନେସ୍କୋଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳ ଭାବରେ ଘୋଷଣା କରାଯାଇଛି। ଏହା ୭୦୦ ବର୍ଗ ଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ସେହିପରି ଏହି ଦ୍ୱୀପକୁ ଧାର୍ମିକ ଦୃଷ୍ଟିକୋଣରୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଏ। ପ୍ରାଚୀନ ସମୟରୁ ଥିବା ଧାର୍ମିକ କଟକଣାକୁ ଲୋକେ ଏବେ ବି ପାଳନ କରିଆସୁଛନ୍ତି। ଏଠାରେ ମହିଳାଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ସେହିପରି ଦ୍ୱୀପକୁ ଯିବାପାଇଁ ପୁରୁଷଙ୍କୁ ମଧ୍ୟ କଡ଼ା ନିୟମ ପାଳନ କରିବାକୁ ପଡ଼ିଥାଏ। ଏହି ଦ୍ୱୀପକୁ ଯିବା ପାଇଁ ପୁରୁଷଙ୍କୁ ପ୍ରଥମେ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼ିଥାଏ। ବର୍ଷରେ ମାତ୍ର ୨୦୦ ପୁରୁଷଙ୍କୁ ଏଠାକୁ ଯିବାକୁ ଅନୁମତି ମିଳିଥାଏ। ସେହିପରି ଏଠାକୁ ଯାଉଥିବା ଲୋକେ ସାଥିରେ ଯେମିତି କିଛି ଜିନିଷ ନ ଆଣନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ସେହିପରି ଏହି ଯାତ୍ରା ବିଷୟରେ କାହାକୁ ନ ଜଣାଇବା ପାଇଁ ମଧ୍ୟ କୁହାଯାଇଥାଏ। ଯାତ୍ରାରୁ ଫେରିଲା ପରେ ବି ଏଠାରୁ ଲୋକେ ଯେମିତି ଘାସଟିଏ ମଧ୍ୟ ନେଇ ନ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଏ। ଏହି ଦ୍ୱୀପରେ ମୁନାକାତା ତାଇଶା ଓକିସୁ ମନ୍ଦିର ରହିଛି। ଏହି ମନ୍ଦିରରେ ସମୁଦ୍ର ଦେବୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ୧୭୦୦ ଶତାବ୍ଦୀରୁ ଏହି ମନ୍ଦିରରେ ଜାହାଜ ସୁରକ୍ଷା ପାଇଁ ପୂଜାର୍ଚ୍ଚନା ହୋଇଆସୁଛି।

# ଭାସମାନ ଗାଁ



ପଶ୍ଚିମ ଆଫ୍ରିକାରେ ଥିବା ବେନିନ ଦେଶରେ ଏକ ନିଆରା ଗାଁ ଅଛି। ଏହାର ନାଁ ଗାନଭି। ଗାଁଟି ନୋକୋଇ ହ୍ରଦ ଭିତରେ ଅବସ୍ଥିତ। ତେଣୁ ପାଣି ଭିତରେ ପୂରା ଗାଁ ରହିଛି। ସେହିପରି ଏହି ଗାଁକୁ 'ଆଫ୍ରିକାର ଭେନିସ୍' ବୋଲି ମଧ୍ୟ କୁହାଯାଏ। ପ୍ରାୟ ୩୦ ହଜାର ଲୋକ ଉକ୍ତ ଗାଁରେ ରହିଥାନ୍ତି। ଅଧିକାଂଶ ଲୋକଙ୍କ ଘର ହ୍ରଦର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ। ସମସ୍ତ ଘର କାଠ ଓ ବାଉଁଶରେ ତିଆରି। ତେବେ ଏ ଘରଗୁଡ଼ିକ ଖମ୍ବ ସାହାରାରେ ପାଣି ଭିତରେ ଦଣ୍ଡାୟମାନ ହୋଇ ରହିଛି। ଗାଁଟି ପାଣି ଭିତରେ ଥିବାରୁ ଏଠାରେ ରାସ୍ତା ନାହିଁ। ତେଣୁ ଲୋକେ ନୌକାରେ ଆତଯାତ କରନ୍ତି। ସେହିପରି ନିତିଦିନର କାମ ବି ପାଣି ଭିତରେ ରହିକି ହିଁ ଲୋକେ କରିଥାନ୍ତି। ତେବେ ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓଟିରେ ଦେଖାଯାଇଛି ଯେ, 'ଗାଁଟି ସମ୍ପୂର୍ଣ୍ଣ ଭାବେ ପାଣି ଭିତରେ ଅବସ୍ଥିତ। ପାଣି ଭିତରେ କିଛି ପିଲା ଖେଳୁଛନ୍ତି ଏବଂ ପାଣି ଭିତରେ ବଜାର ମଧ୍ୟ ଅଛି। ଡଙ୍ଗାରେ ହିଁ ଲୋକେ ଜିନିଷ ବିକ୍ରି କରନ୍ତି ଓ ଲୋକେ ସେସବୁକୁ କିଣିଥାନ୍ତି। ଏହି ବଜାରରେ ହାତ ତିଆରି ଜିନିଷ, ପନିପରିବା, ମାଛ ଏବଂ ନିତ୍ୟ ବ୍ୟବହାର ଜିନିଷ ମିଳିଥାଏ।' ତେବେ ଏହି ଗାଁର ଲୋକେ ମାଛ ଧରି ଜୀବିକା ନିର୍ବାହ କରନ୍ତି। ତା'ସହ ଆଉ କିଛି ଲୋକ ପାଖରେ ଥିବା ଗାଁଗୁଡ଼ିକରୁ ଜମି ଲିଜ୍‌ରେ ନେଇ ପଶୁପକ୍ଷୀ ପାଳନ କରନ୍ତି। ଏହାବାଦ୍ ଏଠାରେ ପାଣି ଭିତରେ ରେସ୍ତୋରାଁ ଅଛି। ଏହି ସ୍ଥାନକୁ ଲୋକେ ଡଙ୍ଗାରେ ଆସି ଖାଦ୍ୟର ମଜା ନିଅନ୍ତି। ଅନ୍ୟପଟେ ଗାଁଟି ପାଣି ଭିତରେ ଥିଲେ ବି ସ୍କୁଲ, ମେଡିକାଲ, ଡାକଘର, ବ୍ୟାଙ୍କ, ଚର୍ଚ୍ଚ ଏବଂ ମସଜିଦ୍ ଆଦି ରହିଛି।



# ଲେମ୍ବୁ ସବୁଠୁ ସ୍ୱାସ୍ଥ୍ୟକର ଫଳ

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସୁସ୍ଥ ରହିବା ପାଇଁ ସବୁଜ ପନିପରିବା ଓ ଫଳ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। ସବୁଠୁ ସ୍ୱାସ୍ଥ୍ୟକର ଫଳ କଥା କୁହାଗଲେ, ଲୋକଙ୍କ ମନରେ ପ୍ରଥମେ ସେଓ, କଦଳୀ, ଡାଳିମ୍ବ ଇତ୍ୟାଦିର ନାମ ଆସିଥାଏ। ହେଲେ ବାସ୍ତବରେ ସବୁଠାରୁ ସ୍ୱାସ୍ଥ୍ୟକର ଫଳ ହେଉଛି ଲେମ୍ବୁ। ଆମେରିକାର ୱିଲିୟମ୍ ପ୍ୟାଟରସନ୍ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଲେମ୍ବୁକୁ ବିଶ୍ୱର ସବୁଠୁ ସ୍ୱାସ୍ଥ୍ୟକର ଫଳ ବୋଲି କୁହାଯାଇଛି। ୪୧ ପ୍ରକାରର ଫଳ ଉପରେ ଏହି ଗବେଷଣା କରାଯାଇଥିଲା। ଏଥିରେ ଲେମ୍ବୁରେ ସବୁଠୁ ଅଧିକ ପୋଷଣ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଜଣାପଡ଼ିଛି। ଲେମ୍ବୁରେ ଭରପୁର ମାତ୍ରାର ଭିଟାମିନ୍ ସି, ଫାଇବର ଏବଂ ଫ୍ଲେବୋନଏଡ୍ ଥାଏ। ଏହି ତତ୍ତ୍ୱ କେବଳ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ ତାହା ନୁହେଁ ବରଂ ଏହା ଅନେକ ଗମ୍ଭୀର ରୋଗରୁ ସୁରକ୍ଷା ପ୍ରଦାନ କରେ। ଖାସ୍ କଥା ହେଉଛି, ଲେମ୍ବୁର କମ୍ କ୍ୟାଲୋରୀ ସମ୍ପୂର୍ଣ୍ଣ ଶରୀରକୁ ପୂରା ପୋଷଣ ଦେବାରେ ସାହାଯ୍ୟ କରେ। ଗବେଷଣାରେ ଏହା ସ୍ପଷ୍ଟ କରାଯାଇଛି ଯେ, ମାତ୍ର ୧୦୦ କ୍ୟାଲୋରୀ ବିଶିଷ୍ଟ ଏକ ଲେମ୍ବୁ ଶରୀରର ୧୦୦% ପୋଷଣ ସମ୍ପର୍କୀୟ ଆବଶ୍ୟକତାକୁ ପୂରଣ କରିପାରେ। ଲେମ୍ବୁ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ସହ ଥଣ୍ଡା-କାଶକୁ ମଧ୍ୟ ଦୂରେଇ ଦେଇଥାଏ। ରକ୍ତହୀନତା ଦୂର କରିବାରେ ଏହା ପ୍ରମୁଖ ଭୂମିକା ନିଭାଇଥାଏ। ଏହାବାଦ୍ ନିୟମିତ ଏହାକୁ ସେବନ କରିବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ଓ ନିରୋଗ ରହିଥାଏ। ବୈଜ୍ଞାନିକଙ୍କ କହିବାନୁସାରେ, ଲେମ୍ବୁ ଖଟାଫଳ ବା ଅମ୍ଳଯୁକ୍ତ ହୋଇଥିଲେ ହେଁ, ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏହାଦ୍ୱାରା ଶରୀରର ପିଏଚ୍ ସ୍ତର ସନ୍ତୁଳିତ ରହିଥାଏ। ଲେମ୍ବୁରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ପୋଷକତତ୍ତ୍ୱ କେବଳ ଶରୀରରୁ ରୋଗ ଦୂର କରେ ତାହା ନୁହେଁ, ତ୍ୱଚାରେ ଚମକ ଆଣିବା ସହ ବୟସଦାଗକୁ ଦୂର କରେ। ତେଣୁ ବୈଜ୍ଞାନିକମାନେ ଦୈନିକ ଖାଦ୍ୟରେ ଲେମ୍ବୁକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ବିଶେଷଜ୍ଞମାନେ ମାତ୍ରାଧିକ ଲେମ୍ବୁ ନ ଖାଇବାକୁ ପରାମର୍ଶ ଦେଇଛନ୍ତି। ଖାସ୍ କରି ଖାଲି ପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଦାନ୍ତ ନଷ୍ଟ ହୁଏ। କିଛି ଲୋକଙ୍କଠାରେ ଏସିଡିଟି ସମସ୍ୟା ହୋଇପାରେ। ତେଣୁ ଶରୀରର ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣର ଲେମ୍ବୁ ଖାଇବା ଜରୁରି।

## ଆଜିର ଇତିହାସ

- ୧୩୮୧: ଇଂଲଣ୍ଡରେ ଚାଷୀମାନଙ୍କ ବିଦ୍ରୋହ।
- ୧୯୨୬: ବ୍ରାଜିଲ ଲିଗ୍ ଅଫ୍ ନେସନରୁ ଓହରିବା ପାଇଁ ନିଷ୍ପତ୍ତି ନେଲା।
- ୧୯୬୪: ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ କରୁଥିବା ନେତା ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ଆର୍ଥିକ ସମସ୍ୟା ଦେଖା ଦେବ। ନୂତନ ଯାନବାହନ କିଣିପାରନ୍ତି।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପ୍ରେମ ବ୍ୟାପାରରେ ସଫଳତା ମିଳିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବା ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

# ରଜ ରିଲିଜ୍

## 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'





ରଜ ଅବସରରେ ଆଜି ମୁକ୍ତିଲାଭ କରୁଛି ଦୁଇଟି ନୂଆ ଓଡ଼ିଆ ସିନେମା 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'। 'ଅନନ୍ତା' ସିନେମାର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ଥିବା ବେଳେ 'ବୋଉ ବୁଟୁ ଭୂତ'ରେ ନଜର ଆସିବେ ବାବୁସାନ। ଏଥର ରଜରେ ସିନେମାକୁ ନେଇ ଏହି ଦୁଇ ନାୟକଙ୍କ ମଧ୍ୟରେ ଜବରଦସ୍ତ ଲଢ଼େଇ ହେବ। 'ଅନନ୍ତା'ର କାହାଣୀ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ 'ରାଣ୍ଡୀ ପୁଅ ଅନନ୍ତା' ଉପରେ ଆଧାରିତ। ସିନେମାଟିର ନିର୍ଦ୍ଦେଶନାରେ ସବ୍ୟସାଚୀ ମହାପାତ୍ର ଅଛନ୍ତି। ଏହାର ସଂଳାପରେ ଡ. ରଜନୀ ରଞ୍ଜନ ଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ୍ ମଜୁମଦାର। ସବ୍ୟସାଚୀଙ୍କ ବିପକ୍ଷରେ ଏଥିରେ ନାୟିକା ଅଛନ୍ତି ସୂର୍ଯ୍ୟମୟୀ। ପୂର୍ବରୁ ସିନେମାର ନାଁକୁ ନେଇ ବିବାଦ ଦେଖା ଦେଇଥିଲା। ଏହାପରେ ନାଁ ପରିବର୍ତ୍ତନ କରାଯାଇ 'ଅନନ୍ତା' ରଖାଯାଇଛି। ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ, ତାପସ ସରଘରିଆ ପ୍ରମୁଖ ଅଛନ୍ତି। ତେବେ ସିନେମାଟି ରଜକୁ ଅଧିକ ମନୋରଞ୍ଜନଧର୍ମୀ କରିବା ଆଶା କରାଯାଉଛି।

ସେହିପରି ରଜକୁ ଅଧିକ ଆକର୍ଷଣୀୟ କରିବ ବାବୁସାନଙ୍କ ଅଭିନୀତ ସିନେମା 'ବୋଉ ବୁଟୁ ଭୂତ'। ଏହି ସିନେମା ମାଧ୍ୟମରେ ଦୀର୍ଘ ବର୍ଷ ପରେ ବାବୁସାନ ଏବଂ ଅର୍ଚ୍ଚିତାଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। 'ବାବୁସାନ ଫିଲ୍ମ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନାରେ ଜଗଦୀଶ ମିଶ୍ର ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ତୃପ୍ତି ଶତପଥୀ। ସିନେମାରେ ଅପରାଜିତା ଓ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ଦେଖିବାକୁ ମିଳିବ। ସିନେମାର ରିଲିଜ୍ ପୂର୍ବରୁ ବାବୁସାନ ଏବଂ କୁକିଜଙ୍କ ଅଭିନୀତ 'ଢୁଙ୍ଗୁ ଥିଲି' ଗୀତଟି ସୁପରହିଟ୍ ହୋଇଛି। ତେବେ ଏହି ଦୁଇ ସିନେମା ମଧ୍ୟରୁ ରଜରେ କେଉଁ ନାୟକଙ୍କ ସିନେମା ବାଜିମାତ୍ କରୁଛି, ତାହା ଦେଖିବାକୁ ବାକି ରହିଲା। ■

# ଜୁଲାଇ ୪ରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'



ଜୁଲାଇ ୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ସବୁଠୁ ବଡ଼ କାନ୍‌ଭାସ୍‌ର ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ବିନି ସାମଲଙ୍କ ନିର୍ଦ୍ଦେଶିତ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। ଜଗନ୍ନାଥଙ୍କ ମହିମା ଉପରେ ଏହା ଆଧାରିତ। ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ତିନି ବର୍ଷ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ଏଥିରେ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ,ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ। ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟବ୍ରତ ସାହୁ। ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବବି ଇସଲାମ ଓ ଜିତୁ ରାଉତ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଦୃଶ୍ୟଗୁଡ଼ିକ ସୁକୁମାର ମଣିଙ୍କ ଦ୍ୱାରା ସମ୍ପାଦିତ ହୋଇଛି। କାର୍ଯ୍ୟକାରୀ ପ୍ରଯୋଜକର ଦାୟିତ୍ୱ ନିର୍ବାହ କରିଛନ୍ତି ପ୍ରଣୟ ଜେଠୀ। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ■

# 'ଲଢ଼େଇ'ରେ ପୁରୁଣା ପୋଷାକ



ସାଧାରଣତଃ ଫିଲ୍ମ ପାଇଁ କଷ୍ଟ୍ୟୁମ୍ ମ୍ୟାନ୍ ପୋଷାକ ତିଆରି କରନ୍ତି। ନଚେତ ପୋଷାକ କିଣା ହୋଇ ଆସେ। କିନ୍ତୁ ଚଳଚ୍ଚିତ୍ର 'ଲଢ଼େଇ'ରେ ଭିନ୍ନ କଥା ଦେଖିବାକୁ ମିଳିଛି। ପ୍ରାୟତଃ ପୋଷାକ ମଗା ହୋଇ ଆସିଛି। ସିନେମା ନୂଆ, ହେଲେ ଏହାର ପୋଷାକ ପୁରୁଣା। ପୂରା ସିନେମାରେ ଅଶି ଭାଗ ପୁରୁଣା ପୋଷାକକୁ ବ୍ୟବହାର କରାଯାଇଛି। ତେବେ ଏପରି କାହିଁକି ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? 'ଲଢ଼େଇ'ର କାହାଣୀ ପ୍ରେମ ଓ ଅପରାଧର ପୃଷ୍ଠଭୂମି ଉପରେ ନିର୍ମିତ। ତେଣୁ ଚଳଚ୍ଚିତ୍ରର କାହାଣୀ ଓ ଚରିତ୍ର ଗୁଡ଼ିକର ଆବଶ୍ୟକତା ଅନୁଯାୟୀ ପୋଷାକ ଗୁଡ଼ିକକୁ ମାଗିକି ଅଣାଯାଇଛି। ଏହା ବଦଳରେ ଲୋକମାନଙ୍କୁ ନୂଆ ପୋଷାକ ଦିଆ ଯାଇଛି। ନିର୍ଦ୍ଦେଶକ ଅଶୋକ ପତି ସର୍ବଦା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଉ ଇଏ ତାହାର ସଦ୍ୟତମ ଉଦାହରଣ। ଅମିର ଖାନଙ୍କ ଅଭିନୀତ 'ପିକେ' ଫିଲ୍ମରେ ମଧ୍ୟ ଅନୁରୂପ ପନ୍ଥା ଆପଣା ଯାଇଥିଲା। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ଅଭିନୀତ 'ଲଢ଼େଇ' ଶୀଘ୍ର ପରଦାକୁ ଆସିବାକୁ ଯାଉଛି। ଏହାର କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ଭାରଦ୍ୱାଜ ପଣ୍ଡା। ଡି.ଆର୍.ଏସ୍ ଏଣ୍ଟରପ୍ରାଇଜେସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ■

# ରଜରେ ଅଭିଷେକଙ୍କ ନୂଆ ଗୀତ



ଆସନ୍ତା ରଜରେ ମୁକ୍ତିଲାଭ କରିବ ଯୁବ ଗୀତିକାର ଏ.ବି. ଅଭିଷେକଙ୍କ ନୂଆ ଗୀତ 'ମୁଁ ସାଲେପୁର ନନୀ...'। ଏହି ଗୀତଟିରେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଥିବା ବେଳେ ରୁଦ୍ର ପ୍ରସାଦ ନାୟକ ଏହାର ସଂଗୀତ ଭାର ସମ୍ଭାଳିଛନ୍ତି। ଚନ୍ଦ୍ରଶେଖର ଷ୍ଟୁଡ଼ିଓରେ ଏହାର ରେକର୍ଡିଂ ହୋଇଛି। ନିକଟ ଅତୀତରେ ରିଲିଜ୍ ହୋଇଥିବା ଅଭିଷେକଙ୍କ 'ତୁ ମୋ ନୂଆ ବୋହୂ...' ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତରେ କଣ୍ଠଦାନ କରିଥିଲେ ଏସ୍. ଜିତୁ ଓ ରାଜଶ୍ରୀ। ଜେ.ଏନ୍ ପଦ୍ମ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେଭଳି ଅଭିଷେକଙ୍କ ରଚିତ 'ଏତେ ସୁନ୍ଦରୀ କେମିତି ହେଲା', 'ମୁଁ ମରିଯାଏ କି ଆଉ', 'ମା ତୁ ମୋ ସ୍ପନ୍ଦନ', 'ଇଟିକିଲି ମିଟିକିଲି' ଆଦି ଗୀତଗୁଡ଼ିକ ମଧ୍ୟ ବେଶ୍ ଲୋକାଦୃତ ହୋଇପାରିଛି। ■

# ପରଦା ପଛର କାହାଣୀ

## ଫିଲ୍ମ ସୁଟିଂ ପାଇଁ ୫୦ ଦିନ ଥିଲେ ଅଗାଧୁଆ



ସାଧାରଣତଃ କଳାକାରଙ୍କୁ ଫିଲ୍ମ ପାଇଁ ନାନା କଷ୍ଟ ସହିବାକୁ ପଡ଼ିଥାଏ। ସେମିତି ଜଣେ କଳାକାର ହେଉଛନ୍ତି ମୁକେଶ ତିୱାରୀ। ଫିଲ୍ମ ସୁଟିଂ ପାଇଁ ସେ ୫୦ ଦିନ ପର୍ଯ୍ୟନ୍ତ ଗାଧୋଇ ନଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ, ଲୋକେ ତାଙ୍କୁ ଦେଖି ଡରୁଥିଲେ। ତେବେ ସେ ଏହି ଫିଲ୍ମରେ ହିରୋ ନୁହେଁ, ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଚାଇନା ଗେଟ୍' ବକ୍ସ ଅଫିସ୍‌ରେ ଆଶାଜନକ ସଫଳତା ହାସଲ କରି ନଥିଲେ ମଧ୍ୟ, ଖଳନାୟକଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥିଲା। ଫିଲ୍ମ ମୁକ୍ତିଲାଭ କରିବାର ୨୭ ବର୍ଷ ପରେ ମଧ୍ୟ 'ଜାଗିରା' ଚରିତ୍ରର ସଂଳାପ ଏବେ ମଧ୍ୟ ଲୋକଙ୍କ ମୁଖରେ ରହିଛି। ଏହି ଫିଲ୍ମରେ ଅନେକ ପ୍ରତିଷ୍ଠିତ କଳାକାର ଥିବା ସତ୍ତ୍ୱେ ମୁକେଶ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରି ଅଭିନୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଫିଲ୍ମ। ଏହି ଫିଲ୍ମର ଦୁର୍ଦ୍ଦାନ୍ତ ଡାକୁ 'ଜାଗିରା' ଚରିତ୍ରରେ ଅଭିନୟ ପାଇଁ ସେ କଠିନ ପରିଶ୍ରମ କରିଥିଲେ। 'ଜାଗିରା' ଏକ ପାହାଡ଼ରେ ରହୁଥିଲା। ଏହି ଚରିତ୍ରକୁ ପରଦାରେ ଜୀବନ୍ତ କରିବା ପାଇଁ ମୁକେଶ ୫୦ ଦିନ ଧରି ଗାଧୋଇ ନଥିଲେ। ଜାଗିରା ଚରିତ୍ରକୁ ପରଫେକ୍ଟ କରିବା ପାଇଁ ସେ ନିଜକୁ ଅପରିଷ୍କାର ରଖିଥିଲେ। ଦେହର ଦୁର୍ଗନ୍ଧକୁ ଦୂରେଇ ରଖିବା ପାଇଁ ପରଫ୍ୟୁମ୍ ବ୍ୟବହାର କରୁଥିଲେ। ସୁଟିଂ ସମୟରେ ପାହାଡ଼ ଉପରେ ଚିଲ, ଶାଗୁଣା ତାଙ୍କ ଆଖପାଖରେ ଉଡୁଥିବାର ଦେଖିବାକୁ ମିଳିଥିଲା। ତାଙ୍କର ଦାଢ଼ି ଓ ଲମ୍ବା କେଶ ଦେଖି ଲୋକମାନେ ତାଙ୍କ ପାଖକୁ ଯିବାକୁ ଭୟ କରୁଥିଲେ। ଏହି ଫିଲ୍ମର ଏକ ସଂଳାପ "ମେରେ ମନ କା ଭାୟା, ମେନେ କୁତ୍ତା କାଟ କର ଖାୟା" ସଂଳାପ ଖୁବ୍ ଲୋକପ୍ରିୟ ହୋଇଥିଲା। ■

# ଆଳାପ



ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରୁଥିଲେ। ଅନେକ ସୁନ୍ଦରୀ ପ୍ରତିଯୋଗିତାରେ ସେ ଭାଗ ନେଇଛନ୍ତି। 'ଅଞ୍ଜଳି' ତାଙ୍କର ପ୍ରଥମ ଧାରାବାହିକ। ସ୍ୱଳ୍ପ ସମୟ ମଧ୍ୟରେ ନିଜ ହୃଦୟସ୍ପର୍ଶୀ ଅଭିନୟ ପାଇଁ ନାଁ କମାଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଣପୁରର ଅନିଷା ପଟ୍ଟନାୟକ। 'କିଏ ପର କିଏ ଆପଣାର', 'ଖୁସିର ଛୁଙ୍କ', 'ସୁହାଗ ସିନ୍ଦୂର', 'ମୋ ଶାଶୂର ଶାଶୂମା' ଆଦି ଅନେକ ଧାରାବାହିକରେ ସେ କାମ କରିସାରିଛନ୍ତି। ଏବେ 'ସାଥି ସାତ ଜନ୍ମର' ଧାରାବାହିକରେ ଉପାସନା ଚରିତ୍ରରେ ଘରେ ଘରେ ପରିଚିତ। ଏଭଳି ଜଣେ ପ୍ରତିଭାମୟୀଙ୍କ ସହ କିଛି ଆଳାପ...।

## "କାମ ଶିଖିବାର ମନୋବୃତ୍ତି ସର୍ବଦା ରହିବା ଆବଶ୍ୟକ"

**ଅନିଷା ପଟ୍ଟନାୟକ, ଅଭିନେତ୍ରୀ**

**ଅଭିନୟ ଜଗତକୁ ଆସିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ?**

କଲେଜରେ ପଢ଼ିବା ସମୟରେ ଡ୍ରାମାରେ ଭାଗ ନେଉଥିଲେ। ଏକକ ଅଭିନୟ, ନାଚ, ଗୀତରେ ମଜୁଥିବା ଝିଅଟି ଧୀରେ ଧୀରେ ଅଭିନୟ କରିବାକୁ ମନ ବଳାଇଥିଲା। ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ତନ୍ମଧ୍ୟରୁ 'ପ୍ୟାଣ୍ଟାଲୁନ୍ ମିସ୍ ରଜ'ରେ ମୁଁ ଶ୍ରେଷ୍ଠ ପାଞ୍ଚ ତାଲିକାରେ ଥିଲି। 'ମିସ୍ ଟିନ୍ ଇଣ୍ଡିଆ ଓଡ଼ିଶା', 'ଭୁବନେଶ୍ୱର ଫ୍ୟାଶନ ରଜ୍', ଆଦି ଶୋ'ଗୁଡ଼ିକରେ ନିଜର ପ୍ରତିଭା ପ୍ରଦର୍ଶିତ କରିଛି। ଏଥିରୁ ଲୋକସମ୍ପର୍କ ବଢ଼ିବାରୁ ସେମାନେ ଧାରାବାହିକରେ କାମ କରିବାକୁ ପରାମର୍ଶ ଦେଇଥିଲେ। ସୌଭାଗ୍ୟବଶତଃ 'ଅଞ୍ଜଳି' ଧାରାବାହିକରେ କାମ କରିବାକୁ 'ଜି ସାର୍ଥକ' ପକ୍ଷରୁ ପ୍ରଥମେ ଯୋଗାଯୋଗ କରାଯାଇଥିଲା। ସେବେଠୁ ଏହି ଯାତ୍ରା ଚାଲିଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

ପ୍ରଥମ ଦିନ କ୍ୟାମେରା ସାମ୍ନାରେ ସଂଳାପ ଠିକ୍ ଭାବେ ମନେ ପଡ଼ି ନଥିଲା। ଏଥିପାଇଁ ବହୁ ଅଭ୍ୟାସ କରିଥିଲି। ଧାରାବାହିକର ନିର୍ଦ୍ଦେଶକ ମୋତେ ହାତ ଧରି କାମ ଶିଖାଇଥିଲେ। ଆଜି ବି ମୁଁ କାମ ଶିଖୁଛି।

**'ସାଥି ସାତ ଜନ୍ମର'ରେ ଉପାସନା ଚରିତ୍ରକୁ ନେଇ କ'ଣ କହିବେ?**

ଯେତେ ବି ଧାରାବାହିକ କରିଛି, ସବୁଥିରେ ପରିବାରର ଏକ ମୁଖ୍ୟ ଚରିତ୍ର ମୋତେ ମିଳିଥାଏ। ପରିବାରରେ ଯେତେବେଳେ କୌଣସି ସମସ୍ୟା ହୁଏ, ସମାଧାନ କରିବାକୁ ମୋତେ ଖୋଜା ପଡ଼ିଥାଏ। ଠିକ୍ ଏହି ଭାବେ 'ସାଥି ସାତ ଜନ୍ମର' ସିରିଏଲ୍‌ରେ ନାୟିକାର ମଝିଆ ଭଉଣୀ (ଉପାସନା) ଚରିତ୍ର ମିଳିଛି। ଉପାସନା ମଧ୍ୟବିତ୍ତ ପରିବାରର ଜଣେ ଆଧୁନିକ ଝିଅ। ସେ ଚାକିରି କରିଛି, ଆଧୁନିକତାରେ ବଞ୍ଚିବାକୁ ଚେଷ୍ଟା କରୁଥିବାବେଳେ ଘର ଲୋକଙ୍କୁ ତାହା ପସନ୍ଦ ନୁହେଁ। ତାକୁ ବିଭିନ୍ନ କଥାରେ କଟକଣା କରାଯାଉଛି। ଧାରାବାହିକରେ ଏବେ ଉପାସନାର କାହାଣୀ ଚାଲିଛି। ଭୁଲ୍ କାମ କରି ଘର ଲୋକଙ୍କଠାରୁ ମାଡ଼ ଖାଉଛି, ରାଗି କରି ଘରୁ ପଳାଉଛି। ତେବେ ଆଗକୁ ଏଥିରେ ଅନେକ ଟୁଇଷ୍ଟ ଦେଖିବାକୁ ମିଳିବ।

**ନିଜ କାମକୁ କେତେ ଗୁରୁତ୍ୱ ଦିଅନ୍ତି?**

ପ୍ରତ୍ୟେକ ଧାରାବାହିକର ନିର୍ଦ୍ଦେଶକ ହେଉଛନ୍ତି ମୁଖ୍ୟ। ସେ ହିଁ ଚରିତ୍ରକୁ ଅଧିକ ଆଗକୁ ନେବାକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ଜଣେ କଳାକାରର ଦକ୍ଷତା ଅନୁସାରେ ତାକୁ ସୁଯୋଗ ମଧ୍ୟ ଦିଅନ୍ତି। ତେଣୁ ଯେତେ କାମ କଲେ ବି ନୂଆ ସ୍ଥାନ ଓ ନୂଆ ନିର୍ଦ୍ଦେଶକଙ୍କ ପାଖରୁ କାମ ଶିଖିବାର ମନୋବୃତ୍ତି ମୋର ସର୍ବଦା ରହିଥାଏ। ସବୁ ଧାରାବାହିକରୁ ନୂଆ ନୂଆ ଶିକ୍ଷା ପାଇଛି। ହୁଏତ ଏହି ଗୁଣ ଯୋଗୁଁ 'କିଏ ପର କିଏ ଆପଣାର' ଧାରାବାହିକରେ ଦୃଶ୍ୟ ସମୟ ବୃଦ୍ଧି କରା ଯାଇଥିଲା।

**ଅନିଷାଙ୍କ ଅଭୁଲା ସ୍ମୃତି?**

'କିଏ ପର କିଏ ଆପଣାର'ର 'ପିଆଲି' ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ଏହି ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଛନ୍ତି। ଏହି ଶୋ' ଶେଷ ହେବାର ଦୁଇ ଦିନ ପରେ କଟକରୁ ଟ୍ରେନ୍‌ରେ ଫେରୁଥାଏ। ଏକ ଡାକ୍ତରୀ ଦମ୍ପତ୍ତି ମୋତେ 'ପିଆଲି' ବୋଲି ସମ୍ବୋଧନ କରି ଟ୍ରେନ୍‌ରେ ଦୀର୍ଘ ସମୟ କଥା ହୋଇଥିଲେ। ସେ ଶୋ'ର ଶେଷ ଦୃଶ୍ୟ ବିଷୟରେ ପଚାରି ବୁଝିଥିଲେ। ଦର୍ଶକ ମୋତେ ମୋ ନିଜ ନାଁ ନୁହେଁ ବରଂ 'ପିଆଲି' ନାଁରେ ଚିହ୍ନୁଛନ୍ତି।

**ସେଟ୍ ଆଉ ପରିବାର ମଧ୍ୟରେ କିଭଳି ସମନ୍ୱୟ ରଖନ୍ତି?**

ଅନିଷା ଧାରାବାହିକରେ ଝିଅ, ହେଲେ କାହା ଘରର ସେ ବୋହୂ। ତେଣୁ ସେ ସେଟ୍‌ରେ ନିଜ ଚରିତ୍ରକୁ ଗୁରୁତ୍ୱ ଦିଏ। ଆଉ ଶାଶୂଘରେ ବୋହୂର ଭୂମିକା ନିଭାଏ। ଦୁଇଟିକୁ ତୁଲାଇବାକୁ ପଡ଼ିଥାଏ। ସୁଟିଂରେ ବ୍ୟସ୍ତତା ଭିତରୁ ଟିକେ ଫୁରସତ୍ ମିଳିଲେ ସ୍ୱାମୀଙ୍କ ସହ ସମୟ ଅତିବାହିତ କରେ।

**ଆଗାମୀ ଯୋଜନା?**

ଏହି ଧାରାବାହିକ କରିବାର ୫ମାସ ହେଲାଣି। ଏବେର ଚରିତ୍ରକୁ ଗୁରୁତ୍ୱ ଦେଉଛି। ପରିବାର ଓ ଧାରବାହିକରୁ ବାହାରି ଅନ୍ୟ କିଛି ଭାବିବାକୁ ଏବେ ଫୁରସତ୍ ନାହିଁ। ■

## ଏଫ୍ଆଇଏଚ୍ ପ୍ରୋ ଲିଗ୍ | ହରମନପ୍ରୀତ୍‌ଙ୍କ ଡବଲ୍ ଗୋଲ୍ ସତ୍ତ୍ୱେ ହ୍ୟାଟ୍ରିକ୍ ପରାଜୟ



ଆମଷ୍ଟେଲଭିନ (ନେଦରଲାଣ୍ଡସ), ୧୧।୬ (ଏଜେନ୍ସି): ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରଚଳିତ୨୦୨୪-୨୫ ସଂସ୍କରଣରେଭାରତୀୟପୁରୁଷହକିଦଳୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ପରାଜୟବରଣ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନା ୪-୩ ଗୋଲରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ୟୁରୋପ୍ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚରେ ଘରୋଇ ନେଦରଲାଣ୍ଡସଠାରୁ କ୍ରମାଗତ ୨ଟି ମ୍ୟାଚ (୨-୧ ଓ ୩-୨ ଗୋଲ୍)ରେ ଭାରତ ହାରିଥିଲା। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍ ଖେଳି ୬ ପରାଜୟ ଓ ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଗୁରୁବାର ପୁଣିଥରେ ଆର୍ଜେଣ୍ଟିନା ସହ ଖେଳିବ। ବୁଧବାର ଅନୁଷ୍ଠିତ ମ୍ୟାଚର ୩ୟ ମିନିଟ୍‌ରେ ମାଟିଆସ୍ ରେଙ୍କ ଗୋଲ୍ ବଳରେ ଆର୍ଜେଣ୍ଟିନା ୧-୦ରେ ଅଗ୍ରଣୀ ରହିଥିଲା। ତେବେ ସେହି ପ୍ରଥମ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ୍ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ୧-୧ର ବରାବରସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଆକ୍ରମଣାତ୍ମକ ପ୍ରଦର୍ଶନ ଜାରି ରଖି ଦ୍ୱିତୀୟ ଗୋଲ୍ ଦେଇଥିଲା। ୧୭ତମ ମିନିଟ୍‌ରେ ଲୁକାସ ମାର୍ଟିନେଜ ଏହି ଗୋଲ୍‌ଟି ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୨-୧ରେ ଆଗୁଆ କରାଇଥିଲେ। ତେବେ ପୁଣିଥରେ ହରମନପ୍ରୀତ୍ ଭାରତ ପାଇଁ ରକ୍ଷାକର୍ତ୍ତା ସାଜି ଦ୍ୱିତୀୟ ଗୋଲ୍ ଦେଇଥିଲେ। ୩୩ତମ ମିନିଟ୍‌ରେ ପେନାଲ୍ଟି ଷ୍ଟୋକ୍ ମିଳିଥିବାବେଳେ ହରମନପ୍ରୀତ୍ ଏହି ଗୋଲ୍ ସ୍କୋର କରି ୨-୨ ସ୍ଥିତିକୁ ଆଣିଥିଲେ। କିନ୍ତୁ ଗୋଟିଏ ମିନିଟ୍ ପରେ ସାଣ୍ଟିଆଗୋ ତାରାଜୋନାଙ୍କ ଗୋଲ୍ ଆର୍ଜେଣ୍ଟିନାକୁ ୩-୨ରେ ପୁଣିଥରେ ଅଗ୍ରଣୀ ଦେଇଥିଲା। ଅଭିଷେକଙ୍କ ଗୋଲ୍ ବଳରେ ଭାରତ ପୁଣିଥରେ ମ୍ୟାଚକୁ ୩-୩ର ସମାନସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ ଆର୍ଜେଣ୍ଟିନା ପାଇଁ ବିଜୟସୂଚକ ୪ର୍ଥ ଗୋଲ୍‌ଟି ଦେଇଥିଲେ।

**ହକିରେ ମିଶ୍ରିତ ଫଳାଫଳ**

## ପୁଣିଥରେ ବେଲ୍‌ଜିୟମକୁ ହରାଇଲା ଭାରତ

ଅନ୍ତୱର୍ପ, ୧୧।୬ (ଏଜେନ୍ସି): ୟୁରୋପ୍ ଗସ୍ତରେ ଥିବା ଭାରତୀୟ ଜୁନିଅର ମହିଳା ହକି ଦଳ ବିଜୟଧାରା ଜାରି ରଖି ପୁଣିଥରେ ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୧ ଗୋଲରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଛି। ପୂର୍ବରୁ ଏହି ଗସ୍ତର ପ୍ରଥମ ମୁକାବିଲାରେ ମଧ୍ୟ ଭାରତ ୩-୨ ଗୋଲ୍‌ରେ ବେଲ୍‌ଜିୟମକୁ ମାତ୍ ଦେଇଥିଲା। ଏହି ଗସ୍ତର ଶେଷ ମ୍ୟାଚ୍‌ରେ ଭାରତ ଗୁରୁବାର ପୁଣିଥରେ ବେଲ୍‌ଜିୟମ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବୁଧବାର ଭାରତ ଓ ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୩୫ତମ ମିନିଟ୍‌ରେ ଲାଲଥାଣ୍ଟଲୁଆଙ୍ଗିଙ୍କ ଗୋଲ୍ ବଳରେ ଭ୍ରମଣକାରୀ ଭାରତ ଖାତା ଖୋଲିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ଏହି ଗୋଲ୍‌ଟି ଶୁଝି ୧-୧ର ବରାବରସ୍ଥିତିକୁ ଆଣିଥିଲା। ୪୮ତମ ମିନିଟ୍‌ରେ ଭାନ ହେଲେମୋଣ୍ଟ ଏହି ଗୋଲ୍‌ଟି ଦେଇଥିଲେ। କିନ୍ତୁ ଏହାର ୨ ମିନିଟ୍ ପରେ ଗୀତା ଯାଦବ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଜିତାଇଥିଲେ।

### ଡବ୍ଲ୍ୟୁଟିସି ଫାଇନାଲ

# ଅଷ୍ଟ୍ରେଲିଆକୁ ୨୧୨ରେ ଅଟକାଇଲେ ରାବାଡା



ଲର୍ଡ୍ସ, ୧୧।୬ (ଏଜେନ୍ସି):

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୩ୟ ସଂସ୍କରଣର ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଫାଇନାଲ ମୁକାବିଲାରେ ଦ୍ରୁତ ବୋଲର କାଗିସୋ ରାବାଡାଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ସୁଦ୍ଧା ୨୨ ଓଭରରେ ୪ ୱିକେଟ୍ ହରାଇ ୪୩ ରନ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅଧିନାୟକ ଟେମ୍ବା ବଭୁମା ୩ ଓ ଡେଭିଡ୍ ବେଡିଂହାମ ୮ ରନରେ ଅପରାଜିତ ରହିଛନ୍ତି।

ଏହି ଫାଇନାଲ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୧୨ ରନ ମଧ୍ୟରେ ଓପନର୍ ଉସମାନ ଖୱାଜା ଓ କାମେରନ ଗ୍ରୀନ (୪ ରନ)ଙ୍କ ୱିକେଟ୍ ହରାଇଥିଲା। ଉଭୟଙ୍କୁ ଆଉଟ୍ କରି ରାବାଡା ଦକ୍ଷିଣ ଆଫ୍ରିକାକୁ ଦମ୍‌ଦାର ଆରମ୍ଭ ଦେଇଥିଲେ। ଖୱାଜା ୨୦ଟି ବଲ୍ ସାମ୍ନା କରି ଥିଲେ ମଧ୍ୟ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଏହାପରେ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନସେନ ଅନ୍ୟତମ ଓପନର୍ ମାର୍ନସ ଲାବୁଶ୍ୱେନ (୧୭ ରନ) ଓ ଟ୍ରାଭିସ୍ ହେଡ୍ (୧୧ ରନ)ଙ୍କୁ ଆଉଟ୍ କରି କଙ୍ଗାରୁ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଏହି ସମୟରେ ଅଭିଜ୍ଞ ଷ୍ଟିଭ ସ୍ମିଥ୍‌ଙ୍କ ସହ ବିଉ ୱେବଷ୍ଟର ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଧୈର୍ଯ୍ୟର ସହ ଖେଳୁଥିବା ସ୍ମିଥ୍‌ଙ୍କୁ ୬୬ ରନରେ ଆଉଟ୍ କରି ଆଇଡେନ ମାର୍କରାମ ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ନିମ୍ନକ୍ରମର ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅଷ୍ଟ୍ରେଲିଆ ଏହାର ଶେଷ ୫ ୱିକେଟ୍ ୨୦ ରନରେ ହରାଇଥିଲା। ୱେବଷ୍ଟର ସର୍ବାଧିକ ୭୨ ରନ କରିଥିଲେ। ବୋଲିଂରେ ରାବାଡା ସର୍ବାଧିକ ୫, ଜାନସେନ ୩ଟି ୱିକେଟ୍ ସଫଳତା ପାଇଥିଲେ। ଡବ୍ଲ୍ୟୁଟିସି ଫାଇନାଲରେ ୫ ୱିକେଟ୍ ସଫଳତା ପାଇବାରେ ରାବାଡା ବିଶ୍ୱର ୨ୟ ବୋଲର ହୋଇଛନ୍ତି। ପୂର୍ବରୁ ୨୦୨୧ ଫାଇନାଲରେ ନ୍ୟୁଜିଲାଣ୍ଡର କାଏଲ ଜାମିସନ ଭାରତ ବିପକ୍ଷରେ ଏହି ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ପାଳି:** ୨୧୨/୧୦ (ୱେବଷ୍ଟର-୭୨, ସ୍ମିଥ- ୬୬, କେରୀ- ୨୩, ରାବାଡା- ୫/୫୧)।

**ଦ.ଆଫ୍ରିକା ପ୍ରଥମ ପାଳି:** ୪୩/୪, (ମାର୍କରାଜ-୦, ର୍ୟାନ ରିକ୍ଲେଟନ- ୧୬, ୱିଆନ ମଲଡର- ୬, ଷ୍ଟବ୍ସ-୨, ଷ୍ଟାର୍କ- ୨/୧୦)।

### ଲର୍ଡ୍ସରେ ସ୍ମିଥ୍‌ଙ୍କ କୃତିତ୍ୱ




ଭ୍ରମଣକାରୀ ବ୍ୟାଟର୍ ଭାବେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍। ଡବ୍ଲ୍ୟୁଟିସି ଫାଇନାଲରେ ସେ ୬୬ ରନର ପାଳି ଖେଳିଥିଲେ। ଏଥିସହ ଲର୍ଡ୍ସ ଗ୍ରାଉଣ୍ଡରେ ସେ ଟେଷ୍ଟରେ ୧୦ ପାଳି ଖେଳି ୫୯୧ ରନ ସଂଗ୍ରହ କରିଛନ୍ତି। ଯାହାକି ଭ୍ରମଣକାରୀ ବ୍ୟାଟର୍ ଟେଷ୍ଟରେ ଏହି ଗ୍ରାଉଣ୍ଡରେ ଭାବେ ସର୍ବାଧିକ ରନ। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ୱାରେନ ବାର୍ଡସଲୀ (୫୭୫ ରନ)ଙ୍କ ନାମରେ ରହିଥିଲା। ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ (୫୭୧ ରନ), ଡନ୍ ବ୍ରାଡ୍‌ମ୍ୟାନ (୫୫୧) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ (୫୧୨ ରନ) ଏହି ତାଲିକାରେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

### ■ ଆଜିଠୁ ଏମ୍‌ଏଲ୍‌ସି-୩

## ପୁରନ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ନିଯୁକ୍ତ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜର ବାମହାତୀ ବ୍ୟାଟର୍ ନିକୋଲସ ପୁରନ ସମସ୍ତଙ୍କୁ ଚକିତ କରି ମାତ୍ର ୨୯ ବର୍ଷ ବୟସରେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ତେବେ ଏହାର ଦିନକ ପରେ ତାଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆମେରିକାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ତୃତୀୟ ସଂସ୍କରଣ ଲାଗି ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ଅଧିନାୟକ ନିଯୁକ୍ତ କରାଯାଇଛି। କାଇରନ ପୋଲାର୍ଡଙ୍କ ସ୍ଥାନରେ ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ନେତୃତ୍ୱ ଭାର ମିଳିଛି। ଏମ୍‌ଏଲ୍‌ସିର ୨୦୨୩ ସଂସ୍କରଣରେ ପୁରନ ୩୮୮ ରନ ସହ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ। ପୁରନଙ୍କ ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଦଳରେ ପୋଲାର୍ଡ, କ୍ୱିଣ୍ଟନ ଡିକକ୍, ରଶିଦ ଖାନଙ୍କ ଭଳି ତାରକା କ୍ରିକେଟର୍ ରହିଛନ୍ତି। ଏମ୍‌ଏଲ୍‌ସିର ୩ୟ ସଂସ୍କରଣ ଜୁଲାଇ ୧୩ରେ ଉଦ୍‌ଯାପିତ ହେବ। ଲିଗ୍ ଓ ଫାଇନାଲକୁ ମିଶାଇ ଏଥର ମୋଟ୍ ୩୪ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।



## କାଉଣ୍ଟି ଖେଳିବେ ତିଲକ, ଋତୁରାଜ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଟର୍ ତିଲକ ବର୍ମା ଓ ଋତୁରାଜ ଗାଏକ୍ୱାଡ ଇଂଲଣ୍ଡର ଘରୋଇ ପ୍ରତିଯୋଗିତା କାଉଣ୍ଟି କ୍ରିକେଟ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଅଧିନାୟକ ଋତୁରାଜ କାଉଣ୍ଟି ଚାମ୍ପିଅନସିପ୍‌ରେ ସେ ୟର୍କଶାୟର ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ଆସନ୍ତା ମାସରେ ସରେ ବିପକ୍ଷ ମ୍ୟାଚ୍ ଖେଳି ସେ କାଉଣ୍ଟି କ୍ରିକେଟରେ ପାଦ ଥାପିବେ। କାଉଣ୍ଟି ସିଜନ ଶେଷରେ ହେବାକୁ ଥିବା 'ୱାନ-ଡେ କପ୍' ପର୍ଯ୍ୟନ୍ତ ସେ ୟର୍କଶାୟର ପାଇଁ ଖେଳିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବାମହାତୀ ବ୍ୟାଟର୍ ତିଲକ ହାମ୍ପଶାୟର କ୍ଲବରୁ ଖେଳିବେ ବୋଲି ଜଣାପଡ଼ିଛି। ଜୁନ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ସେ ହାମ୍ପଶାୟର ପାଇଁ ଖେଳିବେ। ଏଥିଲାଗି ବିସିସିଆଇ ଓ ତିଲକଙ୍କ ଘରୋଇ କ୍ରିକେଟ୍ ସଂଘ ହାଇଦରାବାଦ ପକ୍ଷରୁ ତାଙ୍କୁ ସବୁଜ ସଙ୍କେତ ମିଳିସାରିଛି। ଏହି ଅବଧିରେ ସେ ୪ ଦିବସୀୟ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବେ। ତେବେ ହାମ୍ପଶାୟର ପାଇଁ ସୀମିତ ଓଭର ଫର୍ମାଟ୍‌ରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।





## ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍ | ସୂର୍ଯ୍ୟକୁମାର ଖସିଲେ; ବରୁଣ ସ୍ଥିର

ଦୁବାଇ, ୧୧।୬ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ରେ ବ୍ୟାଟିଂ ତାଲିକାରେ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅବନତି ଦେଖିବାକୁ ମିଳିଛି। ସୂର୍ଯ୍ୟକୁମାର ଗୋଟିଏ ପାହାଚ ଖସି ଟପ୍-୫ରୁ ବାହାରି ୬ଷ୍ଠ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ ୧୪ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ଇଂଲଣ୍ଡର ବେନ୍ ଡକେଟ୍ଟ ଏକାଥରକେ ୪୮ଟି ପାହାଚ ଲମ୍ଫ ପ୍ରଦାନ କରି ୬୨ରୁ ୧୬ତମ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ଟି-୨୦ ବୋଲିଂ ତାଲିକାରେ ଶୀର୍ଷ ଭାରତୀୟ ଭାବେ ବରୁଣ ଚକ୍ରବର୍ତ୍ତୀ ୩ୟ ସ୍ଥାନରେ ସ୍ଥିର ରହିଛନ୍ତି।

### ■ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ

## କ୍ରିକେଟରେ ୬ଟି ଦଳ ଭାଗନେବା ଉପରେ ଆଇସିସିର ଗୁରୁତ୍ୱ

ଦୁବାଇ,୧୧।୬(ଏଜେନ୍ସି): ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ ଇଭେଣ୍ଟର ପୁରୁଷ ଓ ମହିଳା ପ୍ରତିଯୋଗିତାରେ ବିଶ୍ୱରେ ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବା ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁତ୍ୱ ଦେଇଛି। ଯଦି ଆବଶ୍ୟକ ପଡ଼େ ଆୟୋଜକ ଆମେରିକାକୁ ଏଥିରୁ ବାଦ୍ ଦିଆଯିବାରେ କୌଣସି ସମସ୍ୟା ନାହିଁ ବୋଲି କାର୍ଯ୍ୟକାରୀ କମିଟିର ସଦସ୍ୟ ସୁମୋଦ ଦାମୋଦର କହିଛନ୍ତି। ଉଲ୍ଲେଖଥାଉ କି, ୧୯୦୦ ପରେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ କ୍ରିକେଟ ଖେଳାଯିବ। ଟି-୨୦ ଫର୍ମାଟ୍‌ରେ ୬ଟି ଲେଖାଏ ପୁରୁଷ ଓ ମହିଳା ଦଳଗୁଡ଼ିକ ପଦକ ପାଇଁ ଅବତୀର୍ଣ୍ଣ ହେବେ। ଆୟୋଜକ ଆମେରିକାର ଆଇସିସି ଟି-୨୦ ପୁରୁଷ ମାନ୍ୟତାରେ ୧୭ ଓ ମହିଳାରେ ୨୪ତମ ସ୍ଥାନରେ ରହିଛି। ତେଣୁ ଇଭେଣ୍ଟରେ ଆମେରିକାରୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ କି ନା ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି।

## ପାୱେଲଙ୍କ ଅର୍ଦ୍ଧଶତକ ବ୍ୟର୍ଥ; ଇଣ୍ଡିଜର ହ୍ୟାଟ୍ରିକ ପରାଜୟ | ଟି-୨୦ ସିରିଜରେ ଇଂଲଣ୍ଡର କ୍ଲିନ ସୁଇପ୍



ସାଉଥାମ୍ପଟନ,୧୧।୬ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ୩ୟ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୩୭ ରନରେ ଜିତିନେଇଛି। ରୋଭମାନ ପାୱେଲ ଅପରାଜିତ ୭୪ ରନର ପାଳି ଖେଳିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜକୁ ହ୍ୟାଟ୍ରିକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୨୧ ରନ ଓ ୪ ୱିକେଟରେ ଜିତିଥିବା ଘରୋଇ ଇଂଲଣ୍ଡ ଦଳ ଏଥିସହ ଟି-୨୦ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱାଧିନ ଇଂଲଣ୍ଡ ମଧ୍ୟ ପୂର୍ବରୁ ଏକଦିବସୀୟ ସିରିଜକୁ ୩-୦ରେ ପୋଛିନେଇଥିଲା।

ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ଦୁଇ ଓପନ୍ ବେନ୍ ଡକେଟ୍ଟ ଓ ଜେମି ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ୩ ୱିକେଟ୍‌ରେ ୨୪୮ ରନର ବିଶାଳ ସ୍କୋର କରିଥିଲା। ଡକେଟ୍ଟ ୪୬ ବଲରେ ସର୍ବାଧିକ ୮୪ ଓ ସ୍ମିଥ୍ ୨୬ ବଲରେ ୬୦ ରନ କରିଥିଲେ। ଅଧିନାୟକ ବ୍ରୁକ୍ ୩୫ ଓ ଜାକବ ବେଥେଲ ୩୬ ରନର ଅପରାଜିତ ପାଳି ଖେଳିଥିଲେ। ଜୋଶ୍ ବଟଲର୍ ୨୨ ରନ କରି ଆଉଟ୍ ହୋଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୮ ୱିକେଟରେ ୨୧୧ ରନ କରି ପରାଜୟବରଣ କରିଥିଲା। ରୋଭମାନ ପାୱେଲ ୯ ଚୌକା ଓ ୪ ଛକା ସହ ୪୫ ବଲରେ ୭୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସାଇ ହୋପ୍ ୪୫, ସିମରନ ହେଟ୍‌ମାୟର ୨୬, ଜାସନ ହୋଲ୍ଡର ୨୫ ରନ କରିଥିଲେ। ବିଜୟୀ ଇଂଲଣ୍ଡ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଲ୍ୟୁକ୍ ଉଡ୍ ସର୍ବାଧିକ ୩ଟି ଓ ଆଦିଲ ରଶିଦ ୨ଟି ୱିକେଟ୍ ନେଇଥିଲେ। ଡକେଟ୍ଟ ମ୍ୟାଚ୍‌ର ଓ ବଟଲର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଜାତୀୟ ସିନିଅର ଉଷୁ ପାଇଁ ୪୨ ଜଣିଆ ଓଡ଼ିଶା ଦଳ



ଭୁବନେଶ୍ୱର, ୧୧।୬ (ସମିସ): ରାଜସ୍ଥାନର ଜୟପୁରଠାରେ ଚଳିତ ମାସ ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟ ସିନିଅର ଉଷୁ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପ୍‌ରେ ୪୨ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବାକୁ ଗୁରୁବାର ରାଜସ୍ଥାନ ଗସ୍ତ କରିଛି। ଓଡ଼ିଶା ଦଳରେ ୨ଜଣ ଅଫିସିଆଲ୍ ଓ ୩ଜଣ ଟେକ୍‌ନିକାଲ ଅଫିସିଆଲ୍ ମଧ୍ୟ ରହିଛନ୍ତି। ଯୁଧିଷ୍ଠିର ଗୁରୁହାଣ୍ଡି ଓ ପ୍ରସାଦ ନାୟକ ପ୍ରଶିକ୍ଷକ ଭାବେ ଓଡ଼ିଶା ଦଳ ସହ ଗସ୍ତ କରିବେ। ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ବିକାଶ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଦଳର ସଫଳତା କାମନା କରି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଆନ୍ତଃରାଜ୍ୟ ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶା ଚାମ୍ପିଅନ




ଭୁବନେଶ୍ୱର, ୧୧।୬ (ସମିସ): ବିଶାଖାପାଟଣାରେ ଅନୁଷ୍ଠିତ ଏନ୍‌ଟିପିସି ଏମ୍ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ୍‌ରେ ଚାମ୍ପିଅନ ହୋଇ ଓଡ଼ିଶା ଦଳ ରାଜ୍ୟ ପାଇଁ ଗୌରବ ଆଣିଛି। ବୁଧବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲ ମୁକାବିଲାରେ ଓଡ଼ିଶା ୨୯ ରନରେ ଘରୋଇ ଆନ୍ଧ୍ର ପ୍ରଦେଶ ମହିଳା ଦଳକୁ ପରାସ୍ତ କରିଥିଲା। ବର୍ଷା ଯୋଗୁ ଫାଇନାଲ ମ୍ୟାଚକୁ ୧୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ୱିକେଟ୍‌ରେ ୧୦୯ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଫୁଲ ସୋରେନ ସର୍ବାଧିକ ଅପରାଜିତ ୩୯ ରନ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୧୩.୫ ଓଭରରେ ୮୦ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ବିଜୟୀ ଓଡ଼ିଶା ଦଳର ବାସନ୍ତୀ ହାଁସଦା ୪ଟି ରନ୍‌ଆଉଟ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ବି-୧ ବର୍ଗରେ ଯମୁନାରାଣୀ ଟୁଡୁ, ବି-୨ରେ ସୁକାନ୍ତୀ ଦଳପତି ଓ ବି-୩ ବର୍ଗରେ ଝିଲ୍ଲୀ ବିରୁଆ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାମ୍ପିଅନ ଓଡ଼ିଶା ମହିଳା ଦଳକୁ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ସଭାପତି ମହମ୍ମଦ ଜାଫର ଇକବାଲଙ୍କ ସମେତ ସନ୍ନ୍ୟାସୀ କୁମାର ବେହେରା, ଦେବାଶିଷ ଜେନା, ସୁଖରାମ ମାଝୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସୁଖଦେବ ସୋରେନ ଓଡ଼ିଶା ମହିଳା ଦଳର ପ୍ରଶିକ୍ଷକ ଭାବେ ବିଶାଖାପାଟଣା ଗସ୍ତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS